R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୬୭
ତିଥି : ଏକାଦଶୀ
୨୧ ମାର୍ଚ୍ଚ ୨୦୨୪, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 167
21 March 2024, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

ପ୍ରଥମ ପର୍ଯ୍ୟାୟ ଭୋଟ୍ ଲାଗି ବିଜ୍ଞପ୍ତି

ନୂଆଦିଲ୍ଲୀ, ୨୦।୩ : ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏପ୍ରିଲ ୮ରେ ଭୋଟ୍ ଗ୍ରହଣ କରାଯିବ । ୨୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ ଲୋକସଭା ଆସନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଛି । ମାର୍ଚ୍ଚ ୨୭ ସୁଦ୍ଧା ନାମାଙ୍କନପତ୍ର ଦାଖଲ କରାଯିବ । ବିହାରରେ ଏକ ପର୍ବ ଥିବାରୁ ନାମାଙ୍କନପତ୍ରର ଶେଷ ତାରିଖ ୨୮ ତାରିଖ କରାଯାଇଛି । ସେହିପରି ୨୮ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ହୋଇ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ୩୦ ମାର୍ଚ୍ଚ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି । ଏପ୍ରିଲ ୨ କେବଳ

୨୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ ଆସନରେ ଭୋଟ୍

ପର୍ବ ଲାଗି ବିହାରରେ ନାମାଙ୍କନ ଦାଖଲ ଓ ପ୍ରତ୍ୟାହାର ତାରିଖ ଘୁଞ୍ଚିଲା

ଏପ୍ରିଲ ୧୯ରେ ହେବ ଭୋଟ୍

ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ବିହାର ରହିଛି ।

୨୦୨୪ ଲୋକସଭା ନିର୍ବାଚନ ୭ଟି ପର୍ଯ୍ୟାୟରେ ହେବ । ଏପ୍ରିଲ ୧୯ରୁ ଜୁନ୍ ୧ ଯାଏ ମତଦାନ ହେବ । ପ୍ରଥମ ପର୍ଯ୍ୟାୟ ମତଦାନ ଏପ୍ରିଲ ୧୯ରେ ହେବ । ଏଥିନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାଜନୈତିକ ବାତାବରଣ ବେଶ୍ ଚଳଚଞ୍ଚଳ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଅରୁଣାଚଳ ପ୍ରଦେଶ, ଆଣ୍ଡାମାନ ନିକୋବର, ଆନ୍ଧ୍ର, ଚଣ୍ଡିଗଡ, ଦିଲ୍ଲୀ, ଗୋଆ, ଗୁଜରାଟ, ହିମାଚଳ, ହରିୟାଣା, କେରଳ, ଲାକ୍ଷାଦ୍ୱୀପ, ଲଦାଖ, ମିଜୋରାମ, ମେଘାଳୟ, ନାଗାଲାଣ୍ଡ, ପୁଡୁଚେରୀ, ସିକିମ୍, ତାମିଲନାଡୁ, ପଞ୍ଜାବ, ତେଲେଙ୍ଗାନା, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଜମ୍ମୁକାଶ୍ମୀର ଓ ଉତ୍ତରାଖଣ୍ଡରେ ଭୋଟ୍ ହେବ । ସେହିଭଳି ୨୬ଟି ବିଧାନସଭା ଆସନରେ ମଧ୍ୟ ଉପନିର୍ବାଚନ କରାଯାଉଛି । ନିର୍ବାଚନ କମିଶନ ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ବିଶେଷକରି ସୋସିଆଲ ମିଡିଆରେ ଫେକ୍ ନ୍ୟୁଜ୍ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି । ଏଥିଲାଗି କିଛି ଜରିମାନାର ବ୍ୟବସ୍ଥା କରାଯାଇଛି ।

ଆଜିଠୁ ଫିଟିବ ପାଗ

ଭୁବନେଶ୍ୱର, ୨୦।୩ (ସବ୍ୟ) : ଖରାଦିନେ ବେହାଲ କରିଛି ବର୍ଷା । ଗତ ଦୁଇଦିନ ହେବ ସାରା ରାଜ୍ୟରେ ତୁହାକୁ ତୁହା ବର୍ଷା ଯୋଗୁ ଜନଜୀବନ ପ୍ରଭାବିତ ହୋଇଥିଲା । ଆଜି (ବୁଧବାର) ଭୋର୍‌ରୁ ଲାଗି ରହିଥିଲା ଭୀଷଣ ବର୍ଷା । ଦିନତମାମ ବର୍ଷା ଜାରି ରହିଥିବା ଯୋଗୁ ପାଗ କୋହଲା ରହିଥିଲା । ଦିନ ତାପମାତ୍ରା ଏତେ ତଳକୁ ଖସି ଆସିଥିଲା ଯେ, ଦୀର୍ଘ ୭୦ବର୍ଷର ରେକର୍ଡ ଭାଙ୍ଗିଛି । ୧୯୫୨ ମସିହା ପରେ ମାର୍ଚ୍ଚରେ ଆଜି ସର୍ବୋଚ୍ଚ ତାପମାତ୍ରା ୧୯.୨ଡିଗ୍ରୀ ରେକର୍ଡ କରାଯାଇଛି । ଆସନ୍ତାକାଲି (ଗୁରୁବାର) ପାଗ ଫିଟିବ । ଏହା ସହ ସର୍ବୋଚ୍ଚ ତାପମାତ୍ରା ୮ରୁ ୧୦ଡିଗ୍ରୀ ବୃଦ୍ଧି ପାଇ ତାତି ବଢିବ । ଏମିତି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଭାଗର କହିବାନୁସାରେ ଢେଙ୍କାନାଳରେ ସର୍ବାଧିକ ୭୨.୨ ମିଲିମିଟର ବର୍ଷା

ଢେଙ୍କାନାଳରେ ସର୍ବାଧିକ ୭୨.୨ ମିମି ବର୍ଷା

୭୨ବର୍ଷର ରେକର୍ଡ ଭାଙ୍ଗିଲା ପାରଦ

୧୯୫୨ ମସିହା ପରେ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୧୯.୨°

୨୨ରୁ ପାରଦ ୮ରୁ ୧୦ଡିଗ୍ରୀ ବୃଦ୍ଧି ପାଇବ

ହୋଇଥିବା ବେଳେ ଅନୁଗୁଳରେ ୬୮ ମିଲିମିଟର, ବୌଦ୍ଧରେ ୬୬.୨ ମିମି, କନ୍ଧମାଳରେ ୬୬ମିମି, ବଲାଙ୍ଗୀରରେ ୬୫.୨ମିମି, ଅନୁଗୁଳରେ ୬୫ମିମି, ନୂଆପଡାରେ ୬୫ମିମି, କଟକରେ ୬୪ମିମି, ଖୋର୍ଦ୍ଧାରେ ୬୦ମିମି, ସୋନପୁରରେ ୫୮ମିମି, କେନ୍ଦୁଝରରେ ୫୦ମିମି, ଭଦ୍ରକରେ ୪୯ମିମି, ଯାଜପୁରରେ ୪୬.୬ମିମି, ଗଞ୍ଜାମରେ ୪୦ମିମି, ନୂଆପଡାରେ ୪୫ମିମି, କଳାହାଣ୍ଡିରେ ୪୬ମିମି ବର୍ଷା ରେକର୍ଡ କରାଯାଇଛି ।

ରାଜଧାନୀରେ ଦିନର ତାପମାତ୍ରା ସର୍ବକାଳୀନ (୯ ପୃଷ୍ଠାରେ)

ଝାରପଡା ଜେଲ୍‌ରେ ପୋଲିସ ଚଢ଼ାଉ

ଭୁବନେଶ୍ୱର, ୨୦।୩ (ସବ୍ୟ) : ଭୁବନେଶ୍ୱର ଝାରପଡାସ୍ଥିତ ସ୍ୱତନ୍ତ୍ର କାରାଗାରରେ ଦୁଇଗୋଷ୍ଠୀ ମଧ୍ୟରେ ଗ୍ୟାଙ୍ଗୱାର ହୋଇଥିଲା । ଗ୍ୟାଙ୍ଗୱାର ଖବର ପ୍ରସାରିତ ହେବା ପରେ ବୁଧବାର ଭୋର୍ ସମୟରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ ୪ ପ୍ଲାଟୁନ ଫୋର୍ସ ସହ ଜେଲ୍ ଉପରେ ଚଢାଉ କରିଥିଲେ । ଚଢାଉ ବେଳେ ଗଞ୍ଜେଇ, ଚିଲମ, ଡିଆସିଲି, ବିଡି, ଖଇନି, ଖୁଟ୍‌କା ପ୍ରଭୃତି ମିଳିଥିଲା । ଏହି ଘଟଣାକୁ ନେଇ ଜେଲ୍ ପ୍ରଶାସନରେ ଚର୍ଚ୍ଚା ଜୋର୍ ହେଉଛି । କେବଳ ଝାରପଡା ଜେଲ୍ ନୁହେଁ

ନିଶାଦ୍ରବ୍ୟ ଜବତ

ପୂର୍ବରୁ ଖୋର୍ଦ୍ଧା ଜେଲ୍‌ରେ ମଧ୍ୟ ଚଢାଉ ହୋଇଥିଲା । ଚଢାଉରେ ମାଦକ ଦ୍ରବ୍ୟ ସାଙ୍ଗକୁ ବହୁ ଆପତ୍ତିଜନକ ଜିନିଷ ମିଳିଥିଲା । ଭୁବନେଶ୍ୱର, ଖୋର୍ଦ୍ଧା ନୁହେଁ ସାରା ଓଡ଼ିଶାର ବିଭିନ୍ନ ଜେଲ୍‌ରେ ଅପରାଧିକ କାର୍ଯ୍ୟକଳାପ ସାଙ୍ଗକୁ ନିଶାଦ୍ରବ୍ୟ କାରବାର ହେଉଛି । ଜେଲ୍ ମଧ୍ୟରୁ ଅପରାଧ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଉଥିବା ପ୍ରମାଣିତ ହୋଇଛି ।

ଡିସିପି, ଅତିରିକ୍ତ ଡିସିପି, ୫ ଏସିପି, ଆଇଆଇସିଙ୍କ ସହ ୧୧ ଇନ୍ସପେକ୍ଟର (୯ ପୃଷ୍ଠାରେ)

ପରିବାର ପାର୍ଟି ନେତାଙ୍କ ଉପରେ ୪ ରାଜ୍ୟରେ ବିଜେପିର ଭରସା

ମହାରାଷ୍ଟ୍ର, ଝାଡଖଣ୍ଡ, ହରିୟାଣା, ବିହାରରେ ବିଜେପି ସହଯୋଗୀ ସାଜିଛନ୍ତି ଦଳ ଭାଙ୍ଗିଥିବା ପରିବାରବାଦୀ ନେତା

ନୂଆଦିଲ୍ଲୀ, ୨୦।୩ : ପରିବାରବାଦ୍‌କୁ ନେଇ ବିଜେପି ସର୍ବଦା ଅନ୍ୟ ଦଳଗୁଡିକୁ ଆକ୍ଷେପ କରୁଛି । ମାତ୍ର କେତେକ ରାଜ୍ୟରେ ବିଜେପି ନିର୍ବାଚନ ଜିତିବା ଲାଗି ପରିବାରବାଦ୍ ପାର୍ଟି ଉପରେ ଭରଷା କରୁଛି । ମୂଳ ଦଳରୁ ଏମାନଙ୍କୁ ବିଭାଜନ କରାଇ ନିଜ ସହ ରଖି ନିର୍ବାଚନ ଲଢ଼ିବା ଲାଗି ଯୋଜନା କରିଛି । ନିକଟରେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାରେ ଶିବୁ ସୋରେନ୍‌ଙ୍କ ବୋହୂ ବିଜେପିରେ ଯୋଗ ଦେଇଛନ୍ତି । ଏନ୍‌ସିପିକୁ ମଧ୍ୟ ଭାଗ କରାଯାଇ ଶରଦ ପାୱାରଙ୍କ ପୁତୁରା ଅଜିତ୍ ପାୱାରଙ୍କୁ ଦଳ ସାଥିରେ ରଖିଛି । ସେହିଭଳି ଆଇଏନ୍‌ଏଲ୍‌ଡି ମଧ୍ୟ ବିଜେପିକୁ ସମର୍ଥନ କରିବ ।

ନିର୍ବାଚନ ସମୟରେ ବିଜେପିର ତାରକା ପ୍ରଚାରକ ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ମୋଦି ପରିବାରବାଦ୍ ନେଇ ବିରୋଧୀଙ୍କୁ ଆକ୍ଷେପ କରୁଛନ୍ତି । ତେବେ ପରିବାର ଦ୍ୱାରା ପରିଚାଳିତ ଅନେକ ପାର୍ଟିକୁ ୨୦୧୯ ପରେ ବିଜେପି ଭାଙ୍ଗିଛି । ବିହାରରେ ପାସ୍‌ୱାନଙ୍କ ଦ୍ୱାରା ପରିଚାଳିତ ପାର୍ଟି, ହରିୟାଣାରେ ଚୌତାଲା ଓ ମହାରାଷ୍ଟ୍ରରେ ପାୱାର ପରିବାରରେ ଫାଟ ସୃଷ୍ଟି ହୋଇଛି । ଯେଉଁମାନେ ଦଳ ଭାଙ୍ଗିଛନ୍ତି ସେମାନେ ବିଜେପିରେ ସାମିଲ ହୋଇଛନ୍ତି । ହରିୟାଣା, ମହାରାଷ୍ଟ୍ର ଓ ବିହାରରେ ପରିବାରବାଦ୍ ଉପରେ ଦଳ ଭରଷା କରିଛି । ନିକଟରେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ପ୍ରତିଷ୍ଠାତା ଶିବୁ ସୋରେନଙ୍କ ବୋହୂ ସୀତା ସୋରେନ୍ ବିଜେପିରେ ଯୋଗ ଦେଇଛନ୍ତି । ଏହା ଜେଏମ୍‌ଏମ୍ ପାଇଁ ମୁଣ୍ଡ ବ୍ୟଥା ହୋଇଛି । ବହୁ ବର୍ଷ ପରେ ଶିବୁ ସୋରେନଙ୍କ ପରିବାରରେ ଫାଟ ସୃଷ୍ଟି ହୋଇଛି । ଜେଏମ୍‌ଏମ୍ ବିରୋଧରେ ସୀତା ସୋରେନଙ୍କୁ ବିଜେପି ବ୍ୟବହାର କରିବ । ଶିବୁ ସୋରେନ୍‌ଙ୍କ ପୁଅ ତଥା ଝାଡଖଣ୍ଡର ପୂର୍ବ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଖଣି ମାମଲାରେ ଜେଲ୍‌ରେ ଅଛନ୍ତି । ତାଙ୍କ ପତ୍ନୀ କଳ୍ପନା ସୋରେନ୍ ନିର୍ବାଚନ ମଙ୍ଗ ଧରିଛନ୍ତି ଓ ଭୋଟରମାନଙ୍କର ସହାନୁଭୂତି ଲୋଡୁଛନ୍ତି । ହେମନ୍ତ ସୋରେନଙ୍କୁ ଜେଏମ୍‌ଏମ୍ ଇଣ୍ଡିଆ ମେଣ୍ଟ ସହ ରହିଛି । ସେହିଭଳି ବିହାର ଓ ମହାରାଷ୍ଟ୍ରରେ ଦାଦା-ପୁତୁରା ଲଢ଼େଇ ଦେଖିବାକୁ ମିଳୁଛି । ଝାଡଖଣ୍ଡରେ ଦୁଇ ବୋହୂଙ୍କ ମଧ୍ୟରେ ଲଢ଼େଇ ହେଉଥିବାବେଳେ ବିହାର ଓ ମହାରାଷ୍ଟ୍ର ଏଥର ଦାଦା-ପୁତୁରାଙ୍କ ଲଢ଼େଇ ଦେଖିବ । ୨୦୨୧ରେ ରାମବିଳାଶ ପାସ୍‌ୱାନଙ୍କ ପାର୍ଟି ଏଲ୍‌ଜେପି ବିଭାଜିତ ହୋଇଥିଲା । ତାଙ୍କ ଭାଇ ପଶୁପତି କୁମାର ପାରସ୍ ଓ ପୁତୁରା ଚିରାଗ ପାସ୍‌ୱାନଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା । ପଶୁପତି ପାରସ୍ ୪ ସାଂସଦଙ୍କ ସହ ଦଳ ଛାଡିଥିଲେ ଓ ବିଜେପି ସହ ସାମିଲ ହୋଇ କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ । ଏବେ ତାଙ୍କ ପସନ୍ଦ ମୁତାବକ ଆସନ ନମିଳିବାରୁ ସେ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି । ଚିରାଗ ପାସ୍‌ୱାନ୍ ଯିଏକି ନୀତିଶ କୁମାରଙ୍କ (୯ ପୃଷ୍ଠାରେ)

ବିଦ୍ୟୁତ୍ ସଂସ୍ପର୍ଶରେ ଭାଲୁ ମୃତ

ରେଢାଖୋଲ, ୨୦।୩ (ସବ୍ୟ) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ କିସିଣ୍ଡା ରାସ୍ତାର ବାଲି କିଆରୀ ଗ୍ରାମ ନିକଟସ୍ଥ ରାସ୍ତା କଡ଼ରେ ବୁଧବାର ସକାଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଏକ ଭାଲୁର ମୃତ୍ୟୁ ହୋଇଛି । ସୂଚନାଯୋଗ୍ୟ ଯେ, ମଙ୍ଗଳବାର ରେଢ଼ାଖୋଲ ଅଞ୍ଚଳରେ ଘଡ଼ଘଡ଼ି ବର୍ଷା ସହ ଝଡ ତୋଫାନ ହୋଇଥିଲା । ଏଥିରେ ରେଢ଼ାଖୋଲରୁ କିସିଣ୍ଡା ଅଞ୍ଚଳକୁ ରାସ୍ତା କଡ଼ରେ ଯାଇଥିବା ବିଦ୍ୟୁତ ତାର ବାଲିକିଆରୀ ଗ୍ରାମ ନିକଟରେ ଝଡ ତୋଫାନ ଯୋଗୁଁ ଛିଣ୍ଡି ତଳେ ପଡ଼ିଥିଲା । ଭାଲୁଟି ଉକ୍ତ ରାସ୍ତାରେ ଯାଉଥିବା ସମୟରେ ଉକ୍ତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ଘଟଣାସ୍ଥଳରେ ବନ ବିଭାଗର କର୍ମଚାରୀମାନେ ପହଞ୍ଚି ଭାଲୁର ମୃତ ଦେହ ଜବତ କରି ଘଟଣାର ତଦନ୍ତ କରୁଛି ।

ରାହୁଲଙ୍କ ନାମରେ ଇସିରେ ବିଜେପିର ଫେରାଦ

ନୂଆଦିଲ୍ଲୀ, ୨୦।୩ : କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ବିରୋଧରେ ବିଜେପି ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛି । ଇଭିଏମ୍ ନେଇ ତାଙ୍କର ମତ ଓ ଶକ୍ତି ବିରୋଧରେ ଆମର ଲଢ଼େଇ ଜାରି ରହିଛି ବୋଲି ଯେଉଁ ମତ ଦେଇଥିଲେ ତାହାକୁ ନେଇ ବିଜେପି ପକ୍ଷରୁ ଆପତ୍ତି ଉଠାଯାଇଛି । ମୁମ୍ବାଇରେ ମାର୍ଚ୍ଚ ୧୭ରେ ଏକ ରାଲିରେ ରାହୁଲ କହିଥିଲେ ଯେ ହିନ୍ଦୁଜିମ୍‌ରେ ଶକ୍ତି ଏକ ଶବ୍ଦ ଅଛି । ଆମେ ଏହା ବିରୋଧରେ ଲଢୁଛୁ । ସେହିଭଳି ସେ ରାଜାର ଆତ୍ମା ଇଭିଏମ୍‌ରେ ବୋଲି ଦର୍ଶାଇଥିଲେ ।

ରାହୁଲ କହିଥିଲେ ଯେ ରାଜାର ଆତ୍ମା ଇଭିଏମ୍‌ରେ ରହିଛି ଏହା ସତ୍ୟ । ଦେଶର ପ୍ରତି ସାମ୍ବିଧାନିକ ସଂସ୍ଥାକୁ ସେମାନେ କବ୍‌ଜା କରିଛନ୍ତି । ଇଡି, ସିବିଆଇ ଓ ଆୟକର ବିଭାଗ ଏମାନଙ୍କ ଅଧିନକୁ ଚାଲିଯାଇଛି । ସେହିପରି ସେ କହିଥିଲେ ଯେ ଇଭିଏମ୍ ବିନା ପ୍ରଧାନମନ୍ତ୍ରୀ ମୋଦି କୌଣସି ନିର୍ବାଚନ ଜିତିପାରିବେ ନାହିଁ । କେନ୍ଦ୍ରମନ୍ତ୍ରୀ ହରଦ୍ୱୀପ ସିଂ ପୁରୀ ଆଜି ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟକୁ ଆସି ରାହୁଲଙ୍କ ବିରୋଧରେ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ କଂଗ୍ରେସ ଦଳ ପକ୍ଷରୁ ଏଭଳି ବିଭ୍ରାନ୍ତିକର ମନ୍ତବ୍ୟ ଦିଆଯାଇଛି । ନିର୍ବାଚନ କମିଶନ କାର୍ଯ୍ୟାନୁଷ୍ଠାନ କରନ୍ତୁ । ଯଦି କଂଗ୍ରେସ ଏଭଳି ଭାବରେ ମିଛର ପ୍ରଚାର କରେ ତେବେ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ । ନହେଲେ ସେମାନେ ଏଭଳି ଅପପ୍ରଚାର କରିଚାଲିବେ । ରାହୁଲ ଗାନ୍ଧିଙ୍କ ମନ୍ତବ୍ୟକୁ ବିଜେପି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ନିଜେ ନିର୍ବାଚନ ଆୟୁଧ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଗତ ଦୁଇ ଦିନରେ ଅନେକ ନିର୍ବାଚନ ରାଲିରେ ରାହୁଲଙ୍କ ଶକ୍ତି ମନ୍ତବ୍ୟକୁ ନେଇ ବୟାନ ରଖୁଛନ୍ତି । ସେ ଏହାକୁ ହିନ୍ଦୁ ଧର୍ମ ଓ ନାରୀ ଶକ୍ତି ସହ ଯୋଡୁଛନ୍ତି । ତେବେ ରାହୁଲ ବିଜେପିର ଏହି ଅପପ୍ରଚାରକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଯେ ମୋର ପ୍ରତି ଶବ୍ଦକୁ ଅପଭ୍ରଂଶ କରାଯାଉଛି । କଂଗ୍ରେସ ମଧ୍ୟ ରାହୁଲଙ୍କ ସମର୍ଥନରେ ବାହାରିଛି ଓ ଶକ୍ତିର ଅର୍ଥକୁ ଆଶୁରିକ ବୋଲି ଦର୍ଶାଇଛି ।

ରବିବାର ସତ୍ତ୍ୱେ ୩୧ରେ ଖୋଲିବ ବ୍ୟାଙ୍କ୍

ଭୁବନେଶ୍ୱର, ୨୦।୩ (ସବ୍ୟ) : ରବିବାର ସତ୍ତ୍ୱେ ଚଳିତ ମାସର ଶେଷ ତାରିଖ ଅର୍ଥାତ ମାର୍ଚ୍ଚ ୩୧ରେ ସବୁ ବ୍ୟାଙ୍କ ଖୋଲା ରହିବ । ଦେଶର ସବୁ ଏଜେନ୍ସି ବ୍ୟାଙ୍କ ରବିବାର ଦିନ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ମୁଖ୍ୟ ଜେନେରାଲ ମ୍ୟାନଜରଙ୍କ ନାଁରେ ଜାରି ହୋଇଥିବା ନୋଟିଫିକେସନରେ କୁହାଯାଇଛି ଯେ ଭାରତ ସରକାର ମାର୍ଚ୍ଚ ୩୧ରେ ବ୍ୟାଙ୍କଗୁଡ଼ିକ ଖୋଲା ରଖିବା ପାଇଁ ଅନୁରୋଧ କରିଥିଲେ । ସରକାରୀ ନେଣଦେଣ ସହ ଜଡ଼ିତ ଦେଶର ସବୁ ବ୍ୟାଙ୍କର ବ୍ରାଞ୍ଚକୁ ରବିବାର ସତ୍ତ୍ୱେ ଖୋଲା ରଖିବାକୁ ଅନୁରୋଧ ଆସିଥିଲା । ୨୦୨୩-୨୪ ଆର୍ଥିକ ବର୍ଷର ଶେଷ ଦିନ ହେଉଛି ମାର୍ଚ୍ଚ ୩୧ । ଆର୍ଥିକ ବର୍ଷର ଶେଷ ଦିନ ସରକାରୀ ନେଣଦେଣକୁ ସୂଚାରରୂପେ ତୁଲାଇବା ପାଇଁ ମାର୍ଚ୍ଚ ୩୧ରେ ସବୁ ବ୍ୟାଙ୍କର ବ୍ରାଞ୍ଚଗୁଡ଼ିକ ଖୋଲା ରହିବ । ସରକାରୀ କାରବାର ସହ ଜଡ଼ିତ ଥିବା ବ୍ରାଞ୍ଚଗୁଡ଼ିକୁ ମାର୍ଚ୍ଚ ୩୧ରେ ଖୋଲା ରଖିବା ପାଇଁ ଏଜେନ୍ସି ବ୍ୟାଙ୍କକୁ ପରାମର୍ଶ ଦିଆଯାଇଛି ।

ମେଣ୍ଟ ନେଇ ଦ୍ୱନ୍ଦ୍ୱ ବଢ଼ାଇଲା ଶାହାଙ୍କ ମନ୍ତବ୍ୟ

ସ୍ଥିର ହୋଇନି, କିଛି ବି ଘଟିପାରେ

ନୂଆଦିଲ୍ଲୀ, ୨୦।୩ : ଆଗାମୀ ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା ସରିଛି । ଓଡ଼ିଶାରେ ମଧ୍ୟ ଲୋକସଭା ସହ ବିଧାନସଭା ନିର୍ବାଚନ ହେବ । ତେବେ କ୍ଷମତାସୀନ ବିଜେଡି ଓ ମୁଖ୍ୟ ବିରୋଧୀ ଦଳ ବିଜେପି ସହ ଏଠାରେ ମେଣ୍ଟ ହେବ କି ନେଇ ଏବେସୁଦ୍ଧା କୌଣସି ସ୍ପଷ୍ଟ ଚିତ୍ର ଆସୁନାହିଁ । ତେବେ ଆଜି ଏକ ଜାତୀୟ ଟିଭି ଚ୍ୟାନେଲ୍ କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ବୟାନ ପୁଣି ଦ୍ୱନ୍ଦ୍ୱ ବଢ଼ାଇଛି । ଓଡ଼ିଶା ବାବଦରେ କିଛି ନିଷ୍ପତ୍ତି ହୋଇନି ବୋଲି ସେ କହିବା ସହ ଦଳର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା

ନେବେ ବୋଲି ସୂଚନା ଦେଇଛନ୍ତି । ଶାହା କହିଛନ୍ତି ଯେ ଓଡ଼ିଶାରେ ଏକାଠି ଲଢ଼ିବୁ କିମ୍ବା ଏକାକୀ ଲଢ଼ିବୁ ତାହା ନିଷ୍ପତ୍ତି ହୋଇନି । ଏକାକୀ ଲଢ଼ିଲେ ରାଜ୍ୟରେ ସରକାର ଗଢ଼ିବା ପାଇଁ ହିଁ ଲଢ଼ିବୁ ।

ଶ୍ରୀ ଶାହା କହିଥିଲେ ଯେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଓଡ଼ିଶା ସମ୍ପର୍କରେ ନିଷ୍ପତ୍ତି ନେବେ । ଓଡ଼ିଶାରେ ଆମ ସ୍ଥିତି ଅଧିକ ସୁଦୃଢ଼ ହେବାକୁ ଯାଉଛି । ଦଳର କର୍ମକର୍ତ୍ତାଙ୍କ ଉତ୍ସାହକୁ ଆମେ ଅନୁଭବ କରିଛୁ । ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନରେ ଫଳାଫଳ ବହୁତ ଭଲ ହେବ । ଆକଳନ ଠାରୁ ଅଧିକ ସିଟ୍ ପାଇବୁ । ଏପରିକି ମେଣ୍ଟ ସମ୍ପର୍କରେ ଶ୍ରୀ ଶାହା କହିଛନ୍ତି ଯେ କିଛି ବି ହୋଇପାରେ । ପ୍ରଥମେ ଏକାଠି କି ଏକାକୀ ଲଢ଼ିବୁ ତାହା ସ୍ଥିର ହେଉ । ଯଦି ମିଶିକି ଲଢ଼ିବୁ ତେବେ ନବୀନ ବାବୁ ନେତା ହେବେ । ଆମେ ସହଯୋଗୀ ଭାବେ ଲଢ଼ିବୁ । ମେଣ୍ଟ ସର୍ବଦା ଆବଶ୍ୟକତା ଆଧାରରେ ହୁଏନି । ବହୁ ଦଳ ରାଷ୍ଟ୍ରୀୟ ସ୍ୱାର୍ଥରେ ପ୍ରସଙ୍ଗ ଭିତ୍ତିକ ସମର୍ଥନ ଦେଇଥାନ୍ତି । ବିଜେଡି ମଧ୍ୟ ଅତିତରେ ଆମ ସରକାରକୁ ପ୍ରସଙ୍ଗ ଭିତ୍ତିକ ସମର୍ଥନ ଦେଇଛି। ଧାରା ୩୭୦ ଉଚ୍ଛେଦ, ଜିଏସ୍‌ଟି ଓ ନିର୍ବାଚନୀ ବଣ୍ଡ ଆଦି ପ୍ରସଙ୍ଗରେ ମଧ୍ୟ ସମର୍ଥନ ମିଳିଛି । ଏହା ହେଉଛି ଗଣତନ୍ତ୍ରର ସୌନ୍ଦର୍ଯ୍ୟ । ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ରାଷ୍ଟ୍ରୀୟ ହିତରେ ରାଜନୈତିକ ଦଳଗୁଡିକ ସରକାରଙ୍କୁ ସମର୍ଥନ ଦେଇଥାନ୍ତି । ତେବେ ଶାହାଙ୍କ ଏହି ବୟାନ ରାଜନୈତିକ ଦୃଷ୍ଟିକୋଣରୁ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । (୯ ପୃଷ୍ଠାରେ)

କୋରାପୁଟ, ନବରଙ୍ଗପୁର ସଂସଦୀୟ କ୍ଷେତ୍ର ନେତା ନବୀନ ନିବାସରେ

ସଂଗଠନ ମଜଭୁତ କରିବାକୁ ନବୀନଙ୍କ ପରାମର୍ଶ

ଭୁବନେଶ୍ୱର, ୨୦।୩ (ସବ୍ୟ) : ଏପଟେ ମେଣ୍ଟକୁ ନେଇ ଦ୍ୱନ୍ଦ୍ୱ ବା ଅନିଶ୍ଚିତତା ଲାଗି ରହିଥିବାବେଳେ ନବୀନ ନିବାସରେ କୋରାପୁଟ ଓ ନବରଙ୍ଗପୁର ସଂସଦ

ଖରାଦିନିଆ ଯତ୍ନ

ମଧୁମେହ ରୋଗୀଙ୍କର ବିଶେଷ ଭାବେ ନିଜ ସ୍ୱାସ୍ଥ୍ୟର ଧ୍ୟାନ ରଖିବାକୁ ହୋଇଥାଏ । ତେବେ ଖରାଦିନ ଆସିଲେ ସେମାନଙ୍କୁ ବିଭିନ୍ନ ଦିଗ ପ୍ରତି ଧ୍ୟାନ ରଖି ଚଳିବାକୁ ହୋଇଥାଏ । ତେବେ କିଛି ଟିପ୍ସ ରହିଛି ଯାହାକୁ ଅନୁକରଣ କରିବା ଦ୍ୱାରା ଆମେ ମଧୁମେହକୁ ନିୟନ୍ତ୍ରଣରେ ରଖିବା ସହିତ ସୁସ୍ଥ ରହିପାରିବା ।

- ସବୁବେଳେ ଫିଜିକାଲି ଆକ୍ଟିଭ୍ ରୁହନ୍ତୁ । ତେବେ ଖରାକୁ କମ ବାହାରନ୍ତୁ, ସକାଳୁ କିମ୍ବା ସନ୍ଧ୍ୟାବେଳେ ୩୦ ମିନିଟ୍ ଲେଖାଏଁ ଚାଲିପାରିବେ । ଏହାଦ୍ୱାରା ଆପଣ ସୁସ୍ଥ ରହିବେ । ଏହାଦ୍ୱାରା ବ୍ଲଡ୍ ସୁଗାର ଲେବଲ ନିୟନ୍ତ୍ରଣରେ ରହିବ ।



- ଖାଦ୍ୟରେ ଅଧିକମାତ୍ରାରେ ଫାଇବାର ସାମିଲ କରନ୍ତୁ । ଯେଉଁମାନଙ୍କର ମଧୁମେହ ରହିଛି, ସେମାନଙ୍କୁ ଫାଇବରପୂର୍ଣ୍ଣ ଖାଦ୍ୟ ବିଶେଷ ସହାୟକ ହୋଇଥାଏ । ଏହା ଦ୍ୱାରା ବ୍ଲଡ୍ ସୁଗାର ଲେବଲ ସ୍ପାଇକ୍ ହୋଇନଥାଏ । ତେଣୁ ଖାଇବାରେ ଓଟସ୍, ବ୍ରାଉନ୍ ରାଇସ୍, ହୋଲ୍‌ଗ୍ରେନ୍ ବ୍ରେଡ୍, ଫଳ ଆଦି ସାମିଲ କରନ୍ତୁ ।
- ମଧୁମେହ ରୋଗୀଙ୍କ ପାଇଁ ହାଇଡ୍ରେଟ୍ ରହିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଖରାଦିନ ଆସିଲେ ସାଧାରଣତଃ ଲୋକଙ୍କର ଅଧିକ ଜଳ ଦରକାର ହୋଇଥାଏ, ସେହିପରି ମଧୁମେହ ରୋଗୀଙ୍କର ଅଧିକ ଜଳ ଦରକାର ହୁଏ । ସେହିପରି ଏହିଦିନେ ମଧୁମେହ ରୋଗୀମାନେ କଫି ଠାରୁ ଦୂରରେ ରୁହନ୍ତୁ । ଆପଣ ପଇଡ, ଲେମ୍ବୁ ପାଣି ଭଳି ସ୍ୱାସ୍ଥ୍ୟକର ପାନୀୟ ପିଇ ପାରିବେ ।

ଗୋଲ୍ଡ ଗୁଜିଆ

ଆଉ ମାତ୍ର କେଇଟା ହାତଗଣତି ଦିନ ପରେ ଆସିବ ହୋଲି । ରଙ୍ଗର ଏହି ସୁନ୍ଦର ପର୍ବରେ ସବୁଆଡ଼େ ରଙ୍ଗବେରଙ୍ଗର ପିଚକାରୀ ଓ ରଙ୍ଗର ପସରା ମେଲିଯାଇଛି । ସେହିପରି ହୋଲିରେ ଗୁଜିଆ ପ୍ରସ୍ତୁତ କରିବା ପରମ୍ପରା ମଧ୍ୟ ବହୁ ପୁରାତନ କାଳରୁ ପ୍ରଚଳିତ । କୁହାଯାଏ ବ୍ରଜରେ ହୋଲି ଉତ୍ସବରେ ଭଗବାନ କୃଷ୍ଣଙ୍କୁ ଏହି ମିଠା ଅର୍ଥାତ୍ ଗୁଜିଆ ଭୋଗ ଲାଗି କରାଯାଏ । ତେଣୁ ବ୍ରଜରୁ ହିଁ ଗୁଜିଆ ପ୍ରସ୍ତୁତ କରିବାର ପରମ୍ପରା ଆରମ୍ଭ ହୋଇଥିଲା ବୋଲି ପୁରାଣରେ ବର୍ଣ୍ଣିତ । ତେଣୁ ହୋଲିକୁ ଦୃଷ୍ଟିରେ ରଖି ବିଭିନ୍ନ ଦୋକାନରେ ଗୁଜିଆ ପ୍ରସ୍ତୁତ କରାଯାଉଛି । ଏଥିମଧ୍ୟରୁ ଲକ୍ଷ୍ନୌସ୍ଥିତ ଛପନଭୋଗର ଗୁଜିଆକୁ ନେଇ ସର୍ବତ୍ର ଚର୍ଚ୍ଚା ଜୋର ଧରିଛି । ଏହି ହୋଟେଲ୍‌ରେ ପ୍ରତି ଗୁଜିଆର ଦାମ୍ ପିଛା ପ୍ରାୟ ୧୨୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଏହାର କାରଣ ହେଉଛି ଏହି ଗୁଜିଆ ଉପରେ ୨୪ କ୍ୟାରଟ୍ ସୁନାର ଏକ ଆକର୍ଷଣୀୟ ପରସ୍ତ ଲଗାଯାଇଛି । ଏହାସହିତ ଏହି ଗୁଜିଆରେ ସାଉଥ୍ ଆଫ୍ରିକା, ଆଫଗାନିସ୍ତାନ, ଆମେରିକା ଆଦି ଅନେକ ଦେଶର ଫ୍ଲେବର ମିଶାଯାଇ ଏହାକୁ ପ୍ରସ୍ତୁତ କରାଯାଇଛି । ଯାହା ଏହାର ସ୍ୱାଦକୁ ଅନେକ ଗୁଣ ବୃଦ୍ଧି କରୁଛି । ଲକ୍ଷ୍ନୌର ଏହି ଗୁଜିଆକୁ ବିଶ୍ୱର ସବୁଠୁ ଦାମୀ ଗୁଜିଆ ବୋଲି କୁହାଯାଉଥିବାବେଳେ ଏହାକୁ କିଣିବା ଲାଗି ଲୋକଙ୍କ ମଧ୍ୟରେ ଅନେକ ଚାହିଦା ମଧ୍ୟ ରହିଛି । ଏହାସହିତ ଦେଶବିଦେଶ ଅନେକ ଅର୍ଡର ଆସୁଛି ବୋଲି ଛପନଭୋଗର ପ୍ରବକ୍ତା କ୍ଷିତିଜ୍ କହିଛନ୍ତି । ଏହାବ୍ୟତୀତ ହୋଟେଲ ତରଫରୁ ଅନ୍ୟ ଏକ ବାହୁବଳି ଗୁଜିଆ ପ୍ରସ୍ତୁତ କରାଯାଇଛି, ଯାହାକୁ ବିଶ୍ୱର ସବୁଠୁ ବଡ଼ ଗୁଜିଆ ବୋଲି କୁହାଯାଉଛି ।

ଇତିହାସ

୧୪୧୩– ହେନେରୀ ପଞ୍ଚମ ଇଂଲଣ୍ଡର ରାଜା ହେଲେ ।
୧୭୯୧– ଟିପୁ ସୁଲତାନଙ୍କୁ ପରାସ୍ତ କରି ଇଂରେଜମାନେ ବେଙ୍ଗାଲୁରୁକୁ ନିଜ ଅଧୀନକୁ ନେଲେ ।
୧୮୩୬– କୋଲକାତାରେ ପ୍ରଥମ ସାର୍ବଜନୀନ ଲାଇବ୍ରେରୀ ଖୋଲିଲା, ଯାହା ପରବର୍ତ୍ତୀ ସମୟରେ ନାସନାଲ୍ ଲାଇବ୍ରେରୀ ନାଁରେ ପରିଚିତ ହେଲା ।
୧୮୫୭– ଟୋକିଓରେ ଭୟଙ୍କର ଭୂକମ୍ପ ଆସି ୧.୭୦ ଲକ୍ଷ ଲୋକଙ୍କ ପ୍ରାଣହାନୀ ।
୧୯୩୫– ଫରାସୀ ଭାଷାବିଶିଷ୍ଟ ଦେଶ ଫାରସକୁ ଇରାନ ନାଁରେ ନାମକରଣ କରାଗଲା ।
୧୯୭୧– ପୂର୍ବତନ କ୍ରିକେଟର ସୁନୀଲ ଗାଭାସ୍କର ତାଙ୍କ କ୍ରିକେଟ୍ ଲାଇଫ୍‌ର ପ୍ରଥମ ଟେଷ୍ଟ ଶତକ ହାସଲ କଲେ ।

ସୋସିଆଲ କୋଟ୍ସ

କ୍ୟାରିୟର ପାଇଁ ଅନେକ ସଙ୍ଘର୍ଷ କରିଛି । କାମ ନମିଳିବାରୁ ମୁଁ ଅନେକ ରାତି କାନ୍ଦିବା ସହିତ ଖରାପ ଖାଦ୍ୟ ଖାଇ ବିତାଇଛି ।
ସରଗୁନ୍ ମେହେତା, ଅଭିନେତ୍ରୀ

ଜଣେ ଅଭିନେତା ସହିତ ଗୋବିନ୍ଦା ଜଣେ ଖୁବ ଭଲ ମଣିଷ । ମୁଁ ଯେତେବେଳେ ବି ଗୋବିନ୍ଦାଙ୍କ ଘରକୁ ଯାଏ, ସେତେବେଳେ ସେ ନିଜେ ଚା' ବନାଇ ମୋତେ ଦିଅନ୍ତି ।
ନମାସି ଚକ୍ରବର୍ତ୍ତୀ, ଅଭିନେତା



ସାରା ଅଲ୍ଲୀ ଖାନ୍ ଜଣେ ଭଲ ଅଭିନେତ୍ରୀ । ସେ ଅଭିନୟକୁ ଖୁବ ଭଲ ପାଆନ୍ତି ଓ ଏଥିପାଇଁ ଖୁବ ପରିଶ୍ରମ ମଧ୍ୟ କରନ୍ତି । ତାଙ୍କ ସହିତ ମୁଁ ଭଲ ବଣ୍ଡ୍ ସେୟାର କରେ ।
ବିକ୍ରାନ୍ତ ମେସି, ଅଭିନେତା

ଦେଶୀ ଜିନିୟସ୍

କୁହାଯାଏ ଇଚ୍ଛାଶକ୍ତି ଥିଲେ ଅସମ୍ଭବ କାର୍ଯ୍ୟକୁ ବି ସମ୍ଭବପର କରିହୁଏ । ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଜଣେ ଦେଶୀବୟଙ୍କ କ୍ଷେତ୍ରରେ । ଯେତେବେଳେ ଆମେ କୌଣସି ଗାଡ଼ି ବିଷୟରେ ଭାବୁ ପ୍ରଥମେ ଆମ ଆଖିରେ ଦୁଇରୁ ଅଧିକ ଚକା ଥିବା ମୋଟରସାଇକଲ୍, ସ୍କୁଟର କିମ୍ବା କାର୍‌ର ଦୃଶ୍ୟ ଉଙ୍କିମାରେ । କାହିଁକି ନା ଗାଡ଼ି କ୍ଷେତ୍ରରେ ଚକାର ସବୁଠୁ ଅଧିକ ମହତ୍ତ୍ୱ ରହିଛି । ଥରେ ଯଦି କୌଣସି ଗୋଟିଏ ଚକା ଖରାପ ହୋଇଯିବ, ତେବେ ଗାଡ଼ି ଆଉ ଚାଲିପାରିବ ନାହିଁ । ହେଲେ ଏହାର ଅପଭ୍ରଂଶ ଘଟିଛି ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା ଏକ ଅଦ୍ଭୁତ ଗାଡ଼ି ଆଗରେ । କାହିଁକି ନା ଏହି ଗାଡ଼ିକୁ ଅବିଶ୍ୱସନୀୟ ରୂପେ ଗୋଟିଏ ଚକାରେ ବିକଶିତ କରାଯାଇଛି । ଜଣେ ଭାରତୀୟ ଯୁବକ ନିଜ ଘରେ ହିଁ ୱାନ୍ ହ୍ୱିଲ୍ ସେଲ୍ଫ ବାଲାନ୍ସିଂ ଇଲେକ୍ଟ୍ରିକ୍ ସ୍କୁଟର ବିକଶିତ କରିଛନ୍ତି । ଏହି ସ୍କୁଟର ବିକଶିତ କରିବାର ପ୍ରୋସେସ୍‌କୁ କ୍ୟାମେରାରେ କଏଦ୍ କରି ସେ କ୍ରିଏଟିଭ୍ ସାଇନ୍ସ ନାମକ ତାଙ୍କ ୟୁଟ୍ୟୁବ୍ ଚାନେଲ୍‌ରେ ପୋଷ୍ଟ କରିଛନ୍ତି । ଏହି ଯୁବକଙ୍କ ଦେଶୀ ଜିନିୟସ୍ ମାଇଣ୍ଡକୁ ଦର୍ଶକ ଢେରସାରା ପ୍ରଶଂସା କରିଛନ୍ତି । ଏହି ଗାଡ଼ିରେ ଗୋଟିଏ ମାତ୍ର ଚକା ରହିଥିବାବେଳେ ଏଥିରେ ବସିବା ଲାଗି ସିଟ୍ ମଧ୍ୟ ରହିଛି ।

ପାହାଡି ଦହି ତଡକା

ସାମଗ୍ରୀ– ଗୋଟିଏ ଗିନା ଦହି, ୨ଟି ରସୁଣ, ଗୋଟିଏ ଛୋଟ କଟା ପିଆଜ, ଗୋଟିଏ ଚାମଚ ଜିରା, ଏକ ଚାମଚ ଧନିଆ ଗୁଣ୍ଡ, ଏକ ଚାମଚ ହେଙ୍ଗୁ, ଏକ ଚାମଚ ହଳଦୀ, ଏକ ଚାମଚ ଲଙ୍କା ଗୁଣ୍ଡ, ଧନିଆ ପତ୍ର ।

ପ୍ରଣାଳୀ– ପ୍ରଥମେ ତେଲରେ ହେଙ୍ଗୁ ଓ ଜିରା ପକାନ୍ତୁ । ଏହାପରେ ପିଆଜ ପକାଇ ଭାଜନ୍ତୁ । ପରେ ଏଥିରେ ହଳଦୀ, ଲୁଣ, ଧନିଆ ଗୁଣ୍ଡ, ଶୁଖିଲା ଲଙ୍କା ପକାଇ ଗୋଳାନ୍ତୁ । ଏହାପରେ ଏଥିରେ ଫେଣ୍ଟା ହୋଇଥିବା ଦହି ପକାଇ ୫ରୁ ୭ ମିନିଟ୍ ଗୋଳାନ୍ତୁ । ଶେଷରେ ଧନିଆ ପତ୍ର ପକାଇ ସଜାଇ ପରଷନ୍ତୁ ପାହାଡି ଦହି ତଡକା ।

ବଦ୍ଧ କୋଣାସନ

ଏହି ଆସନଟିକୁ କରିବା ପାଇଁ ସର୍ବପ୍ରଥମେ ଗୋଡ଼ ଦୁଇଟିକୁ ଫୋଲ୍ଡ କରି ବସିପଡ଼ନ୍ତୁ । ଏହି ସମୟରେ ଆପଣଙ୍କ ପାଦ ଦୁଇଟି ଯେମିତି ପରସ୍ପରକୁ ସ୍ପର୍ଶ କରୁଥିବ । ଏହାପରେ ଫଟୋ ଭଳି ଆପଣଙ୍କ ହାତ ଦୁଇଟିରେ ପାଦକୁ ଧରନ୍ତୁ । ଏହି ସମୟରେ ଯେମିତି ଆପଣଙ୍କ ପିଠି ସିଧା ଥିବ । ସେହିପରି ଏହି ଆସନ କରିବା ସମୟରେ ପାରୁ ପର୍ଯ୍ୟନ୍ତ ଗୋଡ଼ଦୁଇଟିକୁ ଭୂମିରେ ଲଗାଇବା ପାଇଁ ଚେଷ୍ଟା କରନ୍ତୁ ।

ଉପକାର

* ମେରୁଦଣ୍ଡ ହାଡ଼କୁ ଫ୍ଲେକ୍‌ଜିବଲ୍ କରିବ ।
* ଶରୀରର ନିମ୍ନ ଅଂଶରେ ଥିବା ଯନ୍ତ୍ରଣାକୁ ଦୂରେଇବ ।
* ଶାରୀରିକ ଓ ମାନସିକ ଅବସାଦକୁ ଦୂର କରିବ ।
* ହଜମ ପ୍ରକ୍ରିୟାକୁ ଉନ୍ନତ କରିବା ସହିତ କୋଷ୍ଠକାଠିନ୍ୟତାକୁ ଦୂରେଇବ ।
* କ୍ଳାନ୍ତପଣରୁ ଆଶ୍ୱସ୍ତି ପ୍ରଦାନ କରିବ ।

ଆକାର ପାଇଁ ଚର୍ଚ୍ଚାରେ ଠେକୁଆ

ସୋସିଆଲ୍ ମିଡିଆରେ ବର୍ତ୍ତମାନ ଏକ ଠେକୁଆର ଫଟୋ ଓ ଭିଡିଓ ଭାଇରାଲ୍ ହେବାରେ ଲାଗିଛି । ଭିଡିଓରେ ଥିବା ଏହି ଠେକୁଆଟି ନିଜର ଆକାର ଓ ଓଜନକୁ ନେଇ ଖୁବ୍ ଚର୍ଚ୍ଚାରେ ରହିଛି । ତେବେ ଏହି ଠେକୁଆକୁ ଯେକେହି ବି ଦେଖିଲେ ଆଶ୍ଚର୍ଯ୍ୟ ଚକିତ ହୋଇଯିବେ, ଏଥିରେ ଦ୍ୱିମତ ନାହିଁ । ଏହି ଠେକୁଆଟି ବର୍ତ୍ତମାନ ବିଶ୍ୱର ସବୁଠୁ ବଡ଼ ଠେକୁଆ ହେବାର ସୌଭାଗ୍ୟ ଅର୍ଜନ କରିଛି । ଆକାରକୁ ନେଇ ଏହା ଅବିକଳ କୁକୁର ଭଳି । ଏହା ବେଲ୍‌ଜିୟମ୍ ଠେକୁଆର ଏକ ପ୍ରଜାତି ହୋଇଥିବାବେଳେ ଯଦି ଏହାକୁ କୌଣସି କୁକୁର ସହିତ ବସାଇ ଦିଆଯିବ ତେବେ ଅନେକ ଲୋକ ଚକିତ ହୋଇଯିବେ । ଫେ୍ଲମିସ୍ ଜିଆଣ୍ଟ୍ ନାମକ ଏହି ଠେକୁଆର ଓଜନ ୨୨ କିଲୋ ହୋଇଥିବା ବେଳେ ଏହାର ଉଚ୍ଚତା ଦେଢ଼ ଫୁଟ ହେବ ବୋଲି ଉଲ୍ଲେଖ କରାଯାଇଛି । ଠେକୁଆର ଏହି ଅଦ୍ଭୁତ ପ୍ରଜାତି ଏବର ନୁହେଁ, ଷୋଡ଼ଶ ଶତାବ୍ଦୀରୁ ଏହି ପ୍ରଜାତିର ଉପସ୍ଥିତି ରହିଛି ବୋଲି ଇତିହାସ ସୂଚାଏ । ତେବେ ଏହି ପ୍ରଜାତି ବେଲ୍‌ଜିୟମ୍ ଷ୍ଟୋନ୍ ରାବିଟ୍‌ରୁ ବିକଶିତ ହୋଇଛି ବୋଲି କୁହାଯାଏ । ଏମାନେ ସାଧାରଣତଃ ରେଡିସ୍ ବ୍ରାଉନ୍ ବା ଲାଲ୍ ମିଶ୍ରିତ ଧୂସର ରଙ୍ଗରେ ଦେଖିବାକୁ ମିଳନ୍ତି । ହେଲେ ଧଳା, ପାଉଁସିଆ ଓ କଳା ରଙ୍ଗରେ ମଧ୍ୟ ଏମାନଙ୍କର ଉପସ୍ଥିତି ରହିଛି ।

ବଢିଲା ଅପେକ୍ଷା

ବିଦ୍ୟା ବାଲାନ୍‌ଙ୍କ ଫ୍ୟାନ୍‌ମାନେ ସବୁବେଳେ ତାଙ୍କ ଫିଲ୍ମକୁ ଅପେକ୍ଷା କରି ରହିଥାଆନ୍ତି । ଆଗକୁ ତାଙ୍କର କିଛି ପ୍ରୋଜେକ୍ଟ ଆସିବାକୁ ଯାଉଛି । ଏଥିରେ ଗୋଟିଏ ପ୍ରୋଜେକ୍ଟ ହେଉଛି 'ଦୋ ଓର ଦୋ ପ୍ୟାର', ଯାହା ମାର୍ଚ୍ଚ ୨୯, ୨୦୨୪ରେ ରିଲିଜ୍ ହେବାର ଥିଲା । ହେଲେ ବର୍ତ୍ତମାନର ସୂଚନା ଅନୁସାରେ ଫିଲ୍ମଟି ଏପ୍ରିଲ୍ ୧୯, ୨୦୨୪ରେ ପରଦାକୁ ଆସିବେ ବୋଲି ଜଣାପଡିଛି । ତେଣୁ ବିଦ୍ୟାଙ୍କୁ ଦେଖିବାକୁ ତାଙ୍କ ଫ୍ୟାନଙ୍କୁ ପୁଣି କିଛି ଦିନ ଅପେକ୍ଷା କରିବାକୁ ପଡିବ । ଏହି ଫିଲ୍ମରେ ବିଦ୍ୟାଙ୍କ ସହିତ ଇଲିଆନା ଡିକ୍ରୁଜ୍ , ପ୍ରତିକ ଗାନ୍ଧୀ ପ୍ରମୁଖ ନଜର ଆସିବେ । ଏହି ଫିଲ୍ମରେ ମଡର୍ଣ୍ଣ ଲଭ୍‌ଷ୍ଟୋରୀ ଉପରେ ଚିତ୍ରଣ କରାଯାଇଛି । ଫିଲ୍ମଟି ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିବ ବୋଲି ପୂରା ଟିମ୍ ଆଶା ରଖିଛନ୍ତି ।

ଭାରତୀୟ ଦଳର ପୂର୍ବତନ କୋଚ୍ ରବି ଶାସ୍ତ୍ରୀ, ଆର୍ ଶ୍ରୀଧର, ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧକ୍ଷ ଭିକେ ପାଣ୍ଡିଆନଙ୍କ ସହ ଭେଟୁଛନ୍ତି ।

ରେଳ ଫାଟକ ପଡିବା ସମୟରେ ଭାଙ୍ଗିଲା ଗେଟ : ମୁଖ୍ୟ ରାସ୍ତାରେ ଚଳାଚଳ ବନ୍ଦ

ସାକ୍ଷୀଗୋପାଳ , (ସବ୍ୟୁ) :ସାକ୍ଷୀଗୋପାଳ ବଜାର ରେଳ ଫାଟକ ପଡୁଥିବା ସମୟରେ ରେଳ ଗେଟଭାଙ୍ଗି ଯିବାରୁ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ସାକ୍ଷୀଗୋପାଳ ବଜାର ମୁଖ୍ୟ ରାସ୍ତାରେ ଚଳାଚଳ ବନ୍ଦ ହୋଇ ଯାଇଥିଲା ।ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଲୋକ ଓ ଯାନବାହାନ ଅଟକି ରହିଥିଲା । ସ୍ଥାନୀୟ ଜନସାଧାରଣ ହଇରାଣ ହରକତ ହେଲେ । ସାକ୍ଷୀଗୋପାଳ ବଜାର ମଧ୍ୟ ଦେଇ ଯାଇଥିବା ପୁରୀ ଖୋର୍ଦ୍ଧା ରେଳ ରେଳ ପଥର ସାକ୍ଷୀଗୋପାଳ ରେଳ ଫାଟକରେ ଏକ ଟ୍ରେନ ଯିବା ପାଇଁ ମଧ୍ୟାହ୍ନ ୧୨ ଘଟିକା ସମୟରେ ରେଳ ଫାଟକ ପଡୁଥିବା ସମୟରେ ହଠାତ ଏକ ପାର୍ଶ୍ୱର ଗେଟ (ବୁମ)ଅଧାରୁ ଭାଙ୍ଗିଯାଇ ଅଚଳ ହୋଇ ପଡିଥିଲା । ସେଠାରେ ଫାଟକ ପକାଉଥିବା କର୍ମଚାରୀମନେ ଦୀର୍ଘ ସମୟ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରିନଥିଲେ ।ଏହି ସମୟରେ ଉକ୍ତ ଲେଭୁଲ କ୍ରସିଂର ଉଭୟ ପାର୍ଶ୍ୱରେ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ସାକ୍ଷୀଗୋପାଳଙ୍କ ଦର୍ଶନ ନିମନ୍ତେ ଆସିଥିବା କିଛି ବସ ଯାତ୍ରୀ , ଗାଡି ମଟର ସହ ସହସହ ଜନସାଧାରଣ ଅପେକ୍ଷା କରି ରହିଥିଲେ । ସେହିପରି ରେଳ ଫାଟକ ଖରାପ ହୋଇ ଯାଇଥିବାରୁ ରେଳ ଚଳାଚଳ ମଧ୍ୟ ବନ୍ଦ ରହିଥିଲା ।ଖବର ପାଇ ସାକ୍ଷୀଗୋପାଳ ରେଳବାଇ ଫାଣ୍ଡି ପୋଲିସ ଅଧିକାରୀଣି ଇନ୍ଦୁମତୀ ସୁକ୍କା ତାଙ୍କ ଟିମ ଓ ଅନ୍ୟ ରେଳ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଭଙ୍ଗା ଗେଟକୁ କାର୍ଯ୍ୟକ୍ଷମ କରିବା ପରେ ଲୋକମାନେ ଯିବା ଆସିବା କରିଥିଲୋସୂଚନା ଥାଉକି ଏହି ରେଳ ଫାଟକରେ ଗେଟ ପଡୁଥିବା ସମୟରେ ଏହି ଭଳି ଅନେକ ଥର ଗେଟ ଭାଙ୍ଗି ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରୁନଥିବାରୁ ସାଧାରଣ ଲୋକ ନାନାଦି ଅସୁବିଧାରେ ପଡୁଛନ୍ତି । ତେଣୁ ଏହି ସମସ୍ୟା ଉପରେ ଦୃଷ୍ଟି ଦେବା ପାଇଁ ଉଚ୍ଚ ପଦସ୍ଥ ରେଳକର୍ତ୍ତୃପକ୍ଷଙ୍କୁ ସାଧାରଣ ଲୋକ ଦାବି କରିଛନ୍ତି ।

ଜ୍ଞାନର ପରିସୀମା ବୃଦ୍ଧି ଉପରେ କୃଷି ବିଭାଗର ଗୁରୁତ୍ୱାରୋପ
ନିର୍ବାଚନ ଆଇନର ଅନୁପାଳନ ପୂର୍ବକ ନିର୍ବାଚନ କାର୍ଯ୍ୟ କରିବା ପାଇଁ ପରାମର୍ଶ

ଭୁବନେଶ୍ୱର,(ସବ୍ୟୁ): ସାର୍ବଜନିକ ସେବା କ୍ଷେତ୍ରରେ ଅବସ୍ଥାପିତ କର୍ମଚାରୀମାନେ ପ୍ରଭାବୀ ଢଙ୍ଗରେ କାର୍ଯ୍ୟ ସଂପାଦନ ନିମନ୍ତେ ସଂପୃକ୍ତ କାର୍ଯ୍ୟ ସମ୍ବନ୍ଧୀୟ ବିଭିନ୍ନ ନିୟମ, ଅଧିନିୟମ ଆଦି ସଂପର୍କରେ ବିସ୍ତୃତ ଜ୍ଞାନ ରହିବା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ଦକ୍ଷତା ବୃଦ୍ଧି ସହିତ ନ୍ୟସ୍ତ କାର୍ଯ୍ୟଗୁଡ଼ିକର ନିର୍ଭୁଲ ସଂପାଦନ ନିମନ୍ତେ ବିଭାଗରେ ଅବସ୍ଥାପିତ ସହକାରୀ ସେକ୍‌ସନ୍ ଅଫିସରଙ୍କ ଠାରୁ ସଚିବ ସ୍ତର ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ ଓ ଅଧିକାରୀମାନେ ତାଙ୍କ ଦ୍ୱାରା ସଂପାଦିତ ହେଉଥିବା କାର୍ଯ୍ୟର ନିୟମ, ଅଧିନିୟମ, ରେଗୁଲେସନ୍, ସର୍କୁଲାର, ଅଫିସ ମେମୋରାଣ୍ଡମ୍ ଆଦିର ବିଷୟରେ ଉତ୍ତମ ଜ୍ଞାନ ଆହରଣ ଦିଗରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି । ଏହି ମର୍ମରେ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ଓ ନିର୍ଦ୍ଦେଶାଳୟର ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କ ନିମନ୍ତେ ଏକ ପରିପତ୍ର ଜାରି କରାଯାଇଛି । ଏଥି ସହିତ ସାଧାରଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ପରିପ୍ରେକ୍ଷୀରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଓ ଅଧିକାରୀମାନେ ଆଦର୍ଶ ଆଚରଣବିଧି ଏବଂ ନିର୍ବାଚନର ଆଇନଗୁଡ଼ିକର ଅନୁପାଳନପୂର୍ବକ ସେମାନଙ୍କ ଉପରେ ନ୍ୟସ୍ତ ନିର୍ବାଚନ କାର୍ଯ୍ୟଗୁଡ଼ିକୁ ପୂରା ନିଷ୍ଠାର ସହ କରିବା ପାଇଁ ପରାମର୍ଶ ଦିଆଯାଇଛି । ପରିପତ୍ର ଅନୁଯାୟୀ କାର୍ଯ୍ୟାଳୟର ପ୍ରତିଷ୍ଠାନ ଓ ପେନ୍‌ସନ୍ ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ଓଡ଼ିଶା ସିଭିଲ୍ ସର୍ଭିସ୍ (ସିସିଏ)ର ବିଭିନ୍ନ ଅଧିନିୟମ ଏବଂ ପେନ୍‌ସନ୍‌ର ନିୟମାବଳୀ ସଂପର୍କରେ ଭଲ ଭାବରେ ଅବଗତ ହେବା ଭଳି ଅନ୍ୟ ଉପବିଭାଗର କର୍ମଚାରୀ ଓ ଅଧିକାରୀମାନେ ସଂପୃକ୍ତ ବିଭାଗର ନିୟମ, ଅଧିନିୟମ ଆଦି ବିଷୟରେ ପର୍ଯ୍ୟାପ୍ତ ଜ୍ଞାନ ଆହରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ମାର୍ଗ ଦର୍ଶିକା ଓ ସମୟ ସମୟରେ ଏହାର ସଂଶୋଧିତ ଧାରା ଏବଂ ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ସର୍କୁଲାର ସଂପର୍କରେ ସଦ୍ୟତନ ସୂଚନା ସଂପର୍କରେ ଜାଣିବା ଉପରେ ଗୁରୁତ୍ୱ ଦିଆଯାଇଛି । କାର୍ଯ୍ୟ କରୁଥିବା ସଂପୃକ୍ତ ଉପବିଭାଗର କୌଣସି ନିୟମ ଓ ମାର୍ଗ ଦର୍ଶିକା ସଂପର୍କରେ କୌଣସି ପ୍ରକାରର ଅଜ୍ଞତା ଗ୍ରହଣୀୟ ନୁହେଁ । ବିଭିନ୍ନ କାର୍ଯ୍ୟକ୍ରମର ତ୍ୱରିତ ଓ ନିର୍ଭୁଲ ସଂପାଦନ ଓ ଯୋଜନାଗୁଡ଼ିକର ସଫଳ ରୂପାୟନ ଦିଗରେ ଏହା ସହାୟକ ହେଉଥିବା ଦୃଷ୍ଟିରୁ ଏହାକୁ ସଂପୂର୍ଣ୍ଣ ଗଭୀରତାର ସହ ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଇଛି ଏବଂ ଏଥି ପାଇଁ ସମୟ ସମୟରେ କର୍ମଚାରୀଙ୍କ ମ୍ୟାଚରେ ଅନୌପଚାରିକ ପରୀକ୍ଷା କରାଯିବ ବୋଲି ପରିପତ୍ରରେ କୁହାଯାଇଛି ।

ବିଜେଡ଼ିରେ ଖରିଆର ବିଧାୟକ ଅଧିରାଜ

ଭୁବନେଶ୍ୱର(ସବ୍ୟୁ): ନୂଆପଡ଼ା ଜିଲ୍ଲା ଖରିଆର ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ସହିତ ଖରିଆର ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବୋଡେନ ବ୍ଲକ ଅଧକ୍ଷା ପ୍ରେମଶିଳା ନାଗ ଏବଂ ଶିନାପାଲୀ ବ୍ଲକ ଅଧକ୍ଷା ମାଧୁରୀ ମାଝୀଙ୍କ ସହ ୪୦ ଜଣ ସରପଞ୍ଚ ଓ ୩୪ ସମିତିସଭ୍ୟ ଏବଂ ଶତାଧିକ କଂଗ୍ରେସ କର୍ମୀ ବୁଧବାର ଶଙ୍ଖଭବନ ଠାରେ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଅତାବିରା ବିଧାୟିକା ତଥା ବିଜୁ ମହିଳା ଜନତା ଦଳ ସଭାପତି ଏବଂ ନୂଆପଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ସ୍ନେହାଙ୍ଗିନୀ ଝୁରିଆଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି ।

ଦଳରେ ସାମିଲ୍ ହୋଇଥିବା କଂଗ୍ରେସ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ସମେତ ୩ ବ୍ଲକ ଅଧକ୍ଷା, ୪୦ ଜଣ ସରପଞ୍ଚ, ୩୪ ସମିତି ସଭ୍ୟ ଏବଂ ଶତାଧିକ କଂଗ୍ରେସ କର୍ମୀଙ୍କୁ ଶ୍ରୀ ଦାସ, ଶ୍ରୀ ମଙ୍ଗରାଜ ଓ ଶ୍ରୀମତୀ ଝୁରିଆ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଆଜି କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ନୂଆପଡ଼ା ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଶ୍ରୀ ଦାସ, ଶ୍ରୀ ମଙ୍ଗରାଜ ଓ ଶ୍ରୀମତୀ ଝୁରିଆ କହିଥିଲେ। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା କଂଗ୍ରେସ ବିଧାୟକ ଅଧିରାଜ ପାଣିଗ୍ରାହୀ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ କଥା କମ, କାମ ବେଶୀ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ।

ଏହି ମିଶ୍ରଣ ପର୍ବରେ ସରପଞ୍ଚ ସଂଘ ସଭାପତି ସନ୍ତୋଷ ମିଶ୍ର, ସଂଯୋଜକ ଗୋବିନ୍ଦ ବିହାରୀ ବାରିକ, ଉପସଭାପତି ଜିତୁ କୁମ୍ଭାର, ଖରିଆର ବ୍ଲକ ସଭାପତି ଶ୍ୟାମ ସୁନ୍ଦର ଲାଲଦୀପ, ସିନାପାଲୀ ବ୍ଲକ ସଭାପତି ଜୟପାଲ ନାଗ, ବୋଡେନ ବ୍ଲକ ସଭାପତି ହୀରାଲାଲ ମାଝୀଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ୍ ହୋଇଥିଲେ । ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡ଼ି ମୁଖପାତ୍ର ତୁମ୍ବନାଥ ପଣ୍ଡା, ଅମିତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ ।

ନବନିର୍ମିତ ଶ୍ରୀରାମ ମନ୍ଦିରରୁ ଚୋରି
ନେଇଗଲେ ନଗଦ ୮ ଲକ୍ଷ ଟଙ୍କା ସହ ଠାକୁରଙ୍କ ସୁନା ଗହଣା

ଭାପୁର, (ସବ୍ୟୁ) : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଗ୍ରାମ ନିକଟରେ ଥିବା ଗିରି ଗୋବର୍ଦ୍ଧନ ପାହାଡ଼ ଶିଖରରେ ନବନିର୍ମିତ ଶ୍ରୀରାମ ମନ୍ଦିରରୁ ମଙ୍ଗଳବାର ରେ ଦୁର୍ବୃତ୍ତମାନେ ନଗଦ ୮ ଲକ୍ଷ ଟଙ୍କା ସହିତ ୧୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଠାକୁରଙ୍କ ସୁନା ଗହଣା ଲୁଟିନେଇଥିବା ଫତେଗଡ଼ ଥାନାରେ ଅଭିଯୋଗ ହୋଇଛି।ଅଭିଯୋଗ ପାଇଲା ପରେ ଫତେଗଡ଼ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି। ଏହି ଘଟଣାରେ ଫତେଗଡ଼ ଥାନା ପୁଲିସ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ବୁଧବାର ସକାଳେ ମନ୍ଦିର ପୂଜାରି ପୂଜା କରିବାକୁ ଆସିଥିବା ବେଳେ ମୁଖ୍ୟ ଫାଟକ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ।ଏହାସହ ମନ୍ଦିର ଭିତର ହୁଣ୍ଡି ଭଙ୍ଗା ଯାଇଥିବା ଦେଖିଥିଲେ।ତେବେ ହୁଣ୍ଡିରେ ଭକ୍ତ ଦାନ ଦେଇଥିବା ଟଙ୍କା, ସୁନା, ରୁପା ଏବଂ ଅନ୍ୟାନ୍ୟ ଜିନିଷକୁ ଦୁର୍ବୃତ୍ତ ମାନେ ନେଇଯାଇଥିଲେ। ଏନେଇ ପୂଜକ ମନ୍ଦିର କମିଟିକୁ ଜଣାଇଥିଲେ। ମନ୍ଦିର କମିଟି ପକ୍ଷରୁ ଫତେଗଡ ଥାନାରେ ଅଭିଯୋଗ କରାଯାଇଥିଲା।

ମେୟରଙ୍କ ଦ୍ୱାରା ବାରବାଟୀ ଦୁର୍ଗ ଭିତରେ ବିଶ୍ୱ ପଖାଳ ଦିବସ

କଟକ (ସବ୍ୟୁ): ବିଶ୍ୱ ପଖାଳ ଦିବସ ଉପଲକ୍ଷେ କଟକ ମେୟର ସୁବାସ ସିଂଙ୍କ ଉଦ୍ୟମରେ ବାରବାଟୀ ଦୁର୍ଗରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ହୋଇଥିଲା । । ପଖାଳ ଓଡିଶାର ପରିଚୟ । ଓଡ଼ିଶାର ୮୦ ଭାଗ ଲୋକ ଚାଷୀ ଶ୍ରମଜୀବୀ ଲୋକଙ୍କ ପଖାଳ ହିଁ ମୁଖ୍ୟ ଖାଦ୍ୟ । ପ୍ରଥମ ଥର ପାଇଁ ମେୟର ସୁବାସ ସିଂ ଙ୍କ ଉଦ୍ୟମରେ ଏପରି ଏକ ଉଦ୍ୟମ ସବୁ ବର୍ଗର ଲୋକଙ୍କୁ ନେଇ କରାଯାଇପାରିଛି । ଏହି କାର୍ଯ୍ୟ କ୍ରମରେ ଡ଼ ପ୍ରଭାସ ରଞ୍ଜନ ଆଚାର୍ଯ୍ୟ , ସମାଜର ସମ୍ପାଦକ ଡ଼ ପ୍ରମୋଦ ମହାପାତ୍ର , ଡେପୁଟି ମେୟର ଦମୟନ୍ତୀ ମାଝୀ ,ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର

ସାହୁ , ବରିଷ୍ଠ ଆଇନଜୀବୀ ଶସୀ ଭୂଷଣ ଦାସ, ବିଜ୍ଞାନ ମହାପାତ୍ର . ବିଶିଷ୍ଟ ସାହିତ୍ୟିକ ତରୁଣ ସାହୁ , ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ପ୍ରଫୁଲ ସିଂ, ବିଶ୍ୱଜିତ ମହାନ୍ତି , ମହମଦ ସକିଲ, ଧର୍ମେଶ ନାୟକ, ପ୍ରଶାନ୍ତ ନାୟକ, ବିଜୟ ବେହେରା, ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷ ପ୍ରଦୀପ୍ତ ଖୁଣ୍ଟିଆ, ମୋନାଲିଶା ଦାସ, ଦୀପ୍ତି ମୟୀ ମୂଳିଆ, ପ୍ରଳୟ ବେହୁରା, ବିକାଶ ରଞ୍ଜନ ବେହେରା, କଟକ ମହାନଗର ନିଗମର ସମସ୍ତ କର୍ପୋରେଟର, ଖ୍ରୀଷ୍ଟିଆନ ସମ୍ପ୍ରଦାୟ ଜନ ମହାନ୍ତି, ଚନ୍ଦନ ଦାସ, ମାରୱାଡି ସଂପ୍ରଦାୟ ର ଶରତ ସାଙ୍ଗନେରୀଆ ରମଣ ଗେଡିଆ , ସଞ୍ଜୟ ଅଗ୍ରୱାଲ ,ସନ୍ତୋଷ ବାନପୁରୀଆ, ବିହାରୀ ସମ୍ପ୍ରଦାୟର ନନ୍ଦଲାଲ ସିଂ, ପାରସ ସାହା, ମୁସଲିମ ସମ୍ପ୍ରଦାୟ ରମଜାନ ଖାନ, ଏକରାମ ଖାନ, ଡ଼ ଆୟୁବ ଖାନ, କାମରୁଦିନ ଖାନ, ତେଲଗୁ ସମ୍ପ୍ରଦାୟ ର ୱାଇ ଲେଖାମାନ ରାଓ, ୱାଇ ଇନ୍ଦୁପର୍ସାଦ, ଓ ଶ୍ରୀନିବାସ, କେ ରମେଶ, କେ ଦୁର୍ଗାପ୍ରସାଦ, କେ ନିଖିଳ କୁମାର , ଦୀପ୍ତି ରଞ୍ଜନ ରାୟ, ରାଜୀବ ମହାନ୍ତି ଜଗନାଥ ସ୍ୱାଇଁ କାଳିଚରଣ ପାଣିଗ୍ରାହୀ, ଦେବେନ୍ଦ୍ର ପାଣିଗ୍ରାହୀ ,ସାକିଲ ଏକତାର, ସୟଦ ଶେଖାଓ୍ୱାଲି, ରିୟାଜ ଖାନ , ଲୋକନାଥ ସାହୁ , ଅବିନାଶ ମଲ୍ଲ , ମିହିର କୁମାର ସାହୁ , ଜନ୍ ଆଶିଷ ବରାଲ ପ୍ରମୁଖ ଯୋଗଦେଇଥିଲେ ।

ପୁଣି ଦେବୀ ମୁହାଣରୁ ଟ୍ରଲର ଜବତ,୧୬ ମତ୍ସ୍ୟଜୀବୀ ଅଟକ



ଅସ୍ତରଙ୍ଗ,(ସବ୍ୟୁ) :ପୁରୀ ଜିଲ୍ଲା ଅସ୍ତରଂଗ ରେଞ୍ଜ ଦେବୀ ମୁହାଁଣ ଅନୀତି ଦୂରରେ ବେଆଇନ ଭାବେ ମାଛ ମାରୁଥିବା ଏକ ଟ୍ରଲରକୁ ବନବିଭାଗର ପେଟ୍ରୋଲିଂ ଦଳ ଜବତ କରଛି। ଟ୍ରଲର ଟିର ନାମ ମା ସୁନା ତାରିଣୀ ୬,ବୋଲି ଜଣା ପଡଛି। ତାହାର ପଞ୍ଜିକରଣ ନଂଓ ଆର,୦୧ ଏମ ଏମ,୫୮୨ଅଟେ । ବାଲେଶ୍ୱର ର ଜିଲ୍ଲାର ଏହି ଟ୍ରଲର ଟିରେ ୧୬ଜଣ ମତ୍ସଜୀବୀ ରହିଥିବା ଦେଖିବାକୁ ମିଳିଛି । ପେଟ୍ରୋଲିଙ୍ଗ ଦଳ ସମୁଦ୍ର କୁ ଦେବୀ ମୁହାଣ ଦେଇ ଅଥଳ ଜଳ ରାଶିରେ ପ୍ରବେଶ କରିବା ବେଳେ ଟ୍ରଲର ଟିକୁ ସମୁଦ୍ର ରେ ମାଛ ମାରୁଥିବା ଦେଖି ,ଜବତ କରି ଦେବୀ ନଦୀ ନିକଟ ମାଛଧରା ବନ୍ଦର କୁ ଆଣି ଥିଲେ । ସେଥିରେ ଥିବା ୧୬ ଜଣ ମତ୍ସଯିବି ଙ୍କୁ ଜଙ୍ଗଲ ବିଭାଗ ଅଟକ ରଖି ପଚରା ଉଚରା କରୁଥିବା ବେଳେ,ଟ୍ରଲର ଟିକୁ ମତ୍ସ୍ୟ ବିଭାଗ କର୍ମକର୍ତ୍ତା ସାମୁଦ୍ରିକଙ୍କୁ ହସ୍ତାନ୍ତର କରିଛି ଜଙ୍ଗଲ ବିଭାଗ। ଟ୍ରଲର ଟିର ବିଚାର ନ ହେବା ପର୍ଯ୍ୟନ୍ତ ଟ୍ରଲର ଟି କୁଜଙ୍ଗ ମତ୍ସ୍ୟ ଅଧିକାରୀ ସାମୁଦ୍ରିକ ଙ୍କ ଅଧୀନରେ ରହିବ ବୋଲି ଜଣା ପଡିଛି ।ଏହି ଚଢାଉରେ ଫରେଷ୍ଟର,ଏ ପି ଆର ଫୋର୍ସ, କଇଁଚ ସୁରକ୍ଷା ବାହିନୀ ଆଦି ସାମିଲ ଥିଲେ।

ଗଭୀର ସମୁଦ୍ର ମଝିରେ ସାମୁଦ୍ରିକ ସମରାଭ୍ୟାସ

ମହାକାଳପଡ଼ା,(ସବ୍ୟୁ) :ମହାକାଳପଡ଼ା ବ୍ଲକରେ ତନ୍ତିଆପାଳ ଓ ଜମ୍ବୁ ସାମୁଦ୍ରିକ ଥାନା ଅଧୀନରେ ସାମୁଦ୍ରିକ ପୋଲିସ, ତଟରକ୍ଷୀ ବାହିନୀ, ସାମୁଦ୍ରିକ ମତ୍ସ୍ୟବିଭାଗ ଓ କଷ୍ଟମ ବିଭାଗର ମିଳିତ ପ୍ରଚେଷ୍ଟାରେ ଗଭୀର ସମୁଦ୍ରରେ ସାମୁଦ୍ରିକ ସମରାଭ୍ୟାସ ଆରମ୍ଭ ହୋଇଛି । ଏହା ଦୁଇଦିନ ଧରି ଚାଲିବ । ଜମ୍ବୁ ଆଇଆଇସି ସୁଶାନ୍ତ କୁମାର ସାହୁ, ତନ୍ତିଆପାଳ ଆଇଆଇସି ସଂଜୟ କୁମାର ମଲିକ, ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ରାଜନ କୁମାର ବେହେରା ପ୍ରଭୃତି ପାଟ୍ରୋଲିଂ ଟିମ ଗଠନ କରି ଗଭୀର ସମୁଦ୍ରରେ କିପରି ଆତଙ୍କ ସୃଷ୍ଟି କରିବାକୁ ଆସୁଥିବା ଆତଙ୍କୀମାନଙ୍କୁ ଠାବ କରି ଚେକ୍ ଦିଆଯିବ ସେ ସମ୍ପର୍କରେ ଡେମୋ ପ୍ରଦର୍ଶନ କରାଯାଇଥିଲା । ଖରିନାସୀ ଜେଠିରୁ ହୁକିଟୋଲା, ମାଦଳି ମୁହାଣ ଓ ଗଭୀର ସମୁଦ୍ର ଦେଇ ବାହାକୁଦ ଫେରିଘାଟ ନିକଟରେ ଡେମୋ ପ୍ରଦର୍ଶନ କରାଯାଇଥିଲା । । ଖରିନାସୀ, ତନ୍ତିଆପାଳ, କଣ୍ଡରାପାଟିଆ, ଜମ୍ବୁ ଓ କଜଳପାତିଆ ବେସ୍‌ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ବିଶେଷ କରି ବଙ୍ଗୋପ ସାଗର ଦେଇ ଭାରତର ସ୍ଥଳପଥକୁ ପ୍ରବେଶ କରିବା ସମୟରେ କିଭଳି ଏହାକୁ ମୁକାବିଲା କରାଯିବ ସେ ନେଇ ଏ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ତେବେ ଗଭୀର ସମୁଦ୍ରରେ ଅଲିଭ୍ ରିଡ଼ଲେ କଇଁଛ ସୁରକ୍ଷା ପାଇଁ ପାଟ୍ରୋଲିଂ କରୁଥିବା ବନବିଭାଗର କର୍ମଚାରୀମାନଙ୍କ ଉପରେ ଦୁଇଦିନ ତଳେ ବୋଟ ମାଫିଆମାନଙ୍କ ଦ୍ୱାରା ଯେଉଁଭଳି ଆକ୍ରମଣ କରାଯାଇଥିଲା ତାହାକୁ କିଭଳି ପ୍ରତିହତ କରାଯିବ ଏହାଦ୍ୱାରା, ସୁଫଳ ମିଳିବକି ନାହିଁ ଯାହାକୁ ଦେଖିବାକୁ ବାକି ରହିଲା ।

ଗଞ୍ଜେଇ ଚାଷ ହ୍ରାସ - ଅଫିମ ଚାଷ ଆରମ୍ଭ

ଭୁବନେଶ୍ୱର,(ତଥ୍ୟ) ଗଞ୍ଜେ ଚାଷ ହେଉଥିବା ରାଜ୍ୟର ୧୨ଟି ଅବକାରୀ ଜିଲ୍ଲାରେ ଅବକାରୀ ଓ ପୁଲିସ ବିଭାଗର ମିଳିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏହି ଚାଷ ହ୍ରାସ ପାଇବାରେ ଲାଗିଛି । ତେବେ କିଛି ନିଶା ବେପାରୀ ଗଞ୍ଜେ ଚାଷ ବଦଳରେ ଏବେ ଅଧିକ ଲାଭ ପାଇବା ଆଶାରେ ଅଫିମ ଚାଷ ଆଡେ ମୁହାଁଇବା ଆରମ୍ଭ କରିଛନ୍ତି । ରାଜର ଯେଉଁ ୧୨ଟି ଅବକାରୀ ଜ

ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ

ଭୁବନେଶ୍ୱର,(ସବ୍ୟୁ): ବୁଧବାର ର ଗ୍ରୀଷ୍ମକୁ ସ୍ୱାଗତ କରିବା ପଖାଳ ଖାଇବା ମହାପ୍ରଭୁ ଶ୍ରୀ ଜଗନ୍ନାଥ ସଂସ୍କୃତି ଜାଗରଣକୁ ମନରେ ଉଜ୍ଜିବିତ କରିବା ଆମର ପ୍ରୟାସ, ଏହି ଅବସରରେ ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଛି । ସଭାପତି ଶ୍ରୀମତୀ ସଞ୍ଚିତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ରାମ ଚନ୍ଦ୍ରଦାସ ମହାପାତ୍ର, ଛପନ ଭୋଗ ସଭାପତି ବିଶ୍ୱନାଥ ସାମନ୍ତରାୟ, ମୁଖ୍ୟ ଅତିଥି ଭାବେ ଡଃ ଅଶୋକ ମହାପାତ୍ର ପଣ୍ଡିତ ଦାଶରଥି ସାମନ୍ତରାୟ ମୁଖ୍ୟ ଉପଦେଷ୍ଟା ପ୍ରଭାତ କୁମାର ନନ୍ଦ, ସମ୍ପାଦକ ନାରାୟଣ ମହାପାତ୍ର ଯୁଗ୍ମ ସମ୍ପାଦକ ଅଜୟ ହରିଚନ୍ଦନ, ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ । ପଖାଳର ଉପକାରିତା ସମ୍ପର୍କରେ ବିଶ୍ୱନାଥ ସାମନ୍ତରାୟ ଓ ଡାଃ ଅଶୋକ ମହାପାତ୍ର ଓ ପଣ୍ଡିତ ଦାଶରଥି ସାମନ୍ତରାୟ ପ୍ରାଞ୍ଜଳ ଭାବରେ ସମସ୍ତଙ୍କୁ ଅବଗତ କରାଇଥିଲେ, ମା ସୁଭଦ୍ରାଙ୍କ ବାଡଗ୍ରାହି ରାମଚନ୍ଦ୍ର ଦାସ ମହାପାତ୍ର ଶ୍ରୀଜଗନ୍ନାଥଙ୍କ ପ୍ରତେକ ତିଥି ଉପରେ ମାସରେ ଥରେ ଏକ ଆଲୋଚନା ଚକ୍ର କରିବାକୁ ପରାମର୍ଶ ଦେଇଥିଲେ, ସମସ୍ତେ ଏହାକୁ ଗ୍ରହଣ କରିଥିଲେ, ପଖାଳ ଦିବସ ପାଇଁ ମଙ୍ଗଳବାର ପୁରୀରୁ ଅଭଡା ଅଣାଯାଇ ପଖଳା ଯାଇଥିଲା । ଅନନ୍ତ ବାସୁଦେବ ମନ୍ଦିରରୁ ଡାଲି. ଶାଗ ବେସର ଓ ଖଟା ଅଣାଯାଇ ସମସ୍ତଙ୍କୁ ପରଷା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୫୦ ଜଣ ବ୍ୟକ୍ତି ଓ ମହିଳା ଯୋଗ ଦେଇଥିଲେ । ପରିଷଦ ପକ୍ଷରୁ କୋଷାଧ୍ୟକ୍ଷ ସୁରେଶ ମିଶ୍ର, ଉପଦେଷ୍ଟା ରବି ନାରାୟଣ ମିଶ୍ର, ବାଳକୃଷ୍ଣ ପଣ୍ଡା, ବିଶ୍ୱପଦ ଦାସ ଅଖିଳ ସାହୁ, ଗୌରାଙ୍ଗ ନାୟକ ମଳୟ ଜେନା ଅଚ୍ୟୁତ ପ୍ରସାଦ ବେହେରା, ଶ୍ରୀ ନିବାସ ରାଓ ଅକ୍ଷୟ ସାହୁ, ଗାନ୍ଧୀ ଚୌଧୁରୀ, ପ୍ରମୁଖ ଯୋଗଦାନ କରିଥିଲେ ।

ପୁରୀ ଜିଲ୍ଲାର ୧୪,୦୫,୬୫୪ ଭୋଟରଙ୍କ ପାଇଁ ୧୫୯୮ ବୁଥ
୧୫୦୦ ରୁ ଅଧିକ ଭୋଟରଙ୍କ ପାଇଁ ସହାୟକ ୬ ବୁଥ

ପୁରୀ,(ସବ୍ୟୁ): ପୁରୀ ଜିଲ୍ଲା ପାଇଁ ଆଗାମୀ ସାଧାରଣ ନିର୍ବାଚନର ତାରିଖ ଭାରତର ନିର୍ବାଚନ କମିଶନର ଘୋଷଣା କରିଛନ୍ତି । ୧୭-ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଯଥା ୧୦୭- ପୁରୀ, ୧୦୮- ବ୍ରହ୍ମଗିରି ,୧୦୯-ସତ୍ୟବାଦୀ ଓ ୧୧୦-ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଇ ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ସେହିପରି ୧୬-ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଯଥା ୧୦୫-କାକଟପୁର ଓ ୧୦୬-ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜୁନ ୧ ତାରିଖରେ ମତଦାନ ଅନୁଷ୍ଠିତ ହେବ । ମୋଟ ୧୫୯୮ ଟି ବୁଥ ସହ ୧୫୦୦ ରୁ ଅଧିକ ଭୋଟର ଥିବା ୬ ଟି ସହାୟକ ବୁଥରେ ୧୪,୦୫,୬୫୪ ଜଣ ଭୋଟର ମତଦାନ କରିବେ । କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୮୦ ବୁଥରେ ୨୪୦୬୩୧ ଜଣ ଭୋଟର ମତଦାନ କରିବେ । ସେହିପରି ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୮୦ ମୁଖ୍ୟ ଓ ୧ ସହାୟକ ବୁଥ ମାଧ୍ୟମରେ ୨୪୪୫୦୩, ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୩୯ ମୁଖ୍ୟ ଓ ୪ ସହାୟକ ବୁଥ ମାଧ୍ୟମରେ ୨୩୫୩୧୫, ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୭୧ ମୁଖ୍ୟ ଓ ୧ ସହାୟକ ବୁଥ ମାଧ୍ୟମରେ ୨୨୬୪୭୬, ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୫୪ ବୁଥରେ ୨୧୨୦୪୩ ଓ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୭୪ ବୁଥ ମାଧ୍ୟମରେ ୨୩୪୬୨୩ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ପୁରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି । ଯେହେତୁ ଭୋଟର ତାଲିକାର ସଂଶୋଧନ ପ୍ରକ୍ରିୟା ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୈନିକ ଭିତ୍ତିରେ ଜାରି ରହିଛି ତେଣୁ ଦୈନିକ ଭୋଟର ତାଲିକା ଓ ୧୫୦୦ ରୁ ଅଧିକ ହେଉଥିବା ବୁଥର ସଂଖ୍ୟାରେ ମଧ୍ୟ ପରିବର୍ତ୍ତନ ଘଟୁଛି ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ଅବଗତ କରାଇଛନ୍ତି ।

ବନ୍ଧୁମାନଙ୍କ ସହ ପଖାଳ ଦିବସ ପାଳିଲେ କେନ୍ଦ୍ରମନ୍ତ୍ରୀ
ପଖାଳ ଓଡ଼ିଶାର ସାଂସ୍କୃତିକ ପରିଚୟ : ଧର୍ମେନ୍ଦ୍ର

ଭୁବନେଶ୍ୱର,(ସବ୍ୟୁ): ନୂଆଦିଲ୍ଲୀ ସ୍ଥିତ ନିଜ ବାସଭବନରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ବନ୍ଧୁମାନଙ୍କ ସହ ପଖାଳ ଦିବସ ପାଳନ କରିଛନ୍ତି। ରାଜ୍ୟସଭା ଉପାଧ୍ୟକ୍ଷ ତଥା ଭାରତର ବିଶିଷ୍ଟ ସାମ୍ବାଦିକ ହରିବଂଶ ନାରାୟଣ ସିଂହ , ପୂର୍ବତନ ରାଷ୍ଟ୍ରଦୂତ ତରଣଜିତ ସିଂ ସିନ୍ଧୁ, ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ମହାନିର୍ଦ୍ଦେଶକ ପ୍ରଫେସର କିଶୋର କୁମାର ବାସାଙ୍କ ସହ ପଖାଳ ଖାଇ ଖୁସିବ୍ୟକ୍ତ କରିବା ସହ ଏହି ଦିବସ ଏହି ଦିବସର ଶୁଭେଚ୍ଛା ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି ଯେ ବନ୍ଧୁମାନଙ୍କ ସହ ପଖାଳ ଖାଇବାର ଖୁସି ନିଆରା । ପଖାଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରିୟ ଖାଦ୍ୟ ମଧ୍ୟରୁ ଅନ୍ୟତମ । ଏହା ଆମ ଓଡ଼ିଶାର ସାଂସ୍କୃତିକ ପରିଚୟ ଓ ଖାଦ୍ୟପେୟ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଅନେକ ଲୋକମାନେ ଏହି ନିଛକ ଓଡ଼ିଆ ଖାଦ୍ୟର ବିଶେଷତ୍ୱ ଓ ସ୍ୱାସ୍ଥ୍ୟ ଉପକାରିତା ଜାଣିବା ପରେ ନିଜର ଜୀବନପ୍ରବାହରେ ସାମିଲ କରିଛନ୍ତି, ଯାହା ଖୁସିର ବିଷୟ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ।

ଆକାଶ ଏଜୁକେସ୍‌ନାଲ ସର୍ଭିସେସ ପକ୍ଷରୁ
୨୦୨୪ ଏପ୍ରିଲ ନିମନ୍ତେ ଶିକ୍ଷା ବୃତ୍ତି ଘୋଷଣା

ଭୁବନେଶ୍ୱର,(ସବ୍ୟୁ) : ଆକାଶ ଏଜୁକେସ୍‌ନାଲ ସର୍ଭିସେସ ଲିମିଟେଡ (ଏଇଏସଏଲ) ୨୦୨୪ ଏପ୍ରିଲରେ ତାହାର ନୂଆ ସେସନ ଆରମ୍ଭ ହେବା ପୂର୍ବରୁ ଛାତ୍ର ଛାତ୍ରୀଙ୍କୁ ଡାକ୍ତର ଏବଂ ଇଞ୍ଜିନିୟର ହେବା ନିମନ୍ତେ ସେମାନଙ୍କ ସ୍ୱପ୍ନ ସାକାର କରିବା ଦିଗରେ ସମର୍ଥ କରାଇବାକୁ ବିଭିନ୍ନ ବୃତି ଘୋଷଣା କରିଛି । ପ୍ରଥମ ବୃତ୍ତି ହେଉଛି ଇନଷ୍ଟାଣ୍ଟ ଆଡମିସନ କମ ସ୍କଲାରସିପ ଟେଷ୍ଟ (ଆଇଏସିଏସଟି), ଯାହା ମେଡିକାଲ, ଇନିୟରିଂ ଏବଂ ଫାଉଣ୍ଡେସନ ପାଠ୍ୟକ୍ରମ ଗୁଡିକରେ ନାମଲେଖା ନିମନ୍ତେ ୯୦% ପର୍ଯ୍ୟନ୍ତ ବୃତ୍ତି ପ୍ରଦାନ କରୁଛି । ଏଥିସହିତ ଆକାଶ ସହିଦ, ପ୍ରତିରକ୍ଷା କର୍ମଚାରୀ ଏବଂ ଆତଙ୍କବାଦରେ ପ୍ରଭାବିତ ବ୍ୟକ୍ତିବିଶେଷଙ୍କ ପିଲାମାନଙ୍କୁ ସ୍ୱତନ୍ତ୍ର ରିହାତି ପ୍ରଦାନ କରିବ ।

ଅନୁପ ଅଗ୍ରୱାଲ, ଚିଫ ବିଜିନେସ ଅଫିସର, ଆକାଶ ଏଜୁକେସ୍‌ନାଲ ସର୍ଭିସେସ ଲିମିଟେଡ କହିଛନ୍ତି । ସମଗ୍ର ଭାରତରେ ଛାତ୍ରଛାତ୍ରୀଙ୍କ ପାଇଁ ସୁଲଭ ଏବଂ ପ୍ରଭାବୀ ଶିକ୍ଷାଗତ ସୁଯୋଗ ଯୋଗାଇଦେବାକୁ ଆମେ ଏକନିଷ୍ଠ ରହିଛୁ। ଆଇଏସିଏସଟି ଭଳି ପ୍ରୟାସ ଏବଂ ଆମର ବୃତ୍ତି କାର୍ଯ୍ୟକ୍ରମଗୁଡିକ ଜରିଆରେ ଆମେ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଶିକ୍ଷାଗତ ଏବଂ କ୍ୟାରିୟର ଆଶା ପୂରଣ କରିବା ଦିଗରେ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ ।

ଏହି ଅବସରରେ ଏକାଡେମିକ ହେଡ ଇଞ୍ଜିନିୟରିଂ ଶୁଭମ ଘର, ଏକାଡେମିକ ହେଡ ମେଡିକାଲ ଆଶୁତୋଷ ଗାର୍ଗ, ରିଜୋନାଲ ସେଲ୍‌ସ ଗ୍ରୋଥ ହେଡ୍ ବିକାଶ ଦାସ ଏବଂ ବ୍ରାଞ୍ଚ ମୁଖ୍ୟ ରୋହିତ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

ମହାନଦୀବିହାରରେ ରାଧାକୃଷ୍ଣଙ୍କ ଦୋଳବିମାନ ପରିକ୍ରମଣ

କଟକ, (ସ୍ୱପ୍ର): ମହାନଦୀବିହାର ଜଗନ୍ନାଥ ମନ୍ଦିରରେ ପୂଜିତ ହୋଇଆସୁଥିବା ରାଧାକୃଷ୍ଣ ଆଜି ଦୋଳଯାତ୍ରା ଅବସରରେ ମହାନଦୀବିହାରର ଅଞ୍ଚଳର ପ୍ରତ୍ୟେକ ଘରକୁ ଘର ବୁଲି ଭୋଗ ଖାଇଥିଲେ। ପ୍ରଥମେ ଦୋଳ ବିମାନ ଜଗନ୍ନାଥ ମନ୍ଦିରରୁ ବାହାରି ଘଣ୍ଟ ମୃଦଙ୍ଗର ତାଳେତାଳେ ଭକ୍ତଙ୍କ ଗହଣରେ ବାହାରି ଏମଡିଏ ସଭାପତି ରବୀନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଘରୁ ପ୍ରଥମେ ଭୋଗ ଖାଇବା ପରେ ଅଞ୍ଚଳ ପରିକ୍ରମା କରିଥିଲା । ଏଥିସହିତ ସେଠାରେ ଉପସ୍ଥିତ ଭକ୍ତବୃନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଦୋଳଯାତ୍ରା ପରିକ୍ରମଣରେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡାଇ, ଏମଡିଏ ସମ୍ପାଦକ ହିମାଂଶୁ ଷଡଙ୍ଗୀ, ରବି ଶତପଥୀ, ସମାଜସେବୀ ସଞ୍ଜୟ ଜେନା, ଚତୁର୍ଭୁଜ ମହାପାତ୍ର, ପ୍ରହ୍ଲାଦ ମହାନ୍ତି ଓ ରାକେଶ ତ୍ରିପାଠୀଙ୍କ ସମେତ ବହୁ ଭକ୍ତବୃନ୍ଦ ସାମିଲ ହୋଇଥିଲେ।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ବାଚନ ପ୍ରଶିକ୍ଷଣ ପରିଦର୍ଶନ

ଭୁବନେଶ୍ୱର,(ସବ୍ୟୁ): ଏକ ସଫଳ ନିର୍ବାଚନ ପରିଚାଳନାର ମୂଳବିନ୍ଦୁ ହେଉଛି ଉପଯୁକ୍ତ ନିର୍ବାଚନ ପ୍ରଶିକ୍ଷଣ । ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର 'ଭାରତ'ର ସଫଳ ନିର୍ବାଚନ ପରିଚାଳନା ହେଉଛି ସମଗ୍ର ବିଶ୍ୱ ପାଇଁ ଏକ ବିସ୍ମୟ । ଏହି ବିସ୍ମୟର ଆଧାର ବିନ୍ଦୁ ହେଉଛି 'ବୁଥ୍ ପରିଚାଳନା' । ପ୍ରତିଟି ବୁଥ୍‌ରେ ମତଦାନ କରାଇଥାନ୍ତି ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର ଓ ସୁରକ୍ଷା କର୍ମୀ । ଏହି ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସରଙ୍କ ନିର୍ବାଚନ ପ୍ରଶିକ୍ଷଣ ହେଉଛି ନିର୍ବାଚନ ପରିଚାଳନାର ଗୁରୁତ୍ୱପୂର୍ଣ୍ଣ ଅଂଶ । ଭୁବନେଶ୍ୱରର ଆଇ.ଟି.ଇ.ଆର୍ ଠାରେ ପୋଲିଂ ଅଫିସରମାନଙ୍କୁ ସମ୍ବୋଧନ କରିବା ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏଭଳି ମତ ରଖିଛନ୍ତି । ପ୍ରଶିକ୍ଷଣ ପ୍ରାପ୍ତ ହେଉଥିବା ଅଧିକାରୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ଧଳ ନିର୍ବାଚନର ଗୁରୁଦାୟିତ୍ୱକୁ ଜାତୀୟ କର୍ତ୍ତବ୍ୟ ରୂପେ ଗ୍ରହଣ କରିବା ପାଇଁ ପ୍ରେରିତ କରିଛନ୍ତି ।

ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରଶିକ୍ଷଣ ପ୍ରାପ୍ତ ହେଉଥିବା ଅଫିସରମାନଙ୍କ ସହ ନିର୍ବାଚନ ପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । 'ନିର୍ବାଚନର ପର୍ବ: ଆମ ଦେଶର ଗର୍ବ' ଥିମ୍‌କୁ ନିର୍ବାଚନ ପରିଚାଳନାର ମୂଳମନ୍ତ୍ର ରୂପେ ଗ୍ରହଣ କରିବା ପାଇଁ ସେ ସଭିଙ୍କୁ ପ୍ରେରିତ କରିଥିଲେ । ନିର୍ବାଚନ ପ୍ରକ୍ରିୟାରେ 'ମତ ଦାତା'ମାନଙ୍କୁ କେନ୍ଦ୍ରରେ ରଖି ସେମାନଙ୍କ ସୁବିଧାକୁ ଅଗ୍ରାଧିକାର ଦେବା ପାଇଁ ଶ୍ରୀ ଧଳ ମତ ରଖିଥିଲେ । ଏହା ସହ ବିଭିନ୍ନ ବର୍ଗର ମତଦାତାମାନେ କେଉଁଭଳି ଭାବରେ ଭୋଟ ଦେବେ, ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଭୋଟର ଆଦିଙ୍କୁ କେଉଁସବୁ ସୁବିଧା ଯୋଗାଇ ଦିଆଯିବ, **ମଡେଲ ବୁଥ୍:** ସଖିବୁଥ୍ (ସଂପୂର୍ଣ୍ଣ ରୂପେ ମହିଳା ପରିଚାଳିତ ବୁଥ୍), ଯୁବ କର୍ମଚାରୀ ପରିଚାଳିତ ବୁଥ୍, ଭିନ୍ନକ୍ଷମ କର୍ମଚାରୀ ପରିଚାଳିତ ବୁଥ୍ ଆଦିର ଲକ୍ଷ୍ୟ ବିଷୟରେ ଆଲୋଚନା କରି ଶ୍ରୀ ଧଳ ବୁଥ୍‌ସ୍ତରରେ ସମସ୍ତ ଗାଇଡ୍‌ଲାଇନ୍‌କୁ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ନିର୍ବାଚନ ଏହି ଦେଶର ଜାତୀୟ ପର୍ବ । ଏହାକୁ ସଂପୂର୍ଣ୍ଣ ଦାୟିତ୍ୱବୋଧତାର ସହ ସଫଳ କରିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ । ଆପଣମାନେ ତୃଣମୂଳସ୍ତରରେ ନିର୍ବାଚନ କମିଶନଙ୍କ ପ୍ରତିନିଧି । ମୁକ୍ତ, ଅବାଧ, ନିରପେକ୍ଷ, ସମସ୍ତଙ୍କ ପାଇଁ ଅଂଶଗ୍ରହଣକାରୀ ଏକ ନିର୍ବାଚନ ପ୍ରକ୍ରିୟାର ଆପଣମାନେ ସମର୍ଥ ସାରଥି । ସେହି ଦାୟିତ୍ୱବୋଧ ସହ ଆପଣମାନଙ୍କୁ କାମ କରିବାକୁ ପଡ଼ିବ । ନିର୍ବାଚନ କମିଶନଙ୍କ ସ୍ୱଚ୍ଛତା, ନିରପେକ୍ଷତା ଓ ବିଶ୍ୱସନୀୟତା ଆପଣମାନଙ୍କ କାର୍ଯ୍ୟରେ ପ୍ରତିଫଳିତ ହେବା ଉଚିତ । ଏଭଳି ଗୁରୁଦାୟିତ୍ୱକୁ ନିର୍ବାହ କରିବା ହିଁ ଆମ ଗଣତନ୍ତ୍ର ପ୍ରତି ଆମର ଉତ୍ତରଦାୟିତ୍ୱ । ପ୍ରଶିକ୍ଷଣ ପ୍ରାପ୍ତ ହେଉଥିବା ସମସ୍ତ ଅଧିକାରୀମାନଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ଏହି ଭଳି ଭାବରେ ପ୍ରେରିତ କରିଥିଲେ ।

ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡକ୍ଟର ଏନ୍. ତିରୁମାଲା ନାଏକ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ପ୍ରଶିକ୍ଷଣ ପ୍ରାପ୍ତ ହେଉଥିବା ଅଧିକାରୀମାନଙ୍କୁ ଉତ୍ସାହିତ କରିଥିଲେ ।

ପୋଷ୍ଟର, ପାମ୍ପଲେଟ ମୁଦ୍ରଣ ଉପରେ କଟକଣା

କଟକ,(ସବ୍ୟୁ): ରାଜ୍ୟରେ ଆଦର୍ଶ ନିର୍ବାଚନ ଆଚରଣ ସଂହିତା ଲାଗୁ ହେବା ପରେ ନିର୍ବାଚନୀ ପୋଷ୍ଟର ଓ ପାମ୍ପଲେଟ୍ ମୁଦ୍ରଣ ଉପରେ ଭାରତୀୟ ନିର୍ବାଚନ କମିଶନ୍ କେତେକ ନିୟମାବଳୀ ଜାରି କରିଛନ୍ତି । ନିର୍ବାଚନ ସମ୍ପର୍କିତ ସମସ୍ତ ପୋଷ୍ଟର କିମ୍ବା ପାମ୍ପଲେଟର ସମ୍ମୁଖ ଭାଗରେ ମୁଦ୍ରଣକାରୀ ସଂସ୍ଥାର ନାମ ଓ ଠିକଣା ମୁଦ୍ରିତ ରହିବା ବାଧ୍ୟତାମୂଳକ କରାଯାଇଛି । କୌଣସି ବ୍ୟକ୍ତି ନିର୍ବାଚନ ପୋଷ୍ଟର ବା ପାମ୍ପଲେଟ ମୁଦ୍ରଣ କରିବାକୁ ଚାହୁଁଥିଲେ ସେଥିରେ ମୁଦ୍ରଣକାରୀ ସଂସ୍ଥାର ପରିଚୟ ଥିବା ସତ୍ୟପାଠ, ତାଙ୍କର ଦସ୍ତଖତ ଏବଂ ସେହି ସତ୍ୟତାକୁ ସମର୍ଥନ କରୁଥିବା ଦୁଇ ଜଣ ବ୍ୟକ୍ତିଙ୍କ (ଯେଉଁମାନେ ତାଙ୍କୁ ବ୍ୟକ୍ତିଗତ ଭାବେ ଜାଣିଥିବେ) ପ୍ରତିସ୍ୱାକ୍ଷର ରହିଥିବା ଆବଶ୍ୟକ । ଦସ୍ତାବିଜ୍ଜି ମୁଦ୍ରିତ ହେବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ସତ୍ୟପାଠର ନକଲ ସହିତ ଦସ୍ତାବିଜର ଏକକିତା ନକଲ ମୁଦ୍ରଣକାରୀ ସଂସ୍ଥା ନିକଟକୁ ପଠାଯିବା ସହ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଯିବା ଆବଶ୍ୟକ । ଏହି ନିୟମାବଳୀର ଖିଲାପକାରୀଙ୍କୁ ଆଇନ୍ ଅନୁଯାୟୀ ଦଣ୍ଡବିଧାନ କରାଯିବ । ଏଥିସହ ଆଦର୍ଶ ଆଚରଣ ସଂହିତା ଲାଗୁ ହେବା ପରେ ଛାପା ଗଣମାଧ୍ୟମରେ କୌଣସି ରାଜନୈତିକ ଦଳ ଓ ନେତାଙ୍କ ସପକ୍ଷ ବା ବିପକ୍ଷରେ ପ୍ରକାଶ ପାଉଥିବା କୌଣସି ବିଜ୍ଞାପନ କିମ୍ବା ନିର୍ବାଚନ ସମ୍ପର୍କିତ ଘଟଣାରେ ସଂମ୍ପୃକ୍ତ ସଂସ୍ଥାର ନାମ ଓ ଠିକଣା ରହିବା ବାଧ୍ୟତାମୂଳକ କରାଯାଇଛି ।

ହତ୍ୟା ଧମକ : ଅଭିଯୁକ୍ତ ଗିରଫ

ପାଣିକୋଇଲି, (ସବ୍ୟୁ)ବ୍ଧ: ପୂର୍ବରୁ ଆକ୍ରମଣ କରିବା ମାମଲାରେ ଜାମିନରେ ବୁଧବାର ପୁଣି ହତ୍ୟା ଧମକ ଦେଇଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଛି । ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ଖମଣ ପଂଚାୟତର ରାଧାନଗର ପାଟଣା ଗ୍ରାମର ଚକ୍ରଧର ପାତ୍ରଙ୍କ ପୁଅ ଦଶରଥ ପାତ୍ର(୪୯)କୁ ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଛି । ପୂର୍ବରୁ ଗତ ଡିସେମ୍ବର ୨୫ ତାରିଖ ତାଙ୍କ ଗ୍ରାମର ବିଷ୍ଣୁ ସାହୁଙ୍କ ପୁଅ ସଂଗ୍ରାମ ସାହୁଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ । ହେଲେ ସେ ହାତ ଦେଖାଇବାରୁ ତାଙ୍କର ଦୁଇଟି ଆଂଗୁଳି କଟିଯାଇଥିଲା । ଏନେଇ ଅଭିଯୋଗ ପରେ ଏକ ମାମଲା ୩୮୯/୨୩ ରୁଜୁ କରାଯାଇଥିଲା । ମାତ୍ର ଦଶରଥ ଫେରାର ହୋଇଯାଇ ଉଚ୍ଚନ୍ୟାୟାଳୟରୁ ଜାମିନ ଆଣିଥିଲା । ଜାମିନରେ ଆସିବା ପରେ ଅଭିଯୁକ୍ତ ଦଶରଥ ଏବେ ମାମଲା ପ୍ରତ୍ୟାହାର ନକଲେ ସଂଗ୍ରାମ ଓ ତାର ବାପା ବିଷ୍ଣୁଙ୍କୁ ଜିବନରୁ ମାରିଦେବାର ଧମକ ଦେଉଛି ବୋଲି ଗତ ୧୮ ତାରିଖ ସଂଗ୍ରାମ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏନେଇ ଏକ ମାମଲା ୧୪୪/୨୪ ରୁଜୁ ହୋଇ ତଦନ୍ତ ଜାରି ରହିଥିବା ବେଳେ ଅଭିଯୁକ୍ତ ଦଶରଥକୁ ପୁଲିସ ଗିରଫ କରିଥିଲା । ପୁଲିସ ଦଶରଥକୁ ଅଦାଲତ ଚାଲାଣ କରିଥିବା ତଦନ୍ତାଧିକାରୀ ଏଏସଆଇ ସୁଜିତ କୁମାର ମଲ୍ଲିକଙ୍କ ସୂତ୍ରରୁ ପ୍ରକାଶ ।

ହାଇକୋର୍ଟରେ ଆନନ୍ଦ ଟପ୍ପୋ ହତ୍ୟା ଘଟଣା
ଅଦାଲତ ଅବମାନନା: ୨ଦିନ ମଧ୍ୟରେ ଜବାବ ରଖିବେ ରାଜ୍ୟ ସରକାର

କଟକ,(ସବ୍ୟୁ): ରାଉରକେଲା ଆନନ୍ଦ ଟପ୍ପୋ ହତ୍ୟା ଘଟଣାରେ ମାମଲା ତଦନ୍ତରେ କୌଣସି ଅଗ୍ରଗତି ନ ହେବାରୁ ରୁଜୁ ଅଦାଲତ ଅବମାନନା ଟି ଆଜି ହାଇକୋର୍ଟରେ ଶୁଣାଣୀ ପାଇଁ ଆସିଥିଲା । ରାଜ୍ୟ ସରକାର ଜବାବ୍ ଦାଖଲ ପାଇଁ ଦୁଇ ଦିନ ମହଲତ ଦେବାକୁ ଅଦାଲତକୁ ପ୍ରାର୍ଥନା କରିଥିଲେ । ବିଚାରପତି ଶିବଶଙ୍କର ମିଶ୍ର ମାମଲାର ଶୁଣାଣି କରି ରାଜ୍ୟ ସରକାର ଙ୍କ ଆବେଦନ କୁ ମଞ୍ଜୁର କରି

ଗାଡି ଡ଼ିକି ଭାଙ୍ଗି ସାଢ଼େ ୫ଲକ୍ଷ ଲୁଟ୍

ବ୍ରହ୍ମପୁର, (ସବ୍ୟୁ): ଲୁଟେରା ଗ୍ୟାଙ୍ଗ ଆଜି ଦିନ ସାଢ଼େ ଗୋଟିଏ ସମୟରେ ସ୍ଥାନୀୟ ଜୟପ୍ରକାଶ ନଗର ସ୍ଥିତ ବ୍ୟାଙ୍କ ରାସ୍ତାରେ ଗାଡି ଡ଼ିକି ଭଙ୍ଗି ସାଢ଼େ ୫ଲକ୍ଷ ଲୁଟ କରି ଫେରାର ହୋଇଯାଇଥିଲେ। ଏନେଇ ବୈଦ୍ୟନାଥ ପୁର ଥାନା ଅଭିଯୋଗ ହୋଇଛି। କନିସି କୃଷ୍ଣ ମହାରଣା ନାମକ ଜୈନକ ବ୍ୟକ୍ତି ଟଙ୍କା ରଖି ପାଣି ପିଉଥିବା ବେଳେ ଗାଡ଼ି ଗିକି ଭାଙ୍ଗି ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ। ପୁଣି ବ୍ରହ୍ମପୁରରେ ମାତିଲେ ଗାଡି ଡ଼ିକି ଭଙ୍ଗା ଗେଙ୍ଗ ଆଜି ଦିନ ସାଢ଼େ ଗୋଟିଏ ସମୟରେ ସ୍ଥାନୀୟ ଜୟପ୍ରକାଶ ନଗର ସ୍ଥିତ ଅକ୍ସିସ ବ୍ୟାଙ୍କରୁ ୫ସଲକ୍ଷ ୬୦ ହଜାର ଉଠାଇ ନିଜର ଗାଡ଼ି ଡ଼ିକିରେ ରଖି ବ୍ୟାଙ୍କ ସମୁଖରେ ଥିବା ଚା ଦୋକାନୀଙ୍କ ଆଗରେ ମୋଟରସାଇକେଲ ଗାଡି ରଖି ପାଣି ପିଉଥିବା ବେଳେ ଲୁଟେରା ମାନେ ଡିକି ଚାବି ଖୋଲି କେମିତି ଲୁଟ କରିଛନ୍ତି ତାର ଏକ ସିସିଟିଭି ଫୁଟେଜରୁ ଜଣାପଡିଛି। ସାଧାରଣ ଲୋକଙ୍କୁ ଆଖି ଆଗରେ କିପାରୀ ଜଳକା କରି ଲୁଟି ଆଖି ପିଛୁଳାକେ ମୋଟର ସାଇକେଲରେ ବସି ଚାଲିଯାଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ମନରେଗା ଦୁର୍ନୀତି ନେଇ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ

ଧରାକୋଟ, (ସବ୍ୟୁ): ଧରାକୋଟ ବ୍ଲକର ଅଠରଟି ପାଞ୍ଚାୟତ ମଧ୍ୟରୁ କିଛି ପାଞ୍ଚାୟତରେ ପୋଖରିରେ ଡାଳପତ୍ର ଭର୍ତି ହୋଇ ରହିଛି । ଅନାବନା ଘାସ ଭରି ରହିଛି । କୌଣସି ବି କାମ ହେଇନାହିଁ । ହେଲେ ପୁରାକାମ ହୋଇ ଯାଇଥିବା ଦର୍ଶାଇ ବିଲ୍ ହୋଇସାରିଛି । ଲୋକେ ଲୋକାୟୁକ୍ତର ଦ୍ୱାରସ୍ଥ ହେବା ପରେ ଏବେ ଲୋକଙ୍କ ଅଭିଯୋଗକୁ ମିଥ୍ୟା ପ୍ରମାଣିତ କରିବା ପାଇଁ ବ୍ଲକ ପ୍ରଶାସନ ଚେଷ୍ଟା କରୁ ଥିବା ଲୋକେ ଦାବି କରିଛନ୍ତି । ଲୋକେ ଶେଷରେ ଗାଁରେ ମିଟିଙ୍ଗ କରି ଏକାଠି ହୋଇ ବନ୍ଧରେ ବାଡ଼ ଦେବା ପାଇଁ ଖୋଳା ଯାଇଥିବା ମାଟି କାମକୁ କୋଡି, ଶାବୁଳ ଧରି ପୋତି ଦେଇଛନ୍ତି । ଏହା ସହ ଲୋକେ ଅଭିଯୋଗ ଆଣିଛନ୍ତି ଯେ ପ୍ରଥମ ଫଲସ୍ ବିଲ୍ କରି ହରିଲୁଟ୍ ଆଉ ଲୋକାୟୁକ୍ତକୁ କେସ୍ ଗଲା ପରେ ଏବେ କାହିଁକି କାମ କରାଯାଉଛି । କେସ୍ ର କୌଣସି ଫଳା ଫଳ ନଆସିଲା ପର୍ଯ୍ୟନ୍ତ କୌଣସି କାମ ହେବାକୁ ଦିଆ ଯିବ ନାହିଁ ବୋଲି ଗ୍ରାମବାସୀ ଜିଦ ଧରି ବସିଛନ୍ତି । ଏପଟେ ଗାଁ ଲୋକଙ୍କ ଏପରି ପ୍ରତିବାଦ ପରେ ବ୍ଲକ ପ୍ରଶାସନ ଦୁରତା ଜଣାରେ । ତେଣୁ ଧରାକୋଟ ବି.ଡି.ଓ ବାହାରପୁର, ମାଣିକ୍ୟ ପୁର, ଧରାକୋଟ, ଝାଡ଼ବନ୍ଧ, ଝରପରି, ଜଗମୋହ ପଂଞ୍ଚାୟତର ଜେ.ଇ. ପି.ଇ.ଓ ଓ ଜି.ଆର.ଏସ୍ ଗାଁ ଲୋକଙ୍କୁ ମନାଇବା ପାଇଁ ଜୋର ସୋରରେ ଲାଗିଛନ୍ତି । ଗାଁରେ ହେଉଥିବା ମନ୍ଦିର କାମକୁହେଉ କିମ୍ବା ଯେକୌଣସି ଅନୁଷ୍ଠାନ କୁ ଟଙ୍କା ଦେବୁ ଆମକୁ କାମ କରିବାକୁ ଦିଆ ଯାଉ ବୋଲି ଗାଁ ଲୋକଙ୍କୁ ଆସି ବୁଝାଉଥିବା ଲୋକେ କହିଛନ୍ତି। ତଥାପି ଗାଁ ଲୋକଙ୍କ ଏକା ଯିଦ୍ ଯେଉଁ ମାନେ ଏହି ପରି ଫଲସ୍ ବିଲ୍ କରି ହରିଲୁଟ କରିଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ । ପୁଣି ସେମାନଙ୍କ ଗାଁକୁ ଆସୁଥିବା କାମ ଏବେ ଆଉ କାହାରିକୁ କରିବାକୁ ଦିଆଯିବ ନାହିଁ ଗାଁ ଲୋକ ହିଁ କରିବେ ବୋଲି କହିଛନ୍ତି । ପୂର୍ବରୁ ମଧ୍ୟ ଏହି ପଞ୍ଚାୟତମାନଙ୍କରେ ୧୦ଟି କାମରେ ଲକ୍ଷ ଲକ୍ଷରୁ ଉର୍ଦ୍ଧ ଟଙ୍କାର ମିଥ୍ୟା ବିଲ କରାଯାଇଥିବା ନେଇ ଲୋକାୟୁକ୍ତରେ ଅଭିଯୋଗ ହୋଇଛି । ଏହା ଏବେ ଲୋକାୟୁକ୍ତରେ ବିଚାରାଧିନ ରହିଛି । ହେଲେ ବାରମ୍ବାର ବ୍ଲକରେ ମନରେଗା କାମରେ ଫଲସ୍ ବିଲ ହେଉଥିବା ଆଭିଯୋଗ ପରେ ବି ସମ୍ପୃକ୍ତ କର୍ମଚାରି ବିରୋଧରେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ହେଇ ନଥିବା ବେଳେ ଅଭିଯୋଗ ପରେ ଠିକାଦାର ମାନେ ଅଭିଯୋଗକାରିଙ୍କୁ ହତ୍ୟା ଧମକ ମଧ୍ୟ ଦେଉଥିବା ସୂଚନା ମିଳୁଛି । ଆମେ ଏନେଇ ଧରାକୋଟ ବି.ଡ଼ି.ଓ ଙ୍କ ପ୍ରତିକ୍ରିୟା ନେଇଥିଲୁ । ସେ ଜେ.ଇ, ଜି.ଆର.ଏସ , ପି.ଇ.ଓ ଙ୍କ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି ଧରାକୋଟ (ବି.ଡି.ଓ) ଡେନିସ ବେହେରା । ଏପଟେ ବାହାର ପୁର ପଞ୍ଚାୟତ ର ଲୋକାୟୁତ ରେ ପ୍ରକୃତ ଦୋଷୀ ଙ୍କୁ ଦଣ୍ଡ ନ ମିଳିଣୁ ପୁଣି ମାଣିକ୍ୟପୁର ପଞ୍ଚାୟତରେ ଗୋଟିଏ କୃଷ୍ଣ ସାଗରରେ କୋଡିଏ ଲକ୍ଷରଫଲସ୍ ବିଲ କୁ ନେଇ ପ୍ରଥମେ ଆର,ଟି, ଆଇ ନର୍ମିଲିବାରୁ ଅସନ୍ତୋସ ପରେ ଲୋକାୟୁତ, ଭିଜିଲାନ୍ସ, ହ୍ୟୁମାନ ରାଇଟସ, ଯିବାପାଇଁ ଅଣ୍ଟା ଭିଡିଲେଣି ।

ବିଶ୍ୱ ଘରଚଟିଆ ଦିବସ

ଗଞ୍ଜାମ/ରମ୍ଭା, (ସବ୍ୟୁ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଋଷିକୁଲ୍ୟା କଇଁଚ ସୁରକ୍ଷା ସମିତି ପକ୍ଷରୁ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦକ ତଥା ଯୁବ ପରିବେଶବିତ ରବିନ୍ଦ୍ର ନାଥ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଓଡିଶା ସାମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ସାମାଜିକ କର୍ମୀ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଘର ଚଟିଆ ପକ୍ଷୀଟିର ସୁରକ୍ଷା, ବଂଶ ବୃଦ୍ଧିର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିବା ସହ ଜୀବଟିର ସଂରକ୍ଷଣ ପାଇଁ ଯୁବ ପରିବେଶବିତ ଶ୍ରୀ ସାହୁଙ୍କ ପ୍ରଶଂସନୀୟ ଉଦ୍ୟମ ଓ ପୁରୁଣାବନ୍ଧ ଗ୍ରାମବାସୀଙ୍କ ସହଯୋଗ ପାଇଁ ଉଚ୍ଚ ପ୍ରଶଂସା କରିଥିଲେ । ପୁରୁଣାବନ୍ଧ ଗ୍ରାମ୍ୟ ସଭାପତି ମାଗତା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତିଲତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ଉକ୍ତ ନିରୀହ ଜୀବଟିର ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବେ ବୋଲି ଶପଥ ନେଇଥିଲେ ।

ଫସଲ ନଷ୍ଟ କରୁଛନ୍ତି ୧୨ ଟିକିଆ ହାତୀପଲ

ଧରାକୋଟ, (ସବ୍ୟୁ): ଧରାକୋଟ ବ୍ଲକର ଗୋଟିଏ ପରେ ଗୋଟିଏ ଗାଁ ରେ ଦୀର୍ଘ ଏକ ମାସରୁ ଅଧିକ ସମୟ ହେଲାଣି ଉପଦ୍ରବ କରୁଛନ୍ତି ୧୨ ଟିକିଆ ହାତି ପଲ । ଏକର ଏକର ଜମିର ଫସଲ ନଷ୍ଟ କରୁଛନ୍ତି । ପୁଣି ଗାଁ ରେ ପଶି ଲୋକଙ୍କ ଘର ଦ୍ୱାରା ଭାଙ୍ଗୁଛନ୍ତି । ଜଙ୍ଗଲ ତଟବର୍ତି ଗାଁର ଲୋକେ ସନ୍ଧ୍ୟା ନଇଁଲେ ଲୋକେ ଟାଟିକବାଟ ପକାଇ ଭୟରେ ରହୁଛନ୍ତି । ଏପଟେ ବନ ବିଭାଗ ଭିନ୍ନ ଭିନ୍ନ ଟିମ ଗଠନ କରି ସାରା ରାତି ଉଜାଗର ରହି ଗାଁ ଲୋକଙ୍କ ସହ ମିଶି ହାତି ପଲକୁ ସୁରକ୍ଷିତ ଘଉଡାଇବା ପାଇଁ ଉଦ୍ୟମ କରୁଛନ୍ତି । ଗତ ଏକମାସରୁ ଅଧିକ ଦିନ ହେଲେଣି ଆସିକା ରେଞ୍ଜର ସେରଗଡ଼ ପରେ ଏବେ ଧରାକୋଟ କୂଳରେ ଆତଙ୍କ ଖେଳାଇଛନ୍ତି ୧୨ ଟିକିଆ ହାତିପଲ । ହାତି ପଲରେ ଦୁଇଟି ଦନ୍ତା ତିନୋଟି ଛୁଆ ହାତି ମଧ୍ୟ ରହିଛନ୍ତି । ଧରାକୋଟର ବ୍ଲକର ସୁନାମୋହି ପରେ ଏବେ ଗତ ୩ ଦିନ ହେଲାଣି ସରଧାପୁର ଓ ହିରାଖଣ୍ଡି ଗ୍ରାମରେ ପସି ଲୋକଙ୍କ ଫସଲ ନଷ୍ଟ କରୁଛନ୍ତି । ହିରାଖଣ୍ଡି ଗ୍ରାମର ଅଧିକାଂଶ ଲୋକ ପନିପରିବା ଚାଷ କରୁଥିବା ଫଳରେ ହାତିପଲକୁ ବିଭିନ୍ନ ବ୍ୟାପକ ପନିପରିବା ମିଳୁଥିବାରୁ ସେମାନେ ଗାଁ ଛାଡି ଯାଉନାହାନ୍ତି। ଗତକାଲି ରାତିରେ ହିରାଖଣ୍ଡି ଗ୍ରାମର ଅନେକ ଚାଷି ଲଗାଇଥିବା କଣ୍ଟିଆଳି, କଖାରୁ, କୋବି, ଟମାଟ, କଟିକି ପୋଟଲ ଓ ଅନେକଙ୍କ କଦଳି ବାଡ଼ ଭାଙ୍ଗି ନଷ୍ଟ କରି ଦେଇଛନ୍ତି । ଏକର ଏକର ଜମିର ଏହି ଫସଲ ଦଳି ଚକଡି ପୁରା ପୁରି ମାଟିରେ ମିଶାଇ ଦେଇଛନ୍ତି । ଲୋକେ ଫସଲ ହାତି କବଳରୁ ରକ୍ଷା କରିବା ପାଇଁ ରାତିରେ ଜମି ନିକଟରେ ନିଆଁ ଜ୍ୱଳା ଧରି ବନ ବିଭାଗ ସହ ମିଶି ଜଗୁଛନ୍ତି । ତଥାପି ହାତି ମାନେ ରାତିରେ ଆସି ବହୁ ପରିମାଣର ଫସଲ ନଷ୍ଟ କରୁଛି । ବନ ବିଭାଗ ପକ୍ଷରୁ ମଧ୍ୟ ହାତିକୁ ସୁରକ୍ଷିତ ଘଉଡାଇବା ପାଇ ବ୍ୟବସ୍ଥା କରାଯାଇଛି । ଦିନ ଓ ରାତି ସାରା ବନ ବିଭାଗର ଗୋଟିଏ ଟିମ ହାତି ମାନଙ୍କ ଗତି ବିଧି ଉପରେ ନଜର ରଖୁଛନ୍ତି । ସନ୍ଧ୍ୟା ହେଲେ ବନବିଭାଗ ହାତି ଥିବା ଜଙ୍ଗଲ ନିକଟ ଗାଁର ଲୋକଙ୍କୁ ସତକ କରିବା ସହ ହାତି ଚଳ ପ୍ରଚଳ ହେବାକୁ ଥିବା ରାସ୍ତାକୁ ଜଗିରହୁଛନ୍ତି । ଗାଁର ଲୋକଙ୍କୁ ଘରୁ ନ ବାହାରିବା ପାଇଁ କୁହାଯାଉଛି । ବନ ବିଭାଗ ପକ୍ଷରୁ ଲୋକଙ୍କ ମୋବାଇଲକୁ ମେସେଜ ପଠାଇ ହାତିର ଗତିବିଧି ଉପରେ ଖବର ଦିଆ ଯାଉଛି । ଏସବୁ ସତ୍ତ୍ୱେ ଗତ ଏକ ମାସ ହେଲାଣି ଏହି ୧୨ ଟିକିଆ ହାତି ପଲ ବନ ବିଭାଗର ନିଦ ହଜାଇ ସାରିଲାଣି ।

ପୋଚାଲୁଣ୍ଡି ଗ୍ରାମରେ ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ପୋଚଲୁଣ୍ଡି ଗ୍ରାମରେ ମା ବ୍ୟାଘ୍ରଦେବୀ, ମା ବ୍ରାହ୍ମଣୀ ଦେବୀ ଓ ମା କନ୍ଧୁଣି ଦେବୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରବିବାର ଦିନ ମଣ୍ଡଳ କରଣ,କଳସ ଯାତ୍ରା ଓ ଅଙ୍କୁରା ରୋପଣ ଅନୁଷ୍ଠିତ ହୋଇଥିଲା । ଗ୍ରାମର ଶତାଧିକ ମହିଳା ଓ ପୁରୁଷ ମୁଣ୍ଡରେ କଳସ ଧରି ଢୋଲବାଦ୍ୟର ତାଳେ ତାଳେ ଗ୍ରାମ ପରିକ୍ରମା କରିଥିଲେ। ସୋମବାର ଦିନ ସୂର୍ଯ୍ୟପୂଜା, ଶାଲା ପୂଜା, ଅଗ୍ନି ସ୍ଥାପନ, ଘୃତ ଯଜ୍ଞ, ବନ ଯୋଗ, ରନ୍ମୁଦ, ଦାରୁଆ ନୟନ ଓ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞରେ ପୋଚାଲୁଣ୍ଡି , ଗରାଇଝୁଳି , ମାଳତୀବାଡ଼ି, ସାନଖୋଲି ଓ ଜେନାପୁର ଗ୍ରାମର ନାମ ଦଳ ଯୋଗ ଦେଇ ୨୪ ପ୍ରହର ନାମ ସଂକୀର୍ତ୍ତନ କରିଥିଲେ। ମଙ୍ଗଳବାର ଦିନ ସୂର୍ଯ୍ୟ ପୂଜା, ଶାଲା ପୂଜା, ଅଗ୍ନି ସ୍ଥାପନ ପରେ ବୁଧବାର ଦିନ ସିଂହାସନ ଆରୋହଣ ଓ ଧ୍ୱଜା ଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଯଜ୍ଞ ଆଚାର୍ଯ୍ୟ ଭାବେ ତନରଡ଼ା ଗ୍ରାମର ଶାନ୍ତନୁ ଦାଶ, ନାମ ଆଚାର୍ଯ୍ୟ ଭାବେ କଟକ ଜିଲ୍ଲା ନେମାଳର ଦିନ ଦୟାଲ ମହାରାଜ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବେ ରମେଶ ବିଷୋୟୀ ଦାୟିତ୍ୱ ତୁଲାଇଛନ୍ତି । ସରପଞ୍ଚ ସୁଜାତା କୁମାରୀ ପ୍ରଧାନ, ଯଜ୍ଞ କମିଟି ସଭାପତି ଭାସ୍କର ଜେନା, କାର୍ଯ୍ୟକାରୀ ସଭାପତି ଭଗବାନ ଜେନା, ସମ୍ପାଦକ ପବିତ୍ର ମୋହନ ପ୍ରଧାନ, କୋଷାଧକ୍ଷ ବିପ୍ର ଚରଣ ଜେନାଙ୍କ ସମେତ କମିଟି ସଦସ୍ୟ ଓ ଗ୍ରାମବାସୀ ବୃନ୍ଦ ଏଥିରେ ସହଯୋଗ କରିଛନ୍ତି ।

ହୋଟେଲ ଲିଭିଆରେ ବିଶ୍ୱ ପଖାଳ ଦିବସ ପାଳିତ

ବାରିପଦା, (ସବ୍ୟୁ) : ଆଜି 'ବିଶ୍ୱ ପଖାଳ ଦିବସ । ଗତ କିଛି ବର୍ଷ ହେବ ଆମେ ମାର୍ଚ୍ଚ ୨୦ତାରିଖ ଟିକୁ 'ବିଶ୍ୱ ପଖାଳ ଦିବସ ରୂପେ ଚାରିଆଡେ ପାଳନ କରିଆସୁଛୁ । ଆମେ ଓଡିଆ, ଆମ ଖାଦ୍ୟ ଭାରି ବଢ଼ିଆ । ଆଉ ଗରମ ଦିନ ଆସିଲେ ପଖାଳ କଂସା ଆଡକୁ ମନ ଆପଣା ଛାଏଁ ଟାଣି ହୋଇଯାଏ । ଡହଡହ ଖରାବେଳ ଇଚ୍ଛା ହୁଏ ପଖାଳ ଟିକିଏ ହୁଅନ୍ତାକି । ଆଜିର ନୂତନ ପିଢିର ପିଲାମାନେ ପାଶ୍ଚାତ୍ୟ ସଭ୍ୟତାରେ ପଡି ପିଜା, ବର୍ଗର, ଚାଓମିନ୍, ରୋଲ ଆଦି ଫାଷ୍ଟ ଫୁଡ୍ ଭଳି ଖାଦ୍ୟକୁ ଆପଣାଉଥିବା ବେଳେ ପଖାଳ କଣ ବୋଲି ବି ଜାଣିପାରୁ ନାହାଁନ୍ତି। ତେଣୁ ଓଡିଆ ସଂସ୍କୃତି ଖାଦ୍ୟ ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଆଜିର ଏହି ଦିନଟିକୁ 'ପଖାଳ ଦିବସ ଭାବେ ପାଳନ କରିବାରେ ବେଶ୍ ଯଥାର୍ଥତା ରହିଛି। ତେବେ ଏହି ଦିବସଟିକୁ ପ୍ରାଧାନ୍ୟ ଦେବା ପାଇଁ ସହରର କିଛି ବଡ ବଡ ହୋଟେଲ ଓ ରେଷ୍ଟୋରାଁରେ ଅତି ଆଡମ୍ବରପୂର୍ଣ୍ଣ ଭାବରେ ଏହାକୁ ପାଳନ କରାଯାଉଛି। ଯାହାର ଉଦାହରଣ ଦେଖିବାକୁ ମିଳିଛି ବାରିପଦା ସହରରେ ଥିବା ଜଣାଶୁଣା ବା ନାମକରା 'ଲିଭିଆ ହୋଟେଲରେ। କଂସା ବାସନରେ ସ୍ୱେଶାଲ ଛୁଙ୍କ ଦିଆ ପଖାଳ ସହ ଶାଗ ଭଜା, ବଡି ଚୁରା, ବାଇଗଣ ପୋଡା ଚଟଣି, ମାଛ ଭଜା, ମାଛ ବେସର ଭଳି ୧୦ ରୁ ୧୫ ପ୍ରକାରର ସୁ ସୁଆଦିଆ ତରକାରୀ ସାଙ୍ଗକୁ ପିଆଜ ଓ କଞ୍ଚା ଲଙ୍କା ପରସା ଯାଇଛି ଗ୍ରାହକଙ୍କୁ। ଗ୍ରାହକମାନଙ୍କୁ ଏହି ଖାଦ୍ୟ ବେଶ୍ ଆନନ୍ଦ ଦେଇଥିବା ପ୍ରକାଶ କରିଥିବାବେଳେ ଆଜିର ଏହି ପଖାଳ ଦିବସକୁ ସ୍ୱତନ୍ତ୍ର କରିବା ପାଇଁ ହୋଟେଲ ମାଲିକ ସୁନୀତା ଜୁବେଲାଙ୍କୁ ବେଶ୍ କସରତ କରିବାକୁ ପଡିଥିଲା ବୋଲି ପ୍ରକାଶ କରିଛନ୍ତି।

ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ ମାମଲା

ଯୁବକଙ୍କୁ ୨୦ବର୍ଷ ଜେଲ୍

ବାରିପଦା, (ସବ୍ୟୁ) : ଏକ ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ସନ୍ତୋଷ କୁମାର ନାୟକ ଅଭିଯୁକ୍ତ ମହାଦେବ୍ ସିଂ(୪୦)ଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ । ଘଟଣାରୁ ପ୍ରକାଶ ଯେ, ୨୦୧୯ ମସିହା ଜୁନ୍ ୨୮ତାରିଖ ଦିନ ବାରିପଦା ସଦର ଥାନା ଅନ୍ତର୍ଗତ କୁଣ୍ଡଳବଣୀ ଗ୍ରାମର ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କ ଘରେ କେହି ନଥିବାବେଳେ ଘର ପାଖରେ ଖେଳୁଥିବା ସମୟରେ ଉକ୍ତ ଗ୍ରାମର ମହାଦେବ୍ ସିଂ ନାବାଳିକାଙ୍କୁ ଏକୁଟିଆ ପାଇ ଘର ପଛପଟ ବାଡିରେ ଜୋରଜବରଦସ୍ତି ଦୁଷ୍କର୍ମ କରିଥିଲେ । ଏନେଇ ପୀଡିତାଙ୍କ ପରିବାର ପକ୍ଷରୁ ଅଭିଯୋଗ କ୍ରମେ ବାରିପଦା ସଦର ଥାନାରେ ୬୧/୧୯ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ବୁଧବାର ୨୧ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି । ଏଥିସହ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୫ଲକ୍ଷ ଟଙ୍କା ଜିଲ୍ଲା ଆଇନ୍ ସହାୟତା କର୍ତ୍ତୃପକ୍ଷଙ୍କୁ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଜିଲ୍ଲାସ୍ତରୀୟ ଅମଲାଙ୍କ ଦରମା ଓ ଗ୍ରେଡପେ ବୃଦ୍ଧି କାର୍ଯ୍ୟକାରୀ ନହେବାରୁ ସଂଘର କ୍ଷୋଭ

ଆସିକା, (ସବ୍ୟୁ): ଜିଲ୍ଲାସ୍ତରୀୟ ଅମଲାଙ୍କ ନିମନ୍ତେ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଅନୁସାରେ ଦରମା ହାର ଟ.୯୩୦୦/- ଗ୍ରେଡ଼ ପେ ଟ.୪୨୦୦/-ପ୍ରଦାନ ପାଇଁ ଓଡିଶା ଅମଲା ସଙ୍ଘ ବହୁବାର ଦାବୀ ଓ ଆନ୍ଦୋଳନ କରି ଆସୁଥିଲେ ମଧ୍ୟ ରାଜ୍ୟ ସରକାର କାର୍ଯ୍ୟକାରୀ କରୁନଥିବାରୁ ଓଡିଶା ଅମଲା ସଙ୍ଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ସଂଘ ପକ୍ଷରୁ ଗତ୨୦୧୭ ମସିହା ଠାରୁ ରାଜ୍ୟ ସରକାରଙ୍କୁ ପତ୍ରଳାପ ଓ ବହୁବାର ଆନ୍ଦୋଳନ ପରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଆଲୋଚନା, ୫- ଟି ସଚିବଙ୍କ ସହିତ ଆଲୋଚନା ଏବଂ ସର୍ବୋପରି ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ବରିଷ୍ଠ ପଦାଧିକାରୀଙ୍କ ସହ ଦାବୀ ବିଷୟରେ ସନ୍ତୋଷଜନକ ଆଲୋଚନା ହୋଇଥିଲା। କିନ୍ତୁ ବଡ ବିଡମ୍ବନାର ବିଷୟ ଗତକାଲି ସାଧାରଣ ପ୍ରଶାସନ ବିଭାଗର ପ୍ରକାଶିତ ପତ୍ର ସଂଖ୍ୟା ୮୮୯୮ ତା ୧୫/୩/୨୪ ରିଖରେ ଜିଲ୍ଲା ସ୍ତରୀୟ ଅମଲାଙ୍କ କନିଷ୍ଠ ସହାୟକ ପଦବୀରେ କୌଣସି ଦରମା ବୃଦ୍ଧି ହୋଇନାହିଁ । ରାଜ୍ୟ ସରକାର ଙ୍କ ଅଧୀନରେ କାର୍ଯ୍ୟରତ ଅନ୍ୟ କ୍ୟାଡରର କର୍ମଚାରୀଙ୍କ ଧାର୍ଯ୍ୟ ସମୟ ଚାକିରୀ ପରେ ସ୍ୱତଃ ଉପର ସ୍କେଲକୁ ଦରମାପ୍ରାପ୍ତି ପାଇବାକୁ ଯୋଗ୍ୟ ବିବେଚିତ ଆଦେଶ ଥିବାବେଳେ ଜିଲ୍ଲା ସ୍ତରୀୟ ଅମଲାଙ୍କ ପ୍ରତି ବୈମାତୃକ ମନୋଭାବ ଅମଲାଙ୍କ ମନରେ ଘୋର ଆଘାତ ସୃଷ୍ଟି କରୁ ଥିବା ସଂଘ ପକ୍ଷରୁ କୁହାଯାଇଛି। ପୁନଶ୍ଚ ଗତ ତା ୬.୦୧.୨୪ରିଖ ରେ ରାଜସ୍ୱ ବିଭାଗକୁ ବାଦ ଦେଇ ଅନ୍ୟ ସମସ୍ତ ବିଭାଗକୁ ପୂର୍ବ ପରି କମନ କ୍ୟାଡର ରେ ଆଦେଶ ଥିବାବେଳେ ସାଧାରଣ ପ୍ରଶାସନ ବିଭାଗର ଉକ୍ତ ପତ୍ର ସଂଖ୍ୟା ୮୮୯୮ କମନ କ୍ୟାଡର କୁ ଉଠାଇଦିଆଯାଇଥିବା ଦର୍ଶାଯାଇଛି। ରାଜ୍ୟ ସରକାର ଙ୍କର ଏହିପରି କାର୍ଯ୍ୟକୁ ଓଡିଶା ଅମଲା ସଂଘ ତୀବ୍ର ପ୍ରତିବାଦ ପ୍ରକାଶ କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ

ମନ୍ଦିର ପ୍ରତିଷ୍ଠା ନେଇ କଳସ ଯାତ୍ରା

ଭବାନୀପାଟଣା,(ସବ୍ୟୁ): ସ୍ଥାନୀୟ ଇରିଗେସନ ଛକ ତ୍ରିନାଥ ମନ୍ଦିର ପରିସରରେ ନୂତନ ଭାବେ ନିର୍ମିତ ଜଗନ୍ନାଥ, ହନୁମାନ ଓ ଗଣେଶ ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ମନ୍ଦିର କମିଟି ସଭାପତି ଧବଳେଶ୍ୱର ମହାପାତ୍ର, ଉପସଭାପତି ସନ୍ତୋଷ ସାହୁ, ସମ୍ପାଦକ ପ୍ରଣବ ଯୋଷୀ, ସୁକାନ୍ତି ସରାଫ, ଉପଦେଷ୍ଟା ଦୁର୍ଗା ପ୍ରସାଦ ମିଶ୍ର, ଅବିନାଶ ଠାକୁର, ମଣ୍ଟୁ ନାଏକ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ ପ୍ରମୁଖଙ୍କ ନେତୃତ୍ୱରେ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଆଚାର୍ଯ୍ୟ ଶରତ ମିଶ୍ର, ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଜଳାଧିବାସ ଓ ମଙ୍ଗଳାରୋପଣ କାର୍ଯ୍ୟ ସମ୍ପାଦନ କରିଥିଲେ । ମାର୍ଚ୍ଚ ୧୯ ତାରିଖରେ ତିନୋଟି ମନ୍ଦିରର ପ୍ରତିଷ୍ଠା ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଛି ବୋଲି ସଭାପତି ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି।

ପଖାଳ ଓ ଘରଚଟିଆ ଦିବସ ପାଳିତ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲି ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ପଖାଳ ଦିବସ ସ୍ଥାନୀୟ ହାଇସ୍କୁଲର ଏନସିସି ଭବନରେ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରେଶନାଥ ପାଣିଗ୍ରାହୀ, ଲଳିତ କୁମାର ସୁନାରୀ, ଗୌତମ ମେହେର, ଶିବ ପ୍ରସାଦ ମେହେର, ବୃନ୍ଦାମଣି ମେହେର, ହରେକଷ୍ଣ ମେହେର, ସୁବାସ ସାହୁ, ପ୍ରେମାନନ୍ଦ ମେହେର, ରଶ୍ମିରଞ୍ଜନ ସା, ପରମେଶ୍ୱର ମେହେର, ବଂଶୀଧର ଜଗତ ପ୍ରମୁଖ ଯୋଗଦେଇ ପଖାଳ ଦିବସ ମହତ୍ୱ ବିଷୟରେ ନିଜସ୍ୱ ମତ ରଖିଥିଲେ । ସ୍ୱାସ୍ଥ୍ୟ ଓ ସ୍ୱାଦ ପାଇଁ ପଖାଳର ଗୁରୁତ୍ୱ ଯେତିକି ରହିଛି ପାରିବାରିକ ସମ୍ପର୍କକୁ ସୁଦୃଢ଼ କରିବାରେ ମଧ୍ୟ ଏହାର ମହତ୍ୱପୂର୍ଣ୍ଣ ଭୂମିକା ରହୁଥିବା ଅଲୋଚକ ମାନେ ଏ ଅବସରରେ ମତ ପ୍ରକାଶ କରିଥିଲେ । ଏଥିସହ ଘରଚଟିଆ ଦିବସ ଉପଲକ୍ଷେ ଏହି ଟିକି ପକ୍ଷୀର ସୁରକ୍ଷା ବିଷୟରେ ଆଲୋଚନା ହୋଇଥିଲା । ସଭା ଶେଷରେ ରଶ୍ମୀରଞ୍ଜନ ସା ଧନ୍ୟବାଦ ଅର୍ପଣ କରିଥିଲେ ।

ଖବର କାଗଜ ବିତରକ ଶଶିକାନ୍ତ ସାହୁଙ୍କ ପରଲୋକ

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ବାସିନ୍ଦା ତଥା ଖବର କାଗଜ ବିତରକ ଶଶିକାନ୍ତ ସାହୁଙ୍କ ନିଜ ବାସ ଭବନରେ ବୁଧବାର ପରଲୋକ ହୋଇଯାଇଛି । ପ୍ରକାଶ ଥାଉକି ଶଶିକାନ୍ତ ଦୀର୍ଘ ବର୍ଷ ହେଲା ବିଭିନ୍ନ ଖବର କାଗଜର ବିତରକ ଭାବେ କାର୍ଯ୍ୟକରି ଆସୁଥିବା ବେଳେ ପୁରୁଣା କଟକ ବଜାର ଜଣେ ବ୍ୟବସାୟୀ ଭାବେ ପରିଚିତ । ସେ ସବୁବେଳେ ଉଦାରବାଦୀ, ସ୍ନେହୀ ଓ ଲୋକ ମେଳାପୀ ହୋଇଥିବା ହେତୁ ତାଙ୍କର ମୃତ୍ୟୁ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ତାଙ୍କର ମୃତ୍ୟୁ ଖବର ଶୁଣି ଜର୍ଣ୍ଣାଲିଷ୍ଟ ଆସୋସିଏସନର ସଦସ୍ୟ ବୃନ୍ଦ, ପୁରୁଣା କଟକ ବଜାର ବିଭିନ୍ନ ବ୍ୟବସାୟୀ, ବନ୍ଧୁ ବାନ୍ଧବ, ପ୍ରିୟଜନ ସାଥି ଗଣ ପହଁଚି ଶେଷ ଦର୍ଶନ କରିଥିବା ବେଳେ ମୃତ୍ୟୁ ବେଳକୁ ନିଜ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଶେଷରେ ନିଜ ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ କରାଯାଇଥିଲା ।

୭୭୫ କିଲୋ ଗଞ୍ଜେଇ ଜବତ, ୨ ଗିରଫ

ମାଲକାନଗିରି, (ସବ୍ୟୁ): କାଲିମେଳା ପୋଲିସ ଗଞ୍ଜେଇ ଜବତ କରିବା ସହ ୨ ଜଣ ଚାଲାଣକାରୀଙ୍କୁ ଗିରଫ କରିଛି। ପୋଲିସ ଏସଆଇ ଏସ କେ ବିଶ୍ୱାସ ବିଶେଷ ସୂତ୍ରର ଖବର ପାଇଥିଲେ ଯେ ପାପଲୁର ପଞ୍ଚାୟତର ପେଟାଲ ଗ୍ରାମ ନିକଟସ୍ଥ ଜଂଗଲରେ କିଛି ବ୍ୟକ୍ତି ଗଞ୍ଜେଇ ଲୁଚାଇ ରଖିଛନ୍ତି। ତୁରନ୍ତ ଏସଆଇ ଶ୍ରୀ ବିଶ୍ୱାସ ଏକ ଟିମ ଗଠନ କରି ଜଙ୍ଗଲରେ ଚଢାଉ କରିଥିଲେ । ଗଞ୍ଜେଇକୁ ଜଂଗଲର ଏକ ନିର୍ଜନ ସ୍ଥାନରେ ପୋତାଯାଇଥିଲା । ପୋଲିସ ଗଞ୍ଜେଇ ଉଦ୍ଧାର କରି ଓଜନ କରିବା ପରେ ସେଠାରେ ୭୭୫ କିଲୋ ଗଞ୍ଜେଇ ରଖାଯାଇଥିବା ଜଣାପଡିଥିଲା। ତୁରନ୍ତ ଏହି ଘଟଣାରେ ସାମିଲ ଥିବା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ମୁଡୁଲିଗୁଡା ଗ୍ରାମର ଜଗତରାୟ ମୁଡୁଲି ଏବଂ ସୋନା ମୁଡୁଲିକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏମାନଙ୍କ ଠାରୁ ପୋଲିସ ଦୁଇଟି ମୋବାଇଲ ଫୋନ୍, ଆଧାରକାର୍ଡ, ପାନକାର୍ଡ ଇତ୍ୟାଦି ଜବତ କରିଛି ।

ସଂକୀର୍ଣ୍ଣ ରାସ୍ତା ସହ ଟ୍ରାଫିକ ଜାମ୍, ମୋ ବସ୍ ପାଇଁ ଅଡୁଆ

ସମ୍ବଲପୁର,(ସବ୍ୟୁ): ପଶ୍ଚିମ ଓଡିଶାର ପ୍ରାଣକେନ୍ଦ୍ର ସମ୍ବଲପୁର ସହରରେ ମୋ ବସ୍ ସେବା ଆରମ୍ଭ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ୪ଗୋଟି ରୁଟ୍‌ରେ ୧୫ଗୋଟି ବସ୍ ଚଳାଚଳ କରୁଛି। ସମ୍ବଲପୁର ଷ୍ଟେସନରୁ ସିଟି ଷ୍ଟେସନ, ଅଇଁଠାପାଲି ବସ୍ ଟର୍ମିନାଲରୁ ସାହାଜବାହାଲ, ଅଇଁଠାପାଲି ବସ୍ ଟର୍ମିନାଲରୁ ବୁର୍ଲା ବସ୍‌ଷ୍ଟାଣ୍ଡ ଓ ଅଇଁଠାପାଲି ବସ୍ ଟର୍ମିନାଲରୁ ହୀରାକୁଦ ଡ୍ୟାମକୁ ଏହି ସେବା ଯୋଗାଇ ଦିଆଯାଇଛି । ଏହାଦ୍ୱାରା ଲୋକେ ସୁବିଧାରେ ଯାତାୟତ କରି ପାରୁଛନ୍ତି । ମାତ୍ର ସହରରେ ସଂକୀର୍ଣ୍ଣ ରାସ୍ତା ଓ ଟ୍ରାଫିକ ସମସ୍ୟା ଯୋଗୁଁ ବସ୍ ଯାତାୟତରେ ଅଡୁଆ ସୃଷ୍ଟି ହେଉଛି ।

ସମ୍ବଲପୁର ସହରର ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସହର ତାର କାୟା ବିସ୍ତାର କରିବାରେ ଲାଗିଥିବା ବେଳେ ବହୁ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟ ଚାଲୁ ରହିଛି । ଜନସଂଖ୍ୟା ଓ ଯାନବାହାନକୁ ଦୃଷ୍ଟିରେ ରଖି ସହର ମଧ୍ୟରେ ଥିବା ରାସ୍ତା ଗୁଡିକ ଯେଭଳି ଓସାରିଆ ହେବା କଥା ତାହା ହୋଇନାହିଁ । ବହୁ ସ୍ଥାନରେ ଜବରଦଖଲ ମଧ୍ୟ ରହିଛି । ରାସ୍ତା କଡରେ ଅନେକ ଦୋକାନ ଓ ସର୍ପିଂମଲ ନିର୍ମାଣ ହୋଇଛି । ପାର୍କିଂ ବ୍ୟବସ୍ଥା ନଥିବା ବେଳେ ରାସ୍ତା ଉପରେ ଲୋକେ ଗାଡିମୋଟର ରଖି କିଣାବିକା କରୁଛନ୍ତି । ପ୍ରଶାସନ ଜବରଦଖଲ ଉଚ୍ଛେଦ କରି ରାସ୍ତା ଓସାରିଆ କରିବା ବଦଳରେ ଅନେକ ସ୍ଥାନରେ ସୌନ୍ଦର୍ଯ୍ୟକରଣ କରି ଏହାକୁ ଅଧିକ ସଙ୍କୁଚିତ କରିଛି । ଫଳରେ ଟ୍ରାଫିକ ସମସ୍ୟା ଦେଖାଯାଉଛି ।

ସମ୍ବଲପୁର ସହରର ଲକ୍ଷ୍ମୀ ଟକିଜ ଛକରୁ ଜିଲା ସ୍କୁଲ ଛକ , ଲକ୍ଷ୍ମୀଟକିଜ୍ ଛକରୁ ମ୍ୟୁନସିପାଲଟି ଛକ ଓ ଜିଏମ୍ କଲେଜ ଛକରୁ ଅଇଁଠାପାଲି ଛକ ପର୍ଯ୍ୟନ୍ତ ଉଭୟ ରାସ୍ତା କଡରେ ବଡ

ବଡ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ରହିଛି । ଅନେକ ପ୍ରତିଷ୍ଠାନ ଗୁଡିକ ରାସ୍ତା ଉପରକୁ ମାଡି ଆସିଛନ୍ତି । ସେହିପରି ଅନେକ ପାର୍କିଂ ପାଇଁ ଆବଶ୍ୟକୀୟ ସ୍ଥାନ ନିୟମାନୁଯାୟୀ ଛାଡି ନାହାଁନ୍ତି । ଯାହା ଫଳରେ ପୂର୍ବରୁ ସଙ୍କୁଚିତ ଏହି ରାସ୍ତା ଏବେ ପ୍ରାୟତଃ ଜାମ ରହୁଛି । ପ୍ରଶାସନ ଜବରଦଖଲ ଉଚ୍ଛେଦ ନକରି ଜବରଦଖଲକାରୀଙ୍କୁ ସୁହାଇଲା ଭଳି କାମ କରୁଛି । ରାସ୍ତା କଡରେ ଡ୍ରେନ ନିର୍ମାଣ ଓ ବିଦ୍ୟୁତ୍ ପୋଲ ରହିଛି । ଏହାମଧ୍ୟ ଟ୍ରାଫିକ ଜାମ୍‌ର ପ୍ରମୁଖ କାରଣ ମଧ୍ୟରେ ଅନ୍ୟତମ ।

ବିଶେଷ କରି ମୋ ବସ୍ ଚଳାଚଳ ସମୟରେ ସହରର ଜିଏମ୍ କଲେଜ ଛକରୁ ମୁଦିପଡା ଛକ, ଲକ୍ଷ୍ମୀଟକିଜ ଛକରୁ ମ୍ୟୁନ୍ସିପାଲଟି ଛକ ପର୍ଯ୍ୟନ୍ତ ପ୍ରତ୍ୟହ ଟ୍ରାଫିକ ଜାମ୍ ପରିସ୍ଥିତି ଉପୁଜୁଛି । ଧୁରୁରାପଡା ଛକରୁ ଜିଲ୍ଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଫ୍ଲାଏଓଭର ନିର୍ମାଣ ହୋଇଥିବା ବେଳେ ଏହାର ତଳେ ଲୋକେ ଯାନବାହାନ ରଖି ନିଜନିଜ କାର୍ଯ୍ୟରେ ଯାଉଛନ୍ତି । ଯାହାକି ଅଣଓସାରିଆ ରାସ୍ତାକୁ ଅଧିକ ଦାଉ ସାଧୁଛି । ଏନେଇ ବସ୍ ଯାତ୍ରୀଙ୍କୁ ସମୟ ନଷ୍ଟ ହେଉଛି । ଏପରିକି ସାଧାରଣ ଜନତାଙ୍କ ଯାତାୟତରେ ମଧ୍ୟ ଅସୁବିଧା ହେଉଛି । ଏହାର ପ୍ରତିକାର ପାଇଁ ବାରମ୍ବାର ଦାବି ହେଉଛି । ଟ୍ରାଫିକ ଜାମ୍ ପରିସ୍ଥିତି ଏଡାଇବାକୁ କଡାକଡି ପଦକ୍ଷେପ ନେବାକୁ ଜନସାଧାରଣ ଅନୁରୋଧ କରିଛନ୍ତି । ଏନେଇ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ପଚାରିବାରୁ ବେଆଇନ ପାର୍କିଂ ବନ୍ଦ କରିବା ସହ ବସ୍ ଚଳାଚଳ ସ୍ୱାଭାବିକ କରିବାକୁ ଆରଟିଓ ଏବଂ ଟ୍ରାଫିକ ପୋଲିସଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ।

ସଟର ଭାଙ୍ଗି ଲୁଟ ଘଟଣା, ଜଣେ ଗିରଫ

ବୋରିଗୁମ୍ନା,(ସବ୍ୟୁ): ବୋରିଗୁମ୍ନା ଥାନା ଅଞ୍ଚଳରେ ଗତ କିଛି ଦିନ ହେଲା ଲୁଟ ଘଟଣା ବଢ଼ିବାରେ ଲାଗିଛି। ଗତ ଚାରି ଦିନ ପୂର୍ବେ ନବରଙ୍ଗପୁର ରୋଡ଼ରେ ଥିବା ଏକ ଦୋକାନରୁ ସଟର ଭାଙ୍ଗି ଲୁଟ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଲୁଟ ଘଟଣାର କିଛି ଦିନ ମଧ୍ୟରେ ବୋରିଗୁମ୍ନା ପୋଲିସକୁ ସଫଳତା ମିଳିଛି ।ଘଟଣାର ମୁଖ୍ୟ ନାୟକକୁ ଗିରଫ କରାଯାଇଛି । ଏନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବୋରିଗୁମ୍ନା ଏସଡ଼ିପିଓ ତପସ୍ୱିନୀ କହଁର । ଗିରଫ ଅଭିଯୁକ୍ତ ହେଲେ ହୁସେନ ହରିଜନ(୧୯ ବର୍ଷ),ଘର ନବରଙ୍ଗପୁର ସହରର ଲୋହରା ସାହିରେ ବୋଲି ପୋଲିସ ସୂଚନା ଦେଇଛି । ମୁଖ୍ୟ ଅଭିଯୁକ୍ତ ନିକଟରୁ ଗୋଟିଏ ମୋବାଇଲ ଓ ଦୁଇ ହଜାର ଟଙ୍କା ଜବତ କରାଯାଇଛି । ଦୋକାନୀ ମାଲିକ ଦୀପକ ସିଂହ ଥାନାରେ ଏନେଇ ଏତଲା ପ୍ରଦାନ କରିଥିଲେ । ପୋଲିସ କେସ ନମ୍ବର ୬୭/୨୦୨୪,ଦଫା ୩୮୦,୪୫୭ ରୁଜୁ କରାଯାଇଥିଲା । ଅଭିଯୁକ୍ତ ଲୁଟ ରାହାଯାନୀ ଭଳି ଅନ୍ୟାନ୍ୟ ଘଟଣାରେ ଜଡିତ ଥିବା ସହ କିଛି ଦିନ ପୂର୍ବରୁ ହୁସେନ ହରିଜନ ଭବାନୀପାଟଣା ଜେଲରୁ ଜାମିନରେ ଆସିଥିବା ପୋଲିସ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଲୁଟ ଘଟଣା ରେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଚିହ୍ନଟ ସରିଛି, ଖୁବଶୀଘ୍ର ଗିରଫ କରାଯିବ ବୋଲି ସୂଚନା ଦିଆଯାଇଛି । ସାମ୍ବାଦିକ ସମ୍ମିଳନୀରେ ଥାନା ଆଇଆଇସି ଯୁଗଳ କିଶୋର ସା,ତଦନ୍ତକାରୀ ଏଏସଆଇ ସୁବାସ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

ନବଜ୍ୟୋତି କ୍ରିକେଟ : ଝାଙ୍କିରିପାଲି ଚାମ୍ପିଅନ

ଖପ୍ରାଖୋଲ ,(ସବ୍ୟୁ): ଖପ୍ରାଖୋଲ ବ୍ଲକ୍ ଘୁନସର ପଞ୍ଚାୟତ ଅନ୍ତର୍ଗତ ଝାଙ୍କିରିପାଲି ଠାରେ ଚାଲିଥିବା ଚତୁର୍ଥ ନବଜ୍ୟୋତି କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଫାଇନାଲ ଖେଳ ଝାଙ୍କରିପାଲି ଓ ବେନ୍ଦେର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଝାଙ୍କରିପାଲି ଦଳ ପ୍ରଥମେ ବ୍ୟାଟିଙ୍ଗ କରି ୧୦ ଓଭରରେ ୮ ୱିକେଟ୍ ହରାଇ ୧୨୦ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ବେନ୍ଦେର ଦଳ ୯ ଓଭର ରେ ସମସ୍ତ ୱିକେଟ ହରାଇ ୧୦୦ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଝାଙ୍କରିପାଲି ଦଳ ଚାମ୍ପିୟନ ହୋଇଥିଲା । ଆୟୋଜିତ ଉଦଯାପନୀ ଉତ୍ସବରେ ମିନିକେତନ ଦାସ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଘୁନସର ସରପଞ୍ଚ ଅନୁସୟା ସାହୁ,ସମ୍ମାନିତ ଅତିଥି ପରୀକ୍ଷିତ ମାଝୀ,ପଞ୍ଚାନନ ପଧାନ,ଅନାଦି ବାଗ, ବିକାସ ତାଣ୍ଡି,

ତପସ୍ୱିନୀ ସାହୁ, ମୁକ୍ତା ମାଝୀ,ରବି ଗଡ଼ତିଆ,କିଶୋର ଚନ୍ଦ୍ର ସାହୁ,ନୃସିଂହ ଗଡ଼ତିଆ,ଚତୁର୍ଭୁଜ ସର୍ଦ୍ଦାର ପ୍ରମୁଖ ଯୋଗଦେଇ ଥିଲେ। ଚାମ୍ପିଅନ ଦଳକୁ ଟ୍ରଫି ସହ ନଗଦ ୧୨ ହଜାର ଟଙ୍କା ଏବଂ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ୮ହଜାର ଟଙ୍କା ଅତିଥି ମାନେ ପ୍ରଦାନ କରିଥିଲେ। ଅମ୍ପାୟାର ରୁପେ ହରି ସାହୁ ଓ ରମାକାନ୍ତ ସାହୁ ଖେଳକୁ ପରିଚାଳନା କରିଥିବା ବେଳେ ସ୍କୋରର ରୁପେ ରାକେଶ କୁମାର ଗଡ଼ତିଆ ଓ ଅନଲାଇନ ସ୍କୋରର ଭାବେ ପ୍ରଶାନ୍ତ ବରିହା ଓ ଅନଲାଇନ ଲାଇଭ ୟୁଟୁବରେ ଖେଳ ଦେଖାଇବା ପାଇଁ ବିଜୟ ମଲ୍ଲିକ ଦାୟିତ୍ୱ ତୁଲାଇ ଥିଲେ। ମିନିକେତନ ଦାସ ଓ ନିଲାଞ୍ଚଳ ତାଣ୍ଡି ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ନବଜ୍ୟୋତି କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଓ ଝାଙ୍କରିପାଲି ଗ୍ରାମର ନାରୀଶକ୍ତି ସମସ୍ତ ସ୍ୱୟଂ ସହାୟିକା ଦଳର ମା ମାନେ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟଟି ୬ ଦିନ ଧରି ଚାଲିଥିବା ବେଳେ ୧୬ ଟି ଦଳ ଭାଗ ନେଇଥିଲେ ।

ନାଟକ ଓ ଲୋକମହୋତ୍ସବ 'ବଉଲ' ଉଦ୍‌ଯାପିତ

ମନ ମୋହିଲା 'ଉଠପୁତା ଉଠ'

କଣ୍ଟାମାଳ,(ସବ୍ୟୁ): କଣ୍ଟାମାଳ ବ୍ଲକ ଖଟଖଟିଆର ବ୍ରାହ୍ମଣୀ ସ୍ଥିତ ବିଜୟ ମଣ୍ଡପରେ ଗତ ଦୁଇଦିନ ଧରି ଚାଲିଥିବା ୬ଷ୍ଠ ନାଟକ ଓ ଲୋକ ମହୋତ୍ସବ 'ବଉଲ' ଉଦଯାପିତ ହୋଇଯାଇଛି । ପ୍ରାକ୍ତନ ପ୍ରଧାନ ଶିକ୍ଷକ ସତ୍ୟବାନ ବସ୍ତ୍ରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ,ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ,ମୁଖ୍ୟବକ୍ତା ଭାବେ ବରିଷ୍ଠ ବିଜେପି ନେତା କହ୍ନେଇ ଚରଣ ଡାଙ୍ଗ,ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ଜୋନ -୨ର ସଦସ୍ୟଝ ପଦ୍ମାଲୟା ପ୍ରଧାନ, ସମାଜସେବୀ ଶ୍ରୀକାନ୍ତ ମିଶ୍ର, ଯୁବନେତା ବିଜିତ ପ୍ରଧାନ,ଶ୍ରମିକ ନେତା ସରୋଜ ପ୍ରଧାନ, ଯୁବ ଉଦ୍ୟୋଗୀ ଶିତିକଣ୍ଠ

ମିଶ୍ର ପ୍ରମୁଖ ଯୋଗଦେଇ ନାଟକ ଓ ଲୋକକଳା କୁ ଗ୍ରାମାଞ୍ଚଳରେ ବଞ୍ଚାଇ ରଖିବାର ପ୍ରଚେଷ୍ଟା କୁ ପ୍ରଶଂସା କରିଥିଲେ । ଯୁବ ନୃତ୍ୟ ନିର୍ଦ୍ଦେଶକ ସଂଜୟ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଏବଂ ବରିଷ୍ଠ ନାଟ୍ୟକାର ହରିହର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମଞ୍ଚ କଳାକାର ମାଧବ ଚନ୍ଦ୍ର ଖେତୀ ଓ ତବଲା ବାଦକ ସାର୍ତ୍ତିକ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟ୍ୟକାର ହରିହର ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ସଚେତନତା ଧର୍ମୀ ନାଟକ 'ଉଠ ପୁତା ଉଠ' କଳାପ୍ରେମୀଙ୍କ ମନ ମୋହିଥିଲା । ପରେ ରଙ୍ଗାରଙ୍ଗ ନୃତ୍ୟ ସଂଗୀତରେ ଦର୍ଶକ ଝୁମିଥିଲେ । ଅନୁଷ୍ଠାନର ବରିଷ୍ଠ କଳାକାର ଲିଙ୍ଗରାଜ ପ୍ରଧାନ,ନାଟ ଏଣ୍ଡ କଲଚାରଲ ଏସୋସିଏସନର ସଭାପତି ଅର୍ଜୁନ ପ୍ରଧାନ, ସଂପାଦକ ନେପାଳ ପଲିଆ ସଦସ୍ୟ ଶିବ କମ୍ପ, ଜୟ ପ୍ରଧାନ, କୁଶ ପ୍ରଧାନ, ପ୍ରହ୍ଲାଦ ଅମାତ,ସୁକାନ୍ତ ପ୍ରଧାନ,ଫକୀର ବସ୍ତ୍ରିଆ, ରାଜକୁମାର ତ୍ରିପାଠୀ, ରିଲୁ ପ୍ରଧାନ,ମେନ ପାତ୍ର, ଗଣେଶ ମେଣ୍ଡେଲି, ସିପୁନ ପାଢ଼ୀ, ଇନ୍ଦ୍ରଜିତ ଅମାତ,କମଳ କର୍ଣ,ତ୍ରିପୁରାରି ପ୍ରଧାନ, ମନ୍ମଥ କର୍ଣ୍ଣ, ସୁରେନ୍ଦ୍ର କର୍ଣ୍ଣ, ସଞ୍ଜୟ ସାହୁ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ବରିଷ୍ଠ କଳାକାର ବାମନ ଚରଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

୧୭କିଗ୍ରା ଗଞ୍ଜେଇ ଜବତ, ଜଣେ ଗିରଫ

ସମ୍ବଲପୁର ,(ସବ୍ୟୁ): ବେଆଇନ ଭାବେ ଗଞ୍ଜେଇ ଚୋରାଚାଲାଣ ବେଳେ ସମ୍ବଲପୁର ଜିଆରପି ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକଙ୍କ ଠାରୁ ୧୭କିଗ୍ରା ଗଞ୍ଜେଇ ଜବତ ହୋଇଛି । ଏନେଇ ୩୫/୨୪ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଉତ୍ତରପ୍ରଦେଶ ମୁଲାୟମ ନଗର ଅଞ୍ଚଳର ସୁରଜ କାଶ୍ୟପ(୨୧) ଉପରୋକ୍ତ ଗଞ୍ଜେଇ ନେଇ ଟ୍ରେନ ଯୋଗେ ଯିବାପାଇଁ ସମ୍ବଲପୁର ଷ୍ଟେସନରେ ଅପେକ୍ଷା କରିଥିଲେ । ତେବେ ଜିଆରପି ପୋଲିସ ତାଙ୍କୁ ସନ୍ଦେହରେ ଯାଞ୍ଚ କରିଥିଲା । ଯାଞ୍ଚବେଳେ ଉପରୋକ୍ତ ଗଞ୍ଜେଇ ଜବତ କରିବା ସହ ଗିରଫ କରି କୋର୍ଟ ଚାଲାଣ କରିଛି ।

ଟ୍ରେନ ଧକ୍କାରେ ରେଳ କର୍ମଚାରୀ ମୃତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ହୀରାକୁଦ ଷ୍ଟେସନ ନିକଟରେ ଜଣେ କାର୍ଯ୍ୟରତ ରେଳ କର୍ମଚାରୀଙ୍କ ଟ୍ରେନ ଧକ୍କାରେ ମୃତ୍ୟୁ ହୋଇଯାଇଛି । ଏନେଇ ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜବତ କରିଛି । ଜବତ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ କଟାପାଲି ଗ୍ରାମର ସଞ୍ଜୟ କୁମାର ରାଉତ(୫୪) ରେଳ କର୍ମଚାରୀ ଥିଲେ । ସେ କିମ୍ୟାନ ଭାବେ କାର୍ଯ୍ୟରତ ଥିବାବେଳେ ହୀରାକୁଦ ଷ୍ଟେସନରେ ଲୋକମାନ୍ୟ ତିଲକ ଏକ୍ସପ୍ରେସ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଛି ।

ମହିଳାଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର

ସ

ଝାରସୁଗୁଡାରେ ହକି ପ୍ରଶିକ୍ଷଣ ଶିବିର ଆରମ୍ଭ

ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନର ନିଜସ୍ୱ ତତ୍ତ୍ୱାବଧାନ ଏବଂ ମୋତିଲାଲ ଯାଦବ ମେମୋରିଆଲ ସମଲେଶ୍ୱରୀ ହସ୍ପିଟାଲର ସାହାୟତାରେ ସ୍ଥାନୀୟ ହଁସାମୁରା କଟାପାଲିରେ ଥିବା ଜିଲ୍ଲା ହକି ଷ୍ଟାଡିଅମରେ ୭ଦିନିଆ ଆବାଶିକ ଗ୍ରୀଷ୍ମ କାଳୀନ ହକି ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଜାତୀୟ ସ୍ତରୀୟ କୋଚ ରିଷିକେଶ ଲାକ୍ରାଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି । ଶ୍ରୀ ଲାକ୍ରାଙ୍କୁ ପ୍ରଶିକ୍ଷଣ ରେ ସହଯୋଗ କରିବା ପାଇଁ ଜାତୀୟ ସ୍ତରରେ ହକି ଖେଳିଥିବା ମହିଳା ପ୍ରଶିକ୍ଷକ ରୀନା ରଶ୍ମି ତିର୍କୀ, ସଂଗୀତା ରୋଜ କୁଲ୍ଲୁ ଓ ଗାୟତ୍ରୀ କିସାନ ସହାୟତା କରୁଛନ୍ତି । ଏହି ଶିବିରକୁ ଝାରସୁଗୁଡା ଜିଲ୍ଲା କ୍ରୀଡା ସଂଘର ବରିଷ୍ଠ ସଦସ୍ୟ ଦେବି ପ୍ରସାଦ ଯାଦବ, ଶଙ୍କର ପଟେଲ, ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥି ଭାବରେ ଗଣେଶ ଚନ୍ଦ୍ର ନାୟକ, ବିଜୟ ବେହେରା ଓ ପ୍ରଜ୍ୱଳ ପଟେଲ ଯୋଗ ଦେଇଥିଲେ। ଶିବିରରେ ଝାରସୁଗୁଡା ଜିଲ୍ଲାର ଲଖନପୁର, ଲାଇକେରା, କିରମିରା, କୋଲାବିରା,ଝାରସୁଗୁଡା ବ୍ଲକ ଓ ଟାଉନର ୧୫୦ରୁ ଉର୍ଦ୍ଧ୍ୱ ୯ ରୁ ୧୫ ବର୍ଷ ବର୍ଗର ହକି ଖେଳାଳି ରହିଛନ୍ତି । ଝାରସୁଗୁଡା ଜିଲ୍ଲାରେ ହକିର ପ୍ରସାର କରିବା ସହିତ, ସ୍କୁଲସ୍ତରୀୟ ଖେଳାଳି ସୃଷ୍ଟି କରିବା ଏହି ପ୍ରଶିକ୍ଷଣ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଓଡିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି ପ୍ରକାଶ କରିଛନ୍ତି । ସ୍ଥାନୀୟ ଓଡିଶା ଆଦର୍ଶ ବିଦ୍ୟାଳୟରେ ବାଳିକା ମାନଙ୍କ ପାଇଁ ରହିବା ପାଇଁ ବନ୍ଦୋବସ୍ତ ହେଇଥିବା ବେଳେ ହକି ଷ୍ଟାଡିଅମରେ ବାଳକ ମାନେ ଅବସ୍ଥାନ କରୁଛନ୍ତି । ଏହାର ଦାୟିତ୍ୱ ରେ କଣ୍ଟାପାଲି ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ସୁଶାନ୍ତ ବେହେରା, ଜିତେନ୍ଦ୍ର ମହନ୍ତ ଏବଂ ଅନିରୁଦ୍ଧ ପ୍ରଧାନ ରହିଛନ୍ତି।

ଚେକ୍‌ରେ ସୁନା ଗହଣା କିଣି ଲକ୍ଷାଧିକ ଟଙ୍କାର ଠକାମୀ

କ୍ରେତାଙ୍କୁ ୨ ବର୍ଷର ଜେଲ୍ ଦଣ୍ଡାଦେଶ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ପାରାଡାଇଜ୍ ଜୁଏଲେରୀରୁ ୧ଲକ୍ଷ ୬୪ ହଜାର ୪ଶହ ଟଙ୍କାର ସୁନା କିଣି ଚେକ୍ ପ୍ରଦାନରେ ଜାଣିଶୁଣି ଠକାମୀ କରିଥିବା ଅଭିଯୋଗରେ ଜନୈକ କ୍ରେତା ବାବୁଲାଲ ମେହେରଙ୍କୁ ଦଫା ୧୩୮ ନେଗୋସିଏବଲ ଇନଷ୍ଟ୍ରୁମେଣ୍ଟ ଆକ୍ଟରେ ବଲାଙ୍ଗିର ଜେଏମ୍‌ଏଫ୍‌ସି କୋର୍ଟ ୨ ବର୍ଷର ଜେଲଦଣ୍ଡାଦେଶ ଶୁଣାଇଛନ୍ତି । ଗତ ମାର୍ଚ୍ଚ ୧୨ ତାରିଖ ଜେଏମ୍‌ଏଫ୍‌ସି କୋର୍ଟ ରେ ଏହି ମାମଲାର ରାୟ ପ୍ରକାଶ ପାଇଛି । ସୂଚନାରୁ ପ୍ରକାଶ ଯେ, ଗତ ୨୦୨୧ ଜାନୁୟାରୀ ୨୨ ତାରିଖରେ ବଲାଙ୍ଗିର ଆର୍ଯ୍ୟୁବେଦିକ କଲେଜ ସମ୍ମୁଖସ୍ଥ ପିଏଚ୍‌ଡି ଅଫିସରରେ କାର୍ଯ୍ୟରତ କର୍ମଚାରୀ ବାବୁଲାଲ ମେହେର ରମାଇ ଟକିଜ୍ ରୋଡ ସ୍ଥିତ ମେସର୍ସ୍ ପାରାଡାଇଜ୍ ଜୁଏଲେରୀରୁ ୧ଲକ୍ଷ ୬୪ହଜାର ୪ଶହ ଟଙ୍କାର ସୁନା ଗହଣା କିଣିଥିଲେ । ସୁନାର ମୋଟ ମୂଲ୍ୟରୁ ଶ୍ରୀ ମେହେର ୫୦ ହଜାର ୪ଶହ ଟଙ୍କା ପ୍ରଦାନ କରି ୬ ମାସ ଭିତରେ ବକେୟା ଟଙ୍କା ୧ ଲକ୍ଷ ୧୪ହଜାର ଚେକ୍ ଆକାରରେ ପ୍ରଦାନ କରିବାକୁ କହିଥିଲେ । ଶ୍ରୀ ମେହେରଙ୍କ ସାଙ୍ଗରେ ଆସିଥିବା ତାଙ୍କ ବନ୍ଧୁ ବଲାଙ୍ଗିର ଆହ୍ଲାବାଦ ବ୍ୟାଙ୍କ କର୍ମଚାରୀ ଦିଗାମ୍ବର ମେହେର ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଚେକ୍ ଆକାରରେ ସମସ୍ତ ଟଙ୍କା ଫେରସ୍ତ କରିବାକୁ ଦୋକାନ ମାଲିକଙ୍କୁ କଥା ଦେଇଥିଲେ । ଯେହେତୁ ପରାଡାଇଜ୍ ଜୁଏଲେରୀର ସମସ୍ତ ଟଙ୍କା ଲେଣଦେଣ କାରବାର ଆହ୍ଲାବାଦ ବ୍ୟାଙ୍କରେ ପରିଚାଳିତ ହେଉଥିଲା, ଦିଗାମ୍ବରଙ୍କୁ ଜୁଏଲେରୀ ଦୋକାନ ମାଲିକ ଭଲ ଭାବରେ ଜାଣିଥିଲେ । ତେଣୁ ବନ୍ଧୁତ୍ୱ ଓ ବିଶ୍ୱାସ ଆଧାରରେ ଜୁଏଲେରୀ ଦୋକାନରର ମାଲିକ ସଂଜୀବ କୁମାର ବରେଇ ତାଙ୍କୁ ଉଧାରୀ ସୂତ୍ରରେ ସୁନା ଗହଣା ଦେବାକୁ ରାଜି ହୋଇଥିଲେ । । ଗତ ୨୦୨୧ ଜୁଲାଇ ୨ ତାରିଖରେ ସୁନା କିଣିଥିବା ଶ୍ରୀ ମେହେର ଗହଣା ଦୋକାନକୁ ଯାଇ ୫୭ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ । ଠିକ୍ ସେହି ଦିନ କ୍ରେତା ଜଣକ ୫୭ହଜାର ଟଙ୍କାର ଆଉ ଏକ ପୋଷ୍ଟ ଡେଟେଡ ଚେକ୍ ପ୍ରଦାନ କରିଥିଲେ । ତେବେ ବ୍ୟାଙ୍କରେ ଚେକ୍ ଡିପୋଜିଟ କଲା ବେଳେ ଇନ୍‌ସଫିସିଣ୍ଟେ ଫଣ୍ଡସ ଯୋଗୁଁ ଦୁଇଟି ଚେକ୍ ବାଉନ୍ସ ହୋଇଥିବା ଜଣାପଡିଥିଲା । । ଏ ସଂପର୍କରେ ଜୁଏଲେରୀ ଦୋକାନର ମାଲିକ କ୍ରେତାଙ୍କୁ ଜଣାଇଥିଲେ । ସେ ଆଉ ଧରାଛୁଆଁ ଦେଇ ନ ଥିଲେ । ଠକାମୀର ଶୀକାର ହୋଇଥିବା ଜଣିବାକୁ ପାଇବା ପରେ ଗହଣା ଦୋକାନର ମାଲିକ ଶ୍ରୀ ମେହେରଙ୍କୁ ଡିମାଣ୍ଡ ନୋଟିସ ଜରିଆରେ ବାରମ୍ବାର ବକେୟା ଟଙ୍କା ଦେବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ସେ ଦିନ ଗଡ଼ାଇ ଚାଲିଥିଲେ । ଶେଷରେ କୌଣସି ଉପାୟ ନ ପାଇ ଅଭିଯୋଗକାରୀ ସୁନା ଗହଣା ଦୋକାନ ମାଲିକ କୋର୍ଟର ଆଶ୍ରୟ ନେଇଥିଲେ । ଜେ ଏମ୍ ଏଫ୍ ସି କୋର୍ଟ ଆଇସିସି କେଶ ନଂ ୫୦ /୨୦୨୧ ଅନୁସାରେ ସମସ୍ତ ସାକ୍ଷୀ ଓ କାଗଜପତ୍ରକୁ ଭିତ୍ତି କରି ଦଫା ୧୩୮, ନେଗୋସିଏବଲ ଇନଷ୍ଟ୍ରୁମେଣ୍ଟ ଆକ୍ଟ(ଏନ୍ ଆଇ ଆକ୍ଟ)ରେ କ୍ରେତା ବାବୁଲାଲ ମେହେରଙ୍କୁ ଗୋଟିଏ ମାସ ଭିତରେ ବକେୟା ଟଙ୍କା ୧ଲକ୍ଷ ୪୯ ହଜାର ୯ଶହ ୧୦ ଟଙ୍କା ପ୍ରଦାନ କରିବା ସହ ଅନାଦେୟ ଦୁଇ ବର୍ଷର ଜେଲ ଦଣ୍ଡଦେଶ ଶୁଣାଇଛନ୍ତି । ଅଭିଯୋଗକାରୀଙ୍କ ପକ୍ଷରୁ ଏଡ୍ ଭୋକେଟ ଚନ୍ଦ୍ର ଶେଖର ମିଶ୍ର ମୋକଦ୍ଦମା ପରିଚାଳନା କରୁଥିଲେ ।

ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଜାମିନ ବିହୀନ ପରୱାନା

ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲା ଅଦାଲତ ଏସଡିଜେଏମ ପକ୍ଷରୁ ବୁଧବାର ଦୁଇଟି କେସର ବିଚାର କରି ପୃଥକ୍ ପୃଥକ୍ ଦୁଇଟି ଚୋରି ଘଟଣାର ଅଭିଯୁକ୍ତଙ୍କ ବିରୁଦ୍ଧରେ ପଳାତକ ଘୋଷିତ କରିବା ସହ ଜାମିନ ବିହୀନ ଗିରଫ ପରୱାନା ଆଦେଶ ଜାରି କରିଛନ୍ତି । ଗତ ୨୦୦୯ ମସିହାରେ ପାଇକ ସାହି ମୁଦେଇ କିନ୍ତାଲୁ ରମେଶଙ୍କ ଲିଖିତ ରିପୋର୍ଟ ଅନୁଯାୟୀ ଉକ୍ତ ବର୍ଷ ଅଗଷ୍ଟ ମାସ ୨୬ ତାରିଖରେ ଏକ ଚୋରି କେସ ଶୁଣି ଆକାଶଙ୍କ ନାମରେ ଥାନାରେ ଏକ ମାମଲା କେସ ନଂ ୧୭୩/ ୨୬/୦୮/୩/ ୨୦୦୯ ରେ ରୁଜୁ ହୋଇଥିବା ବେଳେ ଘଟଣା ଦିନଠାରୁ ଗାଁ ଛାଡ଼ି କୁଆଡ଼େ ପଳାୟନ କରିଥଲା । ଅନ୍ୟ ଏକ ଘଟଣା ୨୦୧୫ ମସିହା ଜୁନ ମାସ ୨୩ ତାରିଖରେ ମୁଦେଇ ଅମୂଲ୍ୟ ରନ୍ ସାହୁଙ୍କ ଲିଖିତ ରିପୋର୍ଟ ଅନୁଯାୟୀ ରାୟଗଡ଼ା ସହର ବେହେରା କଲୋନୀ ବାସିନ୍ଦା ଦୁରେନ କୁଲେସିକା ଏକ ଚୋରି ଘଟଣାରେ ସଂପୃକ୍ତ ଥିବା ବେଳେ ସେ ମଧ୍ୟ ଘଟଣା ଦିନଠାରୁ ଘର ଛାଡି କୁଆଡେ ପଳାୟନ କରିଥିବା ସୁଚନା ଅଛି। ଏହି ଦୁଇଟି କେସର ବିଚାର କରି ଅଦାଲତ ଏସଡିଜେଏମ ଆରଜି ୩୫୩/୦୯ ଅନୁଯାୟୀ ଜାମିନ ବିହୀନ ଗିରଫ ପରୱାନା ଜାରି କରିବା ସହ ପଳାତକ ଘୋଷଣା କରିଛନ୍ତି । ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଯଦି ଘୋଷଣା କରିବାର ୩୦ ଦିନ ମଧ୍ୟରେ ଉକ୍ତ ଦୁଇ ମୁଦଲା ଥାନା କିମ୍ବା କୋର୍ଟରେ ହାଜିର ନ ହୁଅନ୍ତି ତାହେଲେ ତାଙ୍କର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତ କରାଯିବ ।

ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଭିନ୍ନକ୍ଷମ ବୃନ୍ଦା

ମାଲକାନଗିରି,(ସବ୍ୟୁ): ଶଯ୍ୟାଶାୟୀ ଭିନ୍ନକ୍ଷମ ବୃନ୍ଦା କବାସୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଘରକୁ ଫେରିବା ସମୟରେ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସୋମବାର ଜିଲ୍ଲପାଳଙ୍କୁ ଟେଲିଫାନ୍ ମେସେଜ୍ କରିବା ପରେ ମଙ୍ଗଳବାର ବ୍ୟକ୍ତିଗତ ଭାବେ ନିଜ ଭଉଣୀ ରୁକୁଣା (ଭିନ୍ନକ୍ଷମ) ସହ ଜିଲ୍ଲାପାଳଙ୍କୁ ଭେଟିଥିଲା ବୃନ୍ଦା। ଭାରତୀୟ ରେଡକ୍ରସ୍ ସୋସାଇଟିର ସଦସ୍ୟ ରାମକୃଷ୍ଣ ଚୌଧୂରୀ ବୃନ୍ଦାସହ ଜିଲ୍ଲାପାଳ କାର୍ଯ୍ୟାଳୟରେ ଆଲୋଚନା ସମୟରେ ଉପସ୍ଥିତ ରହି ସମସ୍ତ ବିଷୟ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଘର ତିଆରି ନିମନ୍ତେ ଗତ ଜୁଲାଇ ମାସରୁ କାର୍ଯ୍ୟାଦେଶ ପାଇଥିଲେ ମଧ୍ୟ ଉଭୟ ଭିନ୍ନକ୍ଷମ ହୋଇଥିବାରୁ ଘର ତିଆରି କାମ ଆରମ୍ଭ କରିପାରି ନାହାନ୍ତି। ଉଭୟ ଭଙ୍ଗା ଘରର ପିଣ୍ଡାରେ ରହି ରୋଷେଇ, ଖାଇବା ଓ ଶୋଇବା କାର୍ଯ୍ୟ କରୁଛନ୍ତି। ଖରା, ବର୍ଷା ହେଉବା ଶୀତ ସବୁ ସେଇ ବାରଣ୍ଡାରେ କରିବାକୁ ପଡୁଛି। ଏହି ସୂଚନା ପାଇବା ପରେ ଜିଲ୍ଲାପାଳ ସଚିନ ତୁରନ୍ତ ଜିଲ୍ଲାପରିଷଦକୁ ଗୃହ ନିର୍ମାଣର ତଦନ୍ତ ନିମନ୍ତେ ମେସେଜ୍ କରିଥିଲେ। ସରକାରଙ୍କ ତରଫରୁ ମିଳିଥିବା ୦ଲା ଗାଡିଟିର ଚକ ନଷ୍ଟ ହୋଇଥିବା ବ୍ୟକ୍ତିଗତ ଜିଲ୍ଲାପାଳ ଦେଖିଥିଲେ ଓ ତୁରନ୍ତ ଏକ ନୂତନ ୦ଲା ଗାଡି ଯୋଗାଇ ଦେବାକୁ ସାମାଜିକ ସୁରକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଦୁଇ ଭିନ୍ନକ୍ଷମ ଭଉଣୀଙ୍କ ଭତ୍ତା ମିଶି ୧୨୦୦ଟଙ୍କା, ଯେଉଁଥିରେ ପରିବାର ଚଳିବା ବହୁତ କଷ୍ଟହେଉଛି। ଏଣୁ ବହୁତ ଦିନ ହେବ ବିଜୁଳି ବିଲ୍ଲ ବନ୍ଧା ହୋଇପାରୁ ନାହିଁ। ଏହା ଜାଣିବାପରେ ଜିଲ୍ଲାପାଳ ଟାଟା ବିଦ୍ୟୁତ ବିଭାଗକୁ ବିଲ୍ ଛାଡ ନିମନ୍ତେ ନିଜେ ପତ୍ର ଲେଖିବେ ବୋଲି ଜିଲ୍ଲାପାଳ କହିଥିଲେ । ଭିନ୍ନକ୍ଷମ ଭତ୍ତା ଓ ୩୫ କିଲୋ ଚାଉଳ ମଧ୍ୟ ନିୟମିତ ମିଳୁ ନାହିଁ ବୋଲି ଅଭିଯୋଗ କରିବା ପରେ ସେ କୋରକୁଣ୍ଡା ବି.ଡି.ଓ ଙ୍କୁ କହିଦେବେ ବୋଲି ଜିଲ୍ଲାପାଳ କହିଥିଲେ।

ବୃନ୍ଦାଙ୍କ ଗ୍ରାମ, ପଞ୍ଚାୟତ ଠିକଣା ମାଗି ଟିପିଥିଲେଛ ଜିଲ୍ଲାପାଳଙ୍କ ଏଭଳି ସହଯୋଗରେ ବୃନ୍ଦା ନିଜକୁ ଆଉ ଅନାଥ ମନେ କରୁନାହିଁ ବୋଲି କହିଥିଲା। କିଛି ଭଲ ପ୍ରୋଟିନ୍ ଓ ଔଷଧ ନିମନ୍ତେ ଆର୍ଥିକ ସହଯୋଗ ନିମନ୍ତେ ମଧ୍ୟ ଜିଲ୍ଲାପାଳଙ୍କୁ କହିଥିଲା। ଜିଲ୍ଲାପାଳ ଏକ ଆବେଦନ ପତ୍ର ଦେଲେ ତାହା ଅନୁଯାୟୀ ଯଥାସମ୍ଭବ ସହଯୋଗ କରିବେ ବୋଲି ଆଶ୍ୱାସନା ଦେଇଥିଲେ।

କାଳବୈଶାଖୀର ପ୍ରଭାବରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା

ରାୟଗଡା,(ସବ୍ୟୁ): ରାୟଗଡା ଜିଲ୍ଲାରେ ମଙ୍ଗଳବାର ଅପରାହ୍ନରୁ କାଳ ବୈଶାଖୀର ପ୍ରଭାବରେ ଜିଲ୍ଲାର ପ୍ରାୟତଃ ଅନେକ ସ୍ଥାନରେ ପବନ ସହ ବର୍ଷା ହୋଇଥଲା । ପବନ ବର୍ଷାରେ କିଛି ସ୍ଥାନରେ ଗଛ ଭାଙ୍ଗି ମୁଖ୍ୟ ରାସ୍ତାରେ ପଡିବା ସହ କିଛି ପନିପରିବା ଚାଷୀଙ୍କ ପରିବା ନଷ୍ଟ ହୋଇଥିବା ସୂଚନା ମିଳିଛି। ବୁଧବାର ଦିନ ତମାମ କିଛି ସମୟ ବ୍ୟବଧାନରେ ମେଘୁଆ ପାଗ ହୋଇ ବର୍ଷା ହୋଇଛି । ମଙ୍ଗଳବାର ରାୟଗଡା-କୋରାପୁଟ ଜାତୀୟ ରାଜପଥ ମୁଖ୍ୟ ରାସ୍ତାରେ ଗଛପଡ଼ି ଯାଇଥିବା ବେଳେ କିଛି ସମୟ ପାଇଁ ଗମନା ଗମନ ଠପ୍ ହୋଇଥିଲା। ପରେ ଏହି ଗଛ ଗୁଡିକୁ ରାସ୍ତାରୁ ହଟେଇବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇପାରିଥିଲା । ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ଯୋଗୁଁ ଏହି କାଳବୈଶାଖୀ ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

କାବ୍ୟୋତ୍ସବ 'ନାରୀର ଅନ୍ତଃସ୍ୱର' ଆୟୋଜିତ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଲେଖିକା ସଂଘର କାବ୍ୟୋତ୍ସବ 'ନାରୀର ଅନ୍ତଃସ୍ୱର' ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ସଭାପତି ସୁଦେଷ୍ଣା ପଣ୍ଡା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଡ.ସୁଜାତା ମୁଣ୍ଡ ଯୋଗଦେଇ ପଦ୍ମଶ୍ରୀ ପୂର୍ଣ୍ଣମାସ ଯାନୀଙ୍କ ଜ୍ୱଳନ୍ତ ଉଦାହରଣକୁ ନେଇ ପ୍ରଗତିଶୀଳ ସମାଜରେ ନାରୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କଣ୍ଠଶିଳ୍ପୀ ଅପର୍ଣ୍ଣା ପଣ୍ଡା ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ସମ୍ପାଦିକା କଳ୍ପନା ରଥ ସଂଘର ପତ୍ରିକା 'କଳ୍ପିତା' ପାଇଁ ଲେଖା ଆହ୍ୱାନ କରିଥିଲେ। ସସ୍ମିତା ମୁଣ୍ଡଙ୍କ ସଂଯୋଜନାରେ ସବିତା ଶତପଥୀ, ଅନୀତା ମୁଣ୍ଡ, ବନଶ୍ରୀ ଦାସ, ଡ.ସୁଜାତା ମୁଣ୍ଡ, କବିତାଞ୍ଜଳି ପଣ୍ଡା, କଳ୍ପନା ରଥ, ମମତା ପଟ୍ଟନାୟକ, ମୀନା ମୁଣ୍ଡ, ପ୍ରେମ ଶୀଳା ବେହେରା, ରୀତା ପଟ୍ଟଯୋଶୀ, ସଙ୍ଗୀତା ଗହୀର, ସଂଘମିତ୍ରା କାନୁନଗୋ, ସଂଯୁକ୍ତା ମୁଣ୍ଡ, ସସ୍ମିତା ସାହୁ, ନଳିନୀ ପ୍ରଭା ଦାସ, ଦୀପ୍ତି ମୁଣ୍ଡ, କବିତା ମୁଣ୍ଡ ପ୍ରମୁଖ କବି ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମର ମଧ୍ୟ ଭାଗରେ ଗାଳ୍ପିକା ବନଶ୍ରୀ ଦାସଙ୍କ ଗଳ୍ପ 'ତେଲ ଲୁଣ ସଂସାର' ଏକ ମର୍ମସ୍ପର୍ଶୀ ଗଳ୍ପକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରିଥିଲେ। କବି ସଂଯୁକ୍ତା ମୁଣ୍ଡ ଧନ୍ୟବାଦ ଦେଇଥିଲେ।

କାର୍-ବାଇକ୍ ମୁହାଁମୁହିଁ, ଜଣେ ମୃତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ବାବୁବନ୍ଧ ନିକଟରେ ଏକ ସଡକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଛି । ମୃତକ ଜଣକ ଗୋଶାଳା ଅଞ୍ଚଳର ବିପିନ ବିହାରୀ ନାଥ(୫୨) ବୋଲି ଜଣାପଡିଛି । ସୂଚନାଯୋଗ୍ୟ, ବିପିନ ଓ ଅନ୍ୟଜଣେ ନିଜ ବାଇକ ଯୋଗେ ବାବୁବନ୍ଧ ରାସ୍ତା ପାର ହେଉଥିବା ବେଳେ ସମ୍ବଲପୁର ପଟୁ ବରଗଡ ଅଭିମୁଖେ ଯାଉଥିବା କାର ଗାଡି ନମ୍ବର(ଓଡି୧୪ଏଇ-୯୧୦୮) ଯୋଗେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବିପିନଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ବାଇକରେ ଥିବା ଅନ୍ୟ ଜଣକ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅନ୍ୟପଟେ ପୋଲିସ ଏକ ମାମଲା ରୁଜୁ କରି ଶବକୁ ଜବତ କରିଛି । ଜବତ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ମୃତକ ବିପିନଙ୍କ ଗୋଶାଳା ଛକରେ ଟିଭି ଓ ମୋବାଇଲ ମରାମତି ଦୋକାନ ରହିଛି । ସେ ପରୋପକାରୀ, ମିଷ୍ଟଭାଷୀ , ଧର୍ମପରାୟଣ ବ୍ୟକ୍ତି ଥିବାବେଳେ ତାଙ୍କର ମୃତ୍ୟୁ ଖବର ଜଣାପଡିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଅଞ୍ଚଳର ଜଣାଶୁଣା ସମାଜସେବୀ ଭାବେ ତାଙ୍କର ନାଁ ଥିବାବେଳେ ବିୟୋଗରେ ବୁଧବାର ଦୋକାନବଜାର ବନ୍ଦ ରହିଥିଲା ।

ଏଲଏନ୍ କଲେଜ ଓଡିଆ ବିଭାଗ ପକ୍ଷରୁ ଆଲୋଚନାଚକ୍ର

ଝାରସୁଗୁଡା,(ସବ୍ୟୁ): ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଝାରସୁଗୁଡା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏବଂ ଆଇକ୍ୟୁଏସିର ମିଳିତ ସହଯୋଗରେ, କଲେଜ ଅଧ୍ୟକ୍ଷା ଡକ୍ଟର ସ୍ନେହଲତା ମିଶ୍ରଙ୍କ ପୌରହିତ୍ୟରେ ପାଠଚକ୍ର 'ଆଧୁନିକ ଓଡ଼ିଆ କବିତାର ଧାରା'ଶୀର୍ଷକ ଅନୁଷ୍ଠିତ ହୋଇଯାଇଛି। ଏହି ପାଠଚକ୍ରରେ ମୁଖ୍ୟବକ୍ତା ଭାବରେ କିର୍ମିରା କଲେଜର ପ୍ରାକ୍ତନ ଓଡ଼ିଆ ପ୍ରାଧ୍ୟାପକ ଯୁଧିଷ୍ଠିର ପଟେଲ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଆଧୁନିକ ଓଡ଼ିଆ କବିତାର ଧାରା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଧ୍ୟପିକା ଡକ୍ଟର ସ୍ୱର୍ଣ୍ଣମୟୀ ପୁରୋହିତ ସମ୍ମାନିତ ବକ୍ତା ଭାବରେ ଓଡ଼ିଆ ସାହିତ୍ୟରେ ଇଂରାଜୀ ତଥା ୟୁରୋପିୟ ସାହିତ୍ୟର ପ୍ରଭାତ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ଲାଲଧାରୀ ସିଂହ ପାଠଚକ୍ରର ଉଦ୍ଦେଶ୍ୟ ଜ୍ଞ୍ୟାପନ ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଅଧ୍ୟାପିକା ଡକ୍ଟର ଦୀପଶିଖା ସୋହେଲା ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ ବିଜ୍ଞାନ ଭୂଷଣ ଭଞ୍ଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡକ୍ଟର ପଦ୍ମନାଭ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପାଠଚକ୍ରରେ ଓଡ଼ିଆ ବିଭାଗ, ଇଂରାଜୀ ଓ ହିନ୍ଦୀ ବିଭାଗର ଛାତ୍ର ଛାତ୍ରୀ ତଥା କଲେଜର ଅଧ୍ୟାପକ ଅଧ୍ୟାପିକା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରେ ଓଡ଼ିଆ ବିଭାଗ ପକ୍ଷରୁ ପଖାଳ ଦିବସ ପାଳନ କରାଯିବା ସହିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ତଥା ଅନ୍ୟାନ୍ୟ କର୍ମଚାରୀ ମାନଙ୍କୁ ପଖାଳ ଭୋଜନ ବ୍ୟବସ୍ଥା କରାଯାଇଥିଲା।

ରୋଟ୍ କଲେଜରେ 'ନେତୃତ୍ୱ ପ୍ରଶିକ୍ଷଣ ଶିବିର' ଉଦ୍‌ଯାପିତ

ବଲାଙ୍ଗିର,(ସବ୍ୟୁ): ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ ରୋଟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ଦ୍ୱାରା ପ୍ରାୟୋଜିତ

(ଶ୍ରୀମଦ୍ଭଗବଦ୍ ଗୀତା ୪/୩୧)

–କର୍ମ୍ମଯୋଗଃ–

(ଶ୍ରୀଭଗବାନୁବାଚ)

ଯଜ୍ଞଶିଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍ ।
ନାୟଂ ଲୋକେସ୍ତ୍ୟଯଜ୍ଞସ୍ୟ କୁତୋନ୍ୟା କୁରୁସତ୍ତମ ॥୩୧॥

ଯଜ୍ଞର ଅବଶିଷ୍ଟ ଅମୃତତୁଲ୍ୟ ଅନ୍ନ ଭୋଜନ କରିବା ବ୍ୟକ୍ତି (ଜ୍ଞାନଦ୍ୱାରା) ସନାତନ ବ୍ରହ୍ମକୁ ପ୍ରାପ୍ତ ହୁଅନ୍ତି । ହେ କୁରୁଶ୍ରେଷ୍ଠ ! ଯଜ୍ଞ ନ କରିବା ଲୋକପାଇଁ ଏହି ଅଳ୍ପ ସୁଖପ୍ରଦ ମନୁଷ୍ୟଲୋକ ମଧ୍ୟ ନୁହେଁ, ଆଉ ବହୁ ସୁଖମୟ ପରଲୋକ ବା କେଉଁଠାରୁ ହେବ ? (ଅତଏବ ଯଜ୍ଞ ଅବଶ୍ୟ କର୍ତ୍ତବ୍ୟ) ॥୩୧॥

ସମ୍ପାଦକୀୟ

ପୁଣି କ୍ଷମତାରେ ପୁଟିନ

ରାଷ୍ଟ୍ରପତି ନିର୍ବାଚନରେ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବିଜୟ ଅନେକଙ୍କୁ ନିରାଶ କରିଛି ଏବଂ କେତେକ ସମାଲୋଚକ ଏହି ନିର୍ବାଚନ ଓ ପୁଟିନଙ୍କ ବିଜୟକୁ ବେଆଇନ ବୋଲି କହିଛନ୍ତି । କିନ୍ତୁ ପୁଟିନଙ୍କ ଏହି ବିଜୟ ତାଙ୍କୁ ଆହୁରି ଶକ୍ତିଶାଳୀ କରିଛି ଏବଂ ଏହା ତାଙ୍କର ୟୁକ୍ରେନ ଆକ୍ରମଣ ସପକ୍ଷରେ ଜନତାଙ୍କ ରାୟ ବୋଲି କୁହାଯାଉଛି । କେଜିବିର ପୂର୍ବତନ ଲେଫନାଣ୍ଟ କଲୋନେଲ ପୁଟିନ ୧୯୯୯ରେ ପ୍ରଥମେ କ୍ଷମତାକୁ ଆସିଲେ ଏବଂ ସେହିଦିନ ଠାରୁ, ସେ ପାଶ୍ଚାତ୍ୟ ଦେଶ ସମୂହକୁ ପରୋକ୍ଷରେ ଜଣାଇଦେଲେ ଯେ' ଯୁଦ୍ଧ ହେଉ ବା ଶାନ୍ତି ହେଉ, ରୁଷିଆର ମତାମତ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ପ୍ରଥମରୁ ହିଁ ସେ ସ୍ପଷ୍ଟ କରିଥିଲେ ଯେ' ସେ ଜଣେ ଏକଛତ୍ରବାଦ ଏବଂ ଜିଦ୍‌ଖୋର ବ୍ୟକ୍ତି ଯାହା ବାରମ୍ବାର ପ୍ରମାଣିତ ହେଇଛି । ମସ୍କୋରେ ଏକ ବିଜୟ ଭାଷଣରେ ପୁଟିନ ସମର୍ଥକମାନଙ୍କୁ କହିଛନ୍ତି ଯେ ସେ ୟୁକ୍ରେନରେ ରୁଷିଆର ସ୍ୱତନ୍ତ୍ର ସାମରିକ ଅପରେସନ୍‌କୁ ପ୍ରାଥମିକତା ଦେବେ ଏବଂ ରୁଷୀୟ ସୈନବାହିନୀକୁ ଆହୁରି ମଜବୁତ କରିବେ । ଏହାର ଅର୍ଥ ମସ୍କୋ ୟୁକ୍ରେନ ଆକ୍ରମଣରେ ପଛଘୁଞ୍ଚା ଦେବ ନାହିଁ ବରଂ ଆଗକୁ ଆହୁରି ଜୋରଦାର କରିବ । ରାଷ୍ଟ୍ରପତି ଭାବରେ ପୁଟିନ ନିର୍ବାଚିତ ହେବାକୁ ଆମେରିକା ପରି କେତେକ ଦେଶ ଅନ୍ୟାୟ ଓ ଅଗଣତାନ୍ତ୍ରିକ ବୋଲି କହିଥିବାବେଳେ ଚୀନ ଓ ଉତ୍ତର କୋରିଆ ପ୍ରଶଂସା କରିଛନ୍ତି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ ଜଣାଇବା ସହ ଦୁଇ ଦେଶ ମଧ୍ୟରେ ଥିବା ସମ୍ପର୍କ ଆହୁରି ଶକ୍ତିଶାଳୀ ହେବ ବୋଲି କହିଛନ୍ତି । ପୁଟିନ ପୁଣିଥରେ ୬ ବର୍ଷ ପାଇଁ କ୍ଷମତାରେ ରହିବେ ଏବଂ ଏହାକୁ ନେଇ ଦେଶ–ବିଦେଶରେ ବହୁ ଆଶା–ଆକାଂକ୍ଷା ପ୍ରକାଶ ପାଇଛି । ନିର୍ବାଚନରେ ବହୁ ଭୋଟ ପାଇଁ ନିର୍ବାଚିତ ହେଇଥିଲେ ମଧ୍ୟ, ଦେଶରେ ତାଙ୍କ ବିରୋଧରେ ଯେ' ଅସନ୍ତୋଷ ରହିଛି, ଏହା ସ୍ପଷ୍ଟ ହେବାରେ ଲାଗିଛି । କିଛି ଭୋଟର ପୁଟିନଙ୍କୁ ବିରୋଧ ପ୍ରଦର୍ଶନ କରିବା ପାଇଁ ଭୋଟ ବାକ୍ସରେ ରଙ୍ଗ ଢାଳିଥିବା କଥା ଗଣମାଧ୍ୟମରେ ପ୍ରକାଶ ପାଇଛି । ଫେବୃଆରୀରେ ଆର୍କଟିକ୍ କାରାଗାରରେ ମୃତ୍ୟୁବରଣ କରିଥିବା ବିରୋଧୀଦଳର ନେତା ଆଲେକ୍ସୀ ନାଭାଲନିଙ୍କ ସ୍ମୃତିରେ ହଜାର ହଜାର ରୁଷୀୟ ଏକାଠି ହେଇ ନିଜର ବିରୋଧକୁ ପ୍ରଦର୍ଶିତ କରିଥିଲେ । ଏସବୁ ପରେ ବି, ଆଶା କରାଯାଉଥିଲା, ପୁଟିନଙ୍କ ପାଇଁ ଏକ ବଡ଼ ଧରଣର ବିଜୟ ହେବ କାରଣ ବିରୋଧୀ ଦଳର ପ୍ରମୁଖ ରାଜନେତାମାନଙ୍କର ପ୍ରାର୍ଥୀପତ୍ର ମତଦାନ ପୂର୍ବରୁ ନାକଚ ହେଇଯାଇଥିଲା । ୟୁକ୍ରେନ୍‌ର ଚାରିଟି ପ୍ରଦେଶରେ ମଧ୍ୟ ନିର୍ବାଚନ ହେଇଥିଲା ଯେଉଁଗୁଡ଼ିକୁ ମସ୍କୋ ଅଧିକାର କରିଥିବା ନେଇ ଦାବିକରୁଛି । କେତେକ ରିପୋର୍ଟ ଅନୁସାରେ, ଲୋକମାନେ ଭୋଟ ଦେବା ସମୟରେ, ସେମାନଙ୍କୁ ସଶସ୍ତ୍ର ବ୍ୟକ୍ତିମାନେ ନଜର ରଖିଥିଲେ ଯେଉଁଥିପାଇଁ ଭୋଟର୍ସ ପୁଟିନଙ୍କ ସପକ୍ଷରେ ଭୋଟ ଦେବାକୁ ବାଧ୍ୟ ହେଇଥିଲେ । ମୋଟାମୋଟି ଭାବରେ, ଏହି ନିର୍ବାଚନ ଏକ ଔପଚାରିକତା ମାତ୍ର । ଏହି ନିର୍ବାଚନ ରୁଷିଆ ସାମ୍ନା କରୁଥିବା ବିଭିନ୍ନ ଚ୍ୟାଲେଞ୍ଜ ଏବଂ ପୁଟିନ ବିଶ୍ୱକୁ କିପରି ପ୍ରଭାବିତ କରୁଛନ୍ତି ତାହା ମଧ୍ୟ ସ୍ମରଣ କରାଇ ଦେଇଛି । ତଥାପି, ନିର୍ବାଚନ ଚାଲିଥିବାବେଳେ ୟୁକ୍ରେନ ଡ୍ରୋନ୍ ରୁଷିଆର କେତେକ ଅଞ୍ଚଳ ଉପରେ ଆକ୍ରମଣ କରି କୀଏଭି ଏବଂ ଏହାର ପାଶ୍ଚାତ୍ୟ ସହଯୋଗୀ ଦେଶମାନଙ୍କ ଦ୍ୱାରା ମସ୍କୋ ସାମ୍ନା କରିବାକୁ ଥିବା ବିପଦକୁ ଦର୍ଶାଇଥିଲା । ପୁଟିନ ଏକଛତ୍ରବାଦ, ଜିଦ୍‌ଖୋର ଏବଂ ଅହଙ୍କାରୀ ବୋଲି ସମାଲୋଚିତ ହେଉଥିଲେ ମଧ୍ୟ ଦେଶକୁ ସଠିକ୍ ରାସ୍ତାରେ ପରିଚାଳନା କରିଆସୁଛନ୍ତି, ଏହା ସ୍ୱୀକାରଯୋଗ୍ୟ । ରୁଷିଆ–ୟୁକ୍ରେନ ଯୁଦ୍ଧ ସମୟରେ ପୁଟିନ ଦେଶକୁ ସଠିକ୍ ରାସ୍ତାରେ ନେତୃତ୍ୱ ଦେଇଛନ୍ତି ଯାହା ତାଙ୍କର ସମାଲୋଚକମାନେ ଆଶା କରି ନ ଥିଲେ । ଯୁଦ୍ଧ ଆରମ୍ଭ ହେବାର କିଛି ମାସ ପର୍ଯ୍ୟନ୍ତ ଏହାର ସୈନ୍ୟବାହିନୀ ଅନେକ କ୍ଷୟକ୍ଷତିର ସାମ୍ନା କରିଥିଲେ ଏବଂ ଦେଶ ବିରୁଦ୍ଧରେ ଅନେକ ଦେଶ ଅର୍ଥନୈତିକ କଟକଣା ଲାଗୁ କରିବା ଦ୍ୱାରା, ଆଶା କରାଯାଉଥିଲା, ରୁଷିଆର ଅର୍ଥନୀତି ବିପର୍ଯ୍ୟସ୍ତ ହେଇପଡିବ, କିନ୍ତୁ ବାସ୍ତବରେ କିଛି ଅଲଗା ହେଲା । ରୁଷିଆର ଅର୍ଥନୀତି ଅବନତି ପରିବର୍ତ୍ତେ ଉନ୍ନତି କରିଚାଲିଲା । କେତେକ ବିରୋଧୀ ଦେଶଙ୍କ ଅର୍ଥନୈତିକ କଟକଣା ଯୋଗୁଁ ଅନେକ ଉତ୍ପାଦ ରୁଷିଆରେ ଉପଲବ୍ଧ ହେଲାନାହିଁ ଏବଂ ଏହାକୁ ଆହ୍ୱାନ ଭାବରେ ଗ୍ରହଣ କରି ରୁଷିଆ ସେହିସବୁ ଉତ୍ପାଦର ଉତ୍ପାଦନ ନିଜ ଦେଶରେ କରିପାରିଲା ଯାହାଫଳରେ ଦେଶର ଜନତା ଅସୁବିଧାର ସମ୍ମୁଖୀନ ହେଲେନାହିଁ । ୟୁରୋପ ଅଶୋଧିତ ତୈଳ ନେବା ବନ୍ଦ କରିବାପରେ ମଧ୍ୟ ରୁଷିଆ ଏଥିରୁ ଯେଉଁ ରାଜସ୍ୱ ପାଉଥିଲା ତାହା ମଧ୍ୟ ପ୍ରଭାବିତ ହେଲାନାହିଁ କାରଣ ଭାରତ, ଚୀନ୍ ଏବଂ ତୁର୍କୀ ରୁଷିଆ ଠାରୁ ଅଧିକରୁ ଅଧିକ ଅଶୋଧିତ ତୈଳ ନେବାରେ ଲାଗିଲେ । ଇରାନ ଏବଂ ଉତ୍ତର କୋରିଆ ରୁଷିଆକୁ ପ୍ରମୁଖ ଅସ୍ତ୍ର ଯୋଗାଇ ଦେଲେ । ରୁଷିଆ–ୟୁକ୍ରେନ ଯୁଦ୍ଧରେ ଧୈର୍ଯ୍ୟର ସହ ଗୋଟିଏ ପରେ ଗୋଟିଏ ପାହାଚ ଅତିକ୍ରମ କରିଚାଲିଛି ରୁଷିଆ । ତେବେ ତାଙ୍କର ଏହି ନୂଆ କାର୍ଯ୍ୟକାଳରେ ତାଙ୍କୁ ଅନେକ କିଛି କାର୍ଯ୍ୟ କରିବାକୁ ହେବ ଏବଂ ତାଙ୍କୁ ଅନେକ କିଛି ଆହ୍ୱାନର ସାମ୍ନା କରିବାକୁ ପଡିବ । ୟୁକ୍ରେନ ଯୁଦ୍ଧର ଭବିଷ୍ୟତକୁ ନେଇ ଚିନ୍ତାକରିବାକୁ ପଡିବ । ୟୁକ୍ରେନକୁ ଆମେରିକା ଏବଂ ଅନ୍ୟ ପାଶ୍ଚାତ୍ୟ ଦେଶର ସହଯୋଗ ଯୋଗୁଁ ୟୁକ୍ରେନ–ରୁଷିଆ ଯୁଦ୍ଧ ଏବେ ତୃତୀୟ ବର୍ଷରେ ପଦାର୍ପଣ କରିଛି । ଏହା ଯେ ଖାଲି ୟୁକ୍ରେନର କ୍ଷତି ଘଟାଉଛି ତାହା ନୁହେଁ ରୁଷିଆ ମଧ୍ୟ ଅନେକାଂଶରେ କ୍ଷତିଗ୍ରସ୍ତ ହେବାରେ ଲାଗିଛି । ଏହାର ଅର୍ଥନୀତି ସ୍ଥିର ରହିଥିଲେ ମଧ୍ୟ, ଅର୍ଥନୀତିରେ ଯୁଦ୍ଧର ପ୍ରଭାବ ପଡିବାରେ ଲାଗିଛି । ପୁଟିନ ବିରୋଧୀ ଆଲେକ୍ସୀ ନାଭାଲନି ୟୁରୋପୀୟ ସଂସଦକୁ ସମ୍ବୋଧିତ କରି କହିଥିଲେ ଯେ ଯଦି ଆପଣମାନେ ପୁଟିନଙ୍କୁ ପରାସ୍ତ କରିବାକୁ ଚାହୁଁଛନ୍ତି, ତେବେ ଆପଣଙ୍କୁ ନୂଆ ଚିନ୍ତାଧାରା ଆପଣାଇବାକୁ ପଡିବ । ୟୁକ୍ରେନକୁ କିପରି ସମର୍ଥନ କରାଯିବ ତାହା ନୁହେଁ ବରଂ ରୁଷିଆ ଉପରେ ଚାପ ବଢାଇବା ପାଇଁ ସେମାନଙ୍କୁ ଭିନ୍ନ କିଛି ଚିନ୍ତା କରିବାକୁ ପଡିବ । ଆଗାମୀ ଦିନରେ ପୁଟିନଙ୍କ ବିରୋଧୀ ରାଷ୍ଟ୍ର ସମୂହ ଭିନ୍ନ କିଛି ପଦକ୍ଷେପ ଯେ' ନ ନେବେ, ତାହା କିଏ କହିପାରିବ । ତେଣୁ ଯୁଦ୍ଧକୁ ନେଇ ପୁଟିନଙ୍କୁ ନୂଆ ରଣନୀତି ଆପଣେଇବାକୁ ପଡିବ ଏବଂ ବଡ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଇ ରହିବାକୁ ପଡିବ । ନିକଟରେ ୟୁରୋପୀୟ ୟୁନିଅନର ଦେଶମାନେ ୟୁକ୍ରେନକୁ ସାମରିକ ସହାୟତା ପାଇଁ ୫ ବିଲିୟନ ୟୁରୋ (୫.୪୮ ବିଲିୟନ) ପ୍ରଦାନ କରିବାକୁ ସହମତି ପ୍ରକାଶ କରିଛନ୍ତି । ତେଣୁ ଯୁଦ୍ଧର ସମାପ୍ତି ଏତେ ଶୀଘ୍ର ଆଶା କରାଯାଇ ନ ପାରେ । ଏହା ରୁଷିଆ ଉପରେ, କି ପ୍ରକାର ସାମାଜିକ, ଅର୍ଥନୈତିକ ପ୍ରଭାବ ପକାଇବ, ସେ ବିଷୟରେ ଆକଳନ କରି, ପୁଟିନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ପଡିବ । ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ନିହାତି ଜରୁରୀ । ଫେବୃଆରୀରେ ରୁଷିଆର ମୁଦ୍ରାସ୍ଫୀତି ହାର ୭.୭ ପ୍ରତିଶତ ଥିଲା । ଉଭୟ ୟୁରୋ କ୍ଷେତ୍ର ଏବଂ ଆମେରିକା ସେମାନଙ୍କର ଅର୍ଥନୀତିକୁ ନିୟନ୍ତ୍ରଣ ଆଣିବାରେ ଉନ୍ନତ ପ୍ରଦର୍ଶନ କରିଛନ୍ତି । ୟୁରୋ କ୍ଷେତ୍ରରେ ମୁଦ୍ରାସ୍ଫୀତି ୨.୬ ପ୍ରତିଶତ ଥିବାବେଳେ ଆମେରିକାରେ ଏହା ୩.୨ ପ୍ରତିଶତ ଥିଲା । ଏ ସବୁ ଦୃଷ୍ଟିରୁ ଦେଖିଲେ, ପୁଟିନଙ୍କୁ ଆଗାମୀ ଦିନଗୁଡ଼ିକରେ ଅନେକ କିଛି ଆହ୍ୱାନର ସାମ୍ନା କରିବାକୁ ପଡିବ ଏବଂ ସେ ଏହି ସବୁ ଆହ୍ୱାନକୁ କେମିତି ସାମନା କରୁଛନ୍ତି, ତାହା ସମୟ ହିଁ କହିବ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ସଙ୍କଳ୍ପ

ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ
ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।
ଗୋପବନ୍ଧୁ ଦାସ

ବନସ୍ପତୟଃ ଶାନ୍ତିଃ...

ବୈଷ୍ଣବ ଚରଣ ଦାଶ

ପୃଥିବୀରେ ପ୍ରାୟ ଏକ କୋଟିରୁ ଅଧିକ ପ୍ରଜାତିର ଜୀବଜନ୍ତୁ, ବୃକ୍ଷଲତା, କୀଟ ପତଙ୍ଗ, ସରୀସୃପ ବାସ କରନ୍ତି । ଏ ସମସ୍ତେ ଖାଦ୍ୟ, ପାନୀୟ, ବାସସ୍ଥାନ ଆଦି ପାଇଁ ଜଙ୍ଗଲ ଉପରେ ନିର୍ଭର କରନ୍ତି । ତେଣୁ ବନ ବା ଜଙ୍ଗଲର ଆବଶ୍ୟକତା ଅନିବାର୍ଯ୍ୟ । ପୃଥିବୀରେ ପ୍ରାୟ ୪୦୦୦୦ ନିୟୁତ ହେକ୍ଟର ଜଙ୍ଗଲ ରହିଛି । ଯାହା ସମଗ୍ର ଭୂଭାଗର ତିରିଶି ଶତକଡା ଅଟେ । ଏଥିରୁ ୬୨୫ ନିୟୁତ ହେକ୍ଟର ହେଉଛି ନିରକ୍ଷ ବା ବିଷୁବ ମଣ୍ଡଳୀୟ ଅରଣ୍ୟ । ଯାହା ପୃଥିବୀରେ ବର୍ଷା କରାଇବାରେ ସାହାଯ୍ୟ କରେ । କିନ୍ତୁ ବର୍ତ୍ତମାନ ପ୍ରତିବର୍ଷ ଜଙ୍ଗଲ ଅଞ୍ଚଳ କ୍ରମଶଃ ଲୋପ ପାଉଛି, ଏହା ପୃଥିବୀ ପାଇଁ ଏକ ବିରାଟ ବିପଦ ସୃଷ୍ଟି କରିବ, ଏହା ନିଃସନ୍ଦେହ ।

ଭାରତୀୟ ସଂସ୍କୃତିରେ ଜଙ୍ଗଲର ଉପଯୋଗିତା ସ୍ୱତନ୍ତ୍ର । ଆମ ସନାତନ ସଂସ୍କୃତିରେ ଜଙ୍ଗଲକୁ ଉପାସନା କରି ବନସ୍ପତି ଦେବତା ଭାବେ ଗ୍ରହଣ କରାଯାଇଛି । ବିବିଧ ଯାଗ ଯଜ୍ଞ, ପ୍ରତିଷ୍ଠାଦି କାର୍ଯ୍ୟରେ ଜଙ୍ଗଲରୁ ସମିଧ, ବିଭିନ୍ନ ଔଷଧୀୟ ଗୁଳ୍ମ ଲତା ଆଦିର ଆବଶ୍ୟକ ପଡେ । ପ୍ରାଚୀନ ଆୟୁର୍ବେଦୀୟ ଚିକିତ୍ସା ପଦ୍ଧତିରେ ମଧ୍ୟ ଜଙ୍ଗଲର ଗୁରୁତ୍ୱ ରହିଛି । ସପ୍ତଶତୀ ଚଣ୍ଡୀରେ କୁହାଯାଇଛି–

'ଯାବତ୍ ଭୂମଣ୍ଡଳ ଧତ୍ତେ
ସଶୈଳ ବନ କାନନମ୍
ତାବତ୍ତିଷ୍ଠାମି ମେଦିନ୍ୟା
ସନ୍ତତଃ ପୁତ୍ର ପୌତ୍ରିକ ।'

ପୃଥିବୀରେ ପ୍ରାୟ ଏକ କୋଟିରୁ ଅଧିକ ପ୍ରଜାତିର ଜୀବଜନ୍ତୁ, ବୃକ୍ଷଲତା, କୀଟ ପତଙ୍ଗ, ସରୀସୃପ ବାସ କରନ୍ତି । ଏ ସମସ୍ତେ ଖାଦ୍ୟ, ପାନୀୟ, ବାସସ୍ଥାନ ଆଦି ପାଇଁ ଜଙ୍ଗଲ ଉପରେ ନିର୍ଭର କରନ୍ତି । ତେଣୁ ବନ ବା ଜଙ୍ଗଲର ଆବଶ୍ୟକତା ଅନିବାର୍ଯ୍ୟ । ପୃଥିବୀରେ ପ୍ରାୟ ୪୦୦୦୦ ନିୟୁତ ହେକ୍ଟର ଜଙ୍ଗଲ ରହିଛି । ଯାହା ସମଗ୍ର ଭୂଭାଗର ତିରିଶି ଶତକଡା ଅଟେ । ଏଥିରୁ ୬୨୫ ନିୟୁତ ହେକ୍ଟର ହେଉଛି ନିରକ୍ଷ ବା ବିଷୁବ ମଣ୍ଡଳୀୟ ଅରଣ୍ୟ । ଯାହା ପୃଥିବୀରେ ବର୍ଷା କରାଇବାରେ ସାହାଯ୍ୟ କରେ । କିନ୍ତୁ ବର୍ତ୍ତମାନ ପ୍ରତିବର୍ଷ ଜଙ୍ଗଲ ଅଞ୍ଚଳ କ୍ରମଶଃ ଲୋପ ପାଉଛି, ଏହା ପୃଥିବୀ ପାଇଁ ଏକ ବିରାଟ ବିପଦ ସୃଷ୍ଟି କରିବ, ଏହା ନିଃସନ୍ଦେହ । ଏହି ସମସ୍ୟାକୁ ଆଖି ଆଗରେ ରଖି ୧୯୭୧ ମସିହା ଠାରୁ ପ୍ରତିବର୍ଷ ମାର୍ଚ୍ଚ ମାସ ୨୧ ତାରିଖକୁ ବିଶ୍ୱ ବନ ଦିବସ ଭାବେ ପାଳନ କରାଯାଇ ଆସୁଛି । ସମ୍ପ୍ରତି କ୍ରମବର୍ଦ୍ଧିଷ୍ଣୁ ଜଙ୍ଗଲ କ୍ଷୟ ଓ ଜଳବାୟୁ ପରିବର୍ତ୍ତନ ପାଇଁ ଜନ ଜାଗରଣର ଆବଶ୍ୟକତା ବୃଦ୍ଧି ଓ ଲୋକ ସଚେତନ ସୃଷ୍ଟି ଏହି ଦିବସ ପାଳନର ପ୍ରଥମ ଓ ମୂଳ ଲକ୍ଷ୍ୟ ।

ଜଙ୍ଗଲ ସୁରକ୍ଷା ହେଲେ ବର୍ଷାର ନିୟମିତତା ଦେଖାଦେବ, ଜଳବାୟୁ ଠିକ୍ ରହିବ । ମୃତ୍ତିକା କ୍ଷୟ ହେବ ନାହିଁ । ସର୍ବୋପରି ଜଙ୍ଗଲଜାତ ଦ୍ରବ୍ୟକୁ ପାଥେୟ କରି ବଞ୍ଚୁଥିବା ଅଧିବାସୀମାନେ ନିଜର ଜୀବିକା ନିର୍ବାହ କରିପାରିବେ । ବନ୍ୟଜନ୍ତୁମାନେ ସହରାଭିମୁଖି ହେବେ ନାହିଁ । ପ୍ରାକୃତିକ ସନ୍ତୁଳନ ବଜାୟ ରହିବ । କିନ୍ତୁ ତାହ ହେଉ ନାହିଁ । ଜଙ୍ଗଲ କ୍ଷୟର ମୁଖ୍ୟ କାରଣ ହେଉଛି ନିଆଁ । ଶୀତଦିନେ ପତ୍ର ଝଡ଼ିବା ଆରମ୍ଭ ହୁଏ, ବର୍ଷାର ପରିମାଣ କମ୍ ହେତୁ ତାହା ଉତ୍ତପ୍ତ ହୋଇ ନିଆଁଲାଗି ଯାଏ । ଅଥବା କେତେକ ଅସାଧୁ ବ୍ୟକ୍ତିମାନଙ୍କ ଦ୍ୱାରା ଜଙ୍ଗଲରେ ନିଆଁ ଲାଗେ । ଜଙ୍ଗଲରେ ନିଆଁ ଲାଗିଲେ ତାର ଘନତ୍ୱ କମିଯାଏ । ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳ ବୃଦ୍ଧି ପାଏ । ବୃକ୍ଷଲତା ଓ ଜୀବଜନ୍ତୁ ଲୋପ ପାଇଯାନ୍ତି । ଏଣୁ ଆମେ ଏଥିପ୍ରତି ସଚେତନ ହେବ ଆବଶ୍ୟକ ।

ବିଶ୍ୱ ବନ ଦିବସ ପାଳନ କରିବାର ଲକ୍ଷ୍ୟ ଥିଲା କି ଆମେ ପୃଥିବୀରେ କିପରି ଜଙ୍ଗଲ ସୃଷ୍ଟି କରିବା । ତାହା ଆଜି କେତେକାଂଶରେ ସଫଳ ହୋଇଛି । ବନ୍ୟଜନ୍ତୁଙ୍କ ସଂଖ୍ୟା ବି ଆଶାନୁରୂପ ବୃଦ୍ଧି ପାଇଛି । ଏକ ପରିସଂଖ୍ୟାନରୁ ଜଣାଯାଏ ଯେ ଭାରତରେ ଜଙ୍ଗଲ କ୍ଷୟ ବୃଦ୍ଧି ପାଇଥିଲା ବେଳେ ଓଡ଼ିଶାରେ ଜଙ୍ଗଲ ପରିମାଣ ବଢ଼ିଛି । ଆମ ରାଜ୍ୟ ଓଡ଼ିଶା ଏକ ବନ ବହୁଳ ରାଜ୍ୟ । ବୃକ୍ଷଲତାର ବୃଦ୍ଧି ଓ ସଂରକ୍ଷଣ ପାଇଁ ରାଜ୍ୟରେ ଏକ ଔଷଧୀୟ ଉଦ୍ଭିଦ ପରିଷଦ ଏବଂ ଏକ ବନସ୍ପତି ବନ ସମିତି ଗଠିତ ହୋଇଛି । ଏହି ଉଭୟ ସମିତି ଔଷଧୀୟ ବୃକ୍ଷ ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇ ଆସୁଛି । ଏତଦ୍ ଭିନ୍ନ ରାଜ୍ୟର କେତେକ ଅଞ୍ଚଳରେ ଔଷଧୀୟ ବୃକ୍ଷ ସୁରକ୍ଷା ପାଇଁ ସଂରକ୍ଷିତ କରାଯାଇଛି । ସେଗୁଡିକ ମଧ୍ୟରୁ ଅଶୋକ ଓ ଫଣଫଣା ପାଇଁ ଖୋର୍ଦ୍ଧାର ଟାମଣା, ଓଡ଼ଶମାରୀ ପାଇଁ ଢେଙ୍କାନାଳର କପିଳାସ, ମୁଚୁକୁନ୍ଦ ପାଇଁ ସାତକୋଶିଆ, ଶିଶୁମାର ପାଇଁ କେନ୍ଦ୍ରାପଡାର କଂସାରି ଡିହ ଉଲ୍ଲେଖଯୋଗ୍ୟ । ଏହାଛଡା ଭୁବନେଶ୍ୱରରେ ମଧ୍ୟ ଔଷଧୀୟ ଉଦ୍ଭିଦ ଉଦ୍ୟାନ ସୃଷ୍ଟି କରାଯାଇଛି । ସହରରେ ଦ୍ରୁତ ଶିଳ୍ପାୟନ ଜନିତ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ସହରାଞ୍ଚଳ ବନୀକରଣ ଯୋଜନାରେ ବ୍ୟାପକ ବୃକ୍ଷରୋପଣ କରାଯାଉଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ପ୍ରାୟ ଦଶ ହଜାରରୁ ଅଧିକ ବନ ସୁରକ୍ଷା ସମିତି କାର୍ଯ୍ୟ କରୁଛନ୍ତି । ଜଙ୍ଗଲ ତଟବର୍ତ୍ତୀ ଗାଆଁର ଲୋକମାନଙ୍କୁ ସଚେତନ କରି ବନ ବିଭାଗର ମିଳିତ ଆନୁକୁଲ୍ୟରେ ସେମାନେ ଜଙ୍ଗଲ ସୁରକ୍ଷା କରୁଛନ୍ତି । ଏ ସବୁ ସତ୍ତ୍ୱେ ଜଙ୍ଗଲ ପରିମାଣ ଧୀରେ ଧୀରେ ବୃଦ୍ଧି ପାଇଲେ ମଧ୍ୟ ବିଶ୍ୱ ବନ ଦିବସର ଆବଶ୍ୟକତା ରହିଛି । ଏ ଅବସରରେ ବନ ବିଭାଗ ପକ୍ଷରୁ ବକୃତା, ଚିତ୍ରାଙ୍କନ, ସ୍ଲୋଗାନ ପ୍ରତିଯୋଗିତା, ରାଲି, ସଚେତନତା ଶୋଭାଯାତ୍ରା ମାନ କରାଇ ଲୋକଙ୍କ ମନରେ ଜଙ୍ଗଲ ସୁରକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରାଯାଉଛି । ଜଙ୍ଗଲରୁ ନିଆଁ ଲିଭାଇବା ପାଇଁ ପ୍ରୋତ୍ସାହିତ କରାଯାଉଛି ।

ଜଙ୍ଗଲର ପରିଚାଳନା ଓ ବୃଦ୍ଧି ପାଇଁ ସମସ୍ତଙ୍କ ସହଯୋଗ ଏକାନ୍ତ କାମ୍ୟ । ପୃଥିବୀକୁ ରକ୍ଷା କରିବା ପାଇଁ ଏକମାତ୍ର ଉପାୟ ହେଉଛି ବୃକ୍ଷରୋପଣ । ଆମ ପାଇଁ ପ୍ରତ୍ୟେକ ଦିନ ବନ ଦିବସ ହେଉ, ଏହି ଅନୁଚିନ୍ତା ସମସ୍ତଙ୍କ ମନରେ ଉଦ୍ରେକ ହେଲେ ହିଁ ବିଶ୍ୱ ଏକ ସବୁଜ ପିଣ୍ଡରେ ପରିଣତ ହୋଇପାରିବ । ତେଣୁ ଆମେ ଆମ ସଂସ୍କୃତି ଓ ପରମ୍ପରା ତଥା ଦୈନନ୍ଦିନ ଜୀବନକୁ ଶୃଙ୍ଖଳିତ, ସୁରକ୍ଷିତ ଏବଂ ଦୀର୍ଘସ୍ଥାୟୀ କରିବାକୁ ହେଲେ ଜଙ୍ଗଲର ସୁରକ୍ଷା କରିବା ଉଚିତ । ସେଥିପାଇଁ ଉପନିଷଦ କୁହେ – *'ଦ୍ୟୋଃ ଶାନ୍ତିଃ, ଅନ୍ତରୀକ୍ଷଃ ଶାନ୍ତିଃ, ପୃଥିବୀ ଶାନ୍ତିଃ, ଔଷଧୟଃ ଶାନ୍ତିଃ, ବନସ୍ପତୟଃ ଶାନ୍ତିଃ, ସର୍ବ ଶାନ୍ତିଃ, ସାମା ଶାନ୍ତି ରେଧି, ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।'*

ବୀରଧନଞ୍ଜୟପୁର, ବୁଗୁଡ଼ା, ଗଞ୍ଜାମ
ମୋ–୯୭୭୬୫୩୪୯୩୦

ଅମୃତ ଆନନ୍ଦ

ଜୟଶ୍ରୀ ପଟ୍ଟନାୟକ

କୃଷି ପ୍ରଧାନ ରାଜ୍ୟ ଓଡିଶାରେ ଅନ୍ୟାନ୍ୟ ଖାଦ୍ୟପେୟ ସହିତ ପଖାଳ ଖିଆର ମଜା ନିଆରା । ପଖାଳ ମନକୁ ଶାନ୍ତି ଦିଏ ପେଟକୁ ଥଣ୍ଡା ରଖେ । ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ପ୍ରଚଣ୍ଡ ରୌଦ୍ର ତାପରୁ ଦେହକୁ ଥଣ୍ଡା ରଖିବାରେ ମହୌଷଧ ଏହି ପଖାଳ । ପିଲାଠାରୁ ବଡ, ନୂଆଣିଆ ଚାଳଛପର ହାଣ୍ଡିଶାଳ ଘ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଆଜିଠୁ...

ରେକର୍ଡ ଭାଙ୍ଗିଛି । ୧୯୭୦ ମସିହା ମାର୍ଚ୍ଚ ୬ ତାରିଖ ସବୁଠାରୁ କମ୍ ସର୍ବୋଚ୍ଚ ଦିନ ତାପମାତ୍ରା ୨୪.୩ଡିଗ୍ରୀ ରେକର୍ଡ ଆଜି ଭାଙ୍ଗିଛି । ବୁଧବାର ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୧୯.୨ଡିଗ୍ରୀ ରେକର୍ଡ କରାଯାଇଛି । ଏହା ୧୯୫୨ରୁ ୨୦୨୪ ମସିହା ମାର୍ଚ୍ଚ ମାସର ସବୁଠାରୁ କମ୍ ରେକର୍ଡ ହୋଇଥିବା ସର୍ବୋଚ୍ଚ ତାପମାତ୍ରା । ସେହିପରି ପୁରୀରେ ଆଜି ୨୦.୪ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ୧୯୮୯ ମାର୍ଚ୍ଚରେ ୨୪.୬ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ରେକର୍ଡ ହୋଇଛି । କଟକରେ ଆଜି ୨୦ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ୧୯୭୦ ମାର୍ଚ୍ଚ ୬ରେ ୨୩.୬ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ଚାନ୍ଦବାଲିରେ ୨୧ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ୧୯୭୦ ମାର୍ଚ୍ଚ ୨୦ରେ ୨୨.୯ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିଲା । ଯାହା ୧୯୫୧ ପରଠାରୁ ୭୨ବର୍ଷର ରେକର୍ଡ ଭାଙ୍ଗିଛି । ବାରିପଦାରେ ଆଜି ୨୦.୪ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ୧୯୭୦ ମାର୍ଚ୍ଚ ୫ରେ ଏହା ୨୨.୩ଡିଗ୍ରୀ ରହିଥିଲା । ଯାହା ୧୯୫୫ ପରଠାରୁ ୬୮ବର୍ଷ ରେକର୍ଡକୁ ଭାଙ୍ଗିଛି ।

ଆସନ୍ତା ଶୁକ୍ରବାରଠାରୁ ତାପମାତ୍ରା ବଢିବ । ୨୪ ତାରିଖରେ କେତେକ ସ୍ଥାନରେ ସର୍ବାଧିକ ତାପମାତ୍ରା ୩୮ଡିଗ୍ରୀ ସେଲ୍‌ସିୟସରୁ ଅଧିକା ହୋଇପାରେ । ହଠାତ୍ ଆଜି ଦିନ ତାପମାତ୍ରା ପ୍ରାୟ ୧୦ଡିଗ୍ରୀରୁ ଅଧିକ ଖସି ଆସିଥିବା ବେଳେ ଗୁରୁବାର ଠାରୁ ଏହା କ୍ରମଶଃ ବୃଦ୍ଧି ପାଇବ । ତେବେ ଶୁକ୍ରବାରଠାରୁ ଦିନ ତାପମାତ୍ରା ୮ରୁ ୧୦ଡିଗ୍ରୀ ବୃଦ୍ଧି ପାଇବ । ଫଳରେ ତାତି ବଢିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି ।

ଝାରପଡା...

୨୨ଜଣ ଏସ୍‌ଆଇ, ୪ପ୍ଲାଟୁନ ଫୋର୍ସ ଜେଲ୍ କର୍ତ୍ତୃପକ୍ଷଙ୍କୁ ନଜଣାଇ ଅତର୍କିତ ଭାବେ ଚଢାଉ କରି ୱାର୍ଡ, କ୍ୟାଣ୍ଟିନ, ମେଡିକାଲ ଓ ଜେଲ୍ ମଧ୍ୟରେ ଥିବା ସନ୍ଦିଗ୍ଧ ସ୍ଥାନକୁ ଯାଞ୍ଚ କରିଥିଲେ । ଯାଞ୍ଚ କରାଯିବାର ମୁଖ୍ୟ କାରଣ ଗ୍ୟାଙ୍ଗୱାର ଚକରା ଓ ଶମ୍ଭୁ ଗ୍ୟାଙ୍ଗ ମଧ୍ୟରେ ହୋଇଥିଲା । ସେହି ଘଟଣାର ବିଭାଗୀୟ ତଦନ୍ତ ଚାଲିଥିବା ବେଳେ ପୁଣି ଜେଲ୍ ଚଢାଉକୁ ନେଇ ବିଭାଗୀୟ ତଦନ୍ତ ହେବ ବୋଲି ଜେଲ୍ ଡିଜି କହିଛନ୍ତି । ଏହା ପୂର୍ବରୁ ଜେଲ୍ ସିଭିଲ୍ କର୍ତ୍ତୃପକ୍ଷ ଚଢାଉ କରି ଆପତ୍ତିଜନକ ଜିନିଷ ଠାବ କରିଥିବା ବେଳେ ପୂର୍ବରୁ ଡିଆଇଜି ଚଢାଉ କରି କିଛି ପାଇନଥିଲେ । ଜେଲ୍‌ରେ ସୁଧାର କାର୍ଯ୍ୟ ଆଗକୁ ବଢୁଥିବା ବେଳେ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ଆଗକୁ ବଢିବାରେ ଲାଗିଛି । ଝାରପଡା ଜେଲ୍ ମଧ୍ୟରୁ ବାହାରକୁ ଖବର ପଠାଇ ୱାର୍ଡର ମାନସଙ୍କୁ ହତ୍ୟା କରିବାର ପ୍ରମାଣ ମଧ୍ୟ ରହିଛି । ଜେଲ୍ ଚଢାଉ ପରେ ଜେଲ୍‌ର ବରିଷ୍ଠ ଅଧୀକ୍ଷକ ଧୀରେନ୍ଦ୍ର ବାରିକ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

ବୁଧବାର ଭୋର୍ ସମୟରୁ ତିନିଘଣ୍ଟା ପୋଲିସ ଚଢାଉ କରିଥିଲା । ବେଳେବେଳେ ଜେଲ୍ ଉପରେ ପୋଲିସ ଚଢାଉକୁ ନେଇ ଜେଲ୍ କର୍ତ୍ତୃପକ୍ଷ ପ୍ରତିକ୍ରିୟା ଆଶାତୀତ ହୁଏନାହିଁ । ସେମାନେ ଘଟଣାକୁ ନଜାଣିଲା ପରି ମନେହୁଏ । ପୂର୍ବରୁ ଜେଲ୍‌ରେ ମୋବାଇଲ ବ୍ୟବହାର ଚାଲୁଥିଲା । ଏବେ କର୍ତ୍ତୃପକ୍ଷଙ୍କ ଅନୁମତି କ୍ରମେ ଜେଲ୍ ଫୋନ୍‌ରୁ ଫୋନ୍ କରାଯାଇ ତାହା ରେକର୍ଡ କରାଯାଉଛି । ତଥାପି ବହୁ ଜେଲ୍‌ରେ କଏଦୀମାନେ ଲୁକ୍କାୟିତ ଭାବେ ମୋବାଇଲ ଓ ସିମ୍ ରଖି ବ୍ୟବହାର କରୁଛନ୍ତି । ଭୁବନେଶ୍ୱର ସ୍ୱତନ୍ତ୍ର କାରାଗାର ଓ କଟକ ଚୌଦ୍ୱାର ଜେଲ୍ ରାଜ୍ୟରେ ଚର୍ଚ୍ଚିତ ଜେଲ୍ । ଏହି ଜେଲ୍‌ମାନଙ୍କରେ ନାମିଦାମୀ ଅପରାଧୀମାନେ ରୁହନ୍ତୁ । ଏପରିକି ଜେଲ୍ କର୍ମଚାରୀ ସେମାନଙ୍କୁ ଭୟ କରନ୍ତି । ବେଳେବେଳେ ଜେଲ୍ କର୍ମଚାରୀଙ୍କ ମୋବାଇଲ୍‌ରୁ କଏଦୀମାନେ ବାହାରକୁ କଥା ହେଉଥିବାର ବହୁ ପ୍ରମାଣ ରହିଛି । ଜେଲ୍‌ରେ ସୁଧାରିବା ପାଇଁ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କଏଦୀମାନେ ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ବିଗିଡିବାରେ ଲାଗୁଛନ୍ତି । ବେଶୀ ଉତ୍ପାତ ହେଉଛନ୍ତି ବିଚାରାଧୀନ କଏଦୀ ବୋଲି ଜଣେ ଜେଲ୍ କର୍ମଚାରୀ କହିଛନ୍ତି ।

ପରିବାର...

ବିରୋଧୀ ଥିଲେ ତାଙ୍କୁ ପୁଣି ବିଜେପି ଆପଣାଇଛି । ତାଙ୍କୁ ୫ ଲୋକସଭା ଆସନ ଛଡାଯାଇଛି । ପ୍ରଧାନମନ୍ତ୍ରୀ ମୋଦିଙ୍କର ସେ ହନୁମାନ ବୋଲି ନିଜକୁ ବର୍ଣ୍ଣନା କରୁଛନ୍ତି । ସେହିଭଳି ଏନ୍‌ସିପିରେ ମଧ୍ୟ ଅଜିତ୍ ପାୱାରଙ୍କ ଗୋଷ୍ଠୀ ଏବେ ବିଜେପି ସହିତ ରହିଛି । ଅଜିତ୍ ପାୱାରଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି । ଏଥର ନିର୍ବାଚନରେ ସେ ଦାଦା ଶରଦ ପାୱାରଙ୍କ ବିରୋଧରେ ଲଢ଼େଇ କରିବେ । ସେହିଭଳି ପରିବାର ଭିତ୍ତିକ ପାର୍ଟି ହରିୟାଣାର ଆଇଏନ୍‌ଏଲ୍‌ଡିରେ ୨୦୧୯ ବିଭାଜିତ ହୋଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଓମ୍ ପ୍ରକାଶ ଚୌତାଲାଙ୍କ ସହ ମତଭେଦ ଯୋଗୁ ଏଥିରେ ବିଭାଜନ ହୋଇଥିଲା । ବିଜେପି ଏବେ ଏହି ବିଭାଜନରୁ ୧୦ ଲୋକସଭା ଆସନରେ ଫାଇଦା ନେବାକୁ ଚେଷ୍ଟା କରୁଛି ।

ସ୍ଥିର...

ପୁଣି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଉପରେ ସେ ନିଷ୍ପତ୍ତି ଛାଡିଛନ୍ତି । ସୂଚନା ଅନୁଯାୟୀ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଓଡ଼ିଶା ସମ୍ପର୍କରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିବା ଜଣାପଡିଛି । ତେବେ କେଉଁ ପ୍ରସଙ୍ଗରେ ଆଲୋଚନା ହୋଇଛି ଓ ମେଣ୍ଟ ପାଇଁ କେଉଁ ବାଧା ରହିଛି ତାହା ସ୍ପଷ୍ଟ ହୋଇପାରୁନାହିଁ । ଅପରପକ୍ଷରେ ମେଣ୍ଟ ପ୍ରସଙ୍ଗରେ ବିଜେଡି ନୀରବ ରହିଛି ।

ସଂଗଠନ...

ସମେତ ରାୟଗଡା ଓ ଜୟପୁରରୁ ବିଧାୟକ ପ୍ରାର୍ଥୀ ପରାଜିତ ହୋଇଥିଲେ । ଏହିସବୁ ନିର୍ବାଚନମଣ୍ଡଳୀରେ ଦଳୀୟ ପ୍ରାର୍ଥୀ ଜିତିବା ନେଇ ଆଲୋଚନା କରାଯାଇଛି । ବୈଠକରେ ଜଗନ୍ନାଥ ସାରକାଙ୍କ ସମେତ ଦଳର ସବୁ ନେତା ଉପସ୍ଥିତ ଥିଲେ । ସେହିଭଳି ଅପରାହ୍ନରେ ନବରଙ୍ଗପୁର ସଂସଦୀୟ କ୍ଷେତ୍ର ନେଇ ଆଲୋଚନା କରାଯାଇଛି । ଏଥିରେ ସାଂସଦ ରମେଶ ମାଝୀ, ପଦ୍ମିନୀ ଦିଆନ, ମନୋହର ରାନ୍ଧାରୀ, ପ୍ରକାଶ ମାଝୀ, ପ୍ରଦୀପ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବତନ ବିଧାୟକ ସୁବାଷ ଗଣ୍ଡ, ବିଜେଡି ନେତା ମାନସ ମାଡକାମୀ, ଚନ୍ଦ୍ରଶେଖର ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ଦଳର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପର୍ଯ୍ୟବେକ୍ଷକ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ବେଆଇନ ନିର୍ମାଣ ଉଚ୍ଛେଦ ନେଇ ହାଇକୋର୍ଟଙ୍କ ଆଦେଶ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି

ତିହିଡ଼ି (ସବ୍ୟୁ) : ତିହିଡି ତହସିଲ ଅନ୍ତର୍ଗତ କୋହ୍ଲ ବଜାର ନିକଟରେ ହୋଇଥିବା ବେଆଇନ ନିର୍ମାଣକୁ ଉଚ୍ଛେଦ କରିବା ନେଇ ମାନ୍ୟବର ହାଇକୋର୍ଟଙ୍କ ଆଦେଶକୁ ତିହିଡି ତହସିଲ ପ୍ରଶାସନ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଗ୍ରାମବାସୀ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଦାବି କରିଛନ୍ତି । ପ୍ରକାଶ ଯେ, କୋହ୍ଲ ବଜାର ନିକଟରେ ଥିବା ନୟନଯୋରି କିସମ ଜମି, ଖାତା ନମ୍ବର-୬୯୯ ଓ ଖସଡା ନମ୍ବର-୧୩୧୧ ଉପରେ ମଙ୍ଗଳପୁର ସେବା ସମବାୟ ସମିତିର ସଭାପତି ନିତ୍ୟାନନ୍ଦ ବେହେରା ଏକ ପକ୍କା ଗୃହ ନିର୍ମାଣ କରିଥିଲେ । ଏହି ନିର୍ମାଣକୁ ବିରୋଧ କରି ଗୋବର୍ଦ୍ଧନ ନାୟକଙ୍କ ସମେତ ଅନ୍ୟ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ବି ରାଜନୈତିକ ଚାପରେ ପଡି ପ୍ରଶାସନ କୌଣସି ତତ୍ପରତା ପ୍ରକାଶ କରି ନଥିଲା । ପରେ ଗୋବର୍ଦ୍ଧନ ନାୟକ ଓ ଅନ୍ୟମାନେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଡବ୍ଲ୍ୟୁପି(ସି)(ପିଆଇଏଲ) ନମ୍ବର-୧୬୫୮୪ ଦାୟର କରାଇଥିଲେ । ଏହି ମାମଲାଟିର ବିଚାର କରି ମାନ୍ୟବର ହାଇକୋର୍ଟଙ୍କ ୨ଜଣିଆ ଖଣ୍ଡପୀଠ ଗତ ୦୫-୦୨-୨୪ରେ ଉକ୍ତ ବେଆଇନ ଅବରୋଧକୁ ଉଚ୍ଛେଦ ନିମନ୍ତେ ଆଦେଶ ଦେଇଥିଲେ । ଉକ୍ତ ଆଦେଶ ମୂଳେ ତହସିଲଦାର ଉକ୍ତ ଜାଗାର ମାପବୃପ କରି ରିପୋର୍ଟ ପ୍ରଦାନ କରିବାକୁ ସ୍ଥାନୀୟ କୋହ୍ଲ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଇତିମଧ୍ୟରେ ମାପବୃପକୁ ୩ ଦିନ ବିତି ଯାଇଥିବା ବେଳେ ଉଚ୍ଛେଦ ନେଇ ତହସିଲ ପ୍ରଶାସନର ନୀରବତା ତଥା ନିଷ୍କ୍ରିୟତା ସେମାନଙ୍କ ମନରେ ଆଶଙ୍କା ସୃଷ୍ଟି କରିଛି ବୋଲି ଅଭିଯୋଗକାରୀ ଶ୍ରୀ ନାୟକଙ୍କ ସମେତ ଗୌତମ ମୁଦୁଲି, ବିମ୍ବାଧର ପରିଡା, ପ୍ରକାଶ ଜେନା, ଗୟାଧର ଜେନା, ଭରତ ଜେନା, ରମେଶ ବେହେରା, ଲକ୍ଷ୍ମୀଧର ନାୟକ ଓ ଦେବେନ୍ଦ୍ର ସାମଲ କହିବା ସହ ତୁରନ୍ତ ହାଇକୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ କରିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି।

ଜଳ ସଂରକ୍ଷଣ ଓ ବର୍ଷାଜଳ ଅମଳ ସଂପର୍କରେ ଆଲୋଚନାଚକ୍ର

ବାଲେଶ୍ୱର,(ସବ୍ୟୁ) : ଜଳହିଁ ଜୀବନ। ଜଳ ସଂରକ୍ଷଣ ଓ ବର୍ଷାଜଳର ଅମଳ ଏବଂ ସୁବିନିଯୋଗ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ବୁଧବାର ଦିନ ବକ୍ତା ଓ ଅତିଥିମାନେ ଏହି ଆପ୍ତବାକ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ଗ୍ରୀନ୍ ଜ୍ୟାକ୍‌ପଟ୍ ଇଣ୍ଟର ନ୍ୟାସନାଲ ନାମକ ସାମାଜିକ ସଂଗଠନ ଓ ଭାରତ ସରକାରଙ୍କ ଜଳସଂପଦ ବିଭାଗ ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଆତିଥ୍ୟ ଭବନ ସଭାଗୃହରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମାଜସେବୀ ତଥା ପୂର୍ବତନ ବ୍ୟାଙ୍କ ଅଫିସର ପ୍ରତାପ ଚନ୍ଦ୍ର ନାୟକ, ଇଂଜିନିୟର ଡ. ହୃଷିକେଶ ସାହୁ ଓ ଡାକ୍ତର ସୁରଥ କୁମାର ନାୟକ ଅତିଥି ଓ ବକ୍ତାଭାବେ ଯୋଗଦେଇ ଜଳର ସଂରକ୍ଷଣ ଓ ଜଳର ସୁବିନିଯୋଗ ଉପରେ ମାନବ ସମାଜ ଏବେଠୁଁ ସଚେତନ ନହେଲେ ଜଳପାଇଁ ୩ୟ ପୃଥିବୀ ମହାସମର ହେବାର ଆଶଙ୍କା ରହିଛି ବୋଲି ମତ ପ୍ରଦାନ କରିଥିଲେ। ପାନୀୟ ଜଳ ଅଭାବରୁ ଆମ ରାଜ୍ୟ, ଦେଶ ଓ ବିଶ୍ୱର ଅନ୍ୟ ଦେଶମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ଦୃଷ୍ଟାନ୍ତ ଦେଇ, କେବଳ ଜନ ସଚେତନତା ହିଁ ଆଗାମୀ ବିଶ୍ୱକୁ ଏହି ସଂକଟରୁ ରକ୍ଷା କରିପାରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏଥିପାଇଁ ବିଦ୍ୟାଳୟସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ତଥା ଆଗାମୀ ପିଢ଼ିଙ୍କୁ ଏହି ସମସ୍ୟା ଓ ଏହାର ଭୟାବହତାର ପରିଣାମ ସଂପର୍କରେ ସଚେତନ କରାଇବା ସଂପର୍କରେ ସେମାନେ ପରାମର୍ଶ ଦେଇଥିଲେ। ଉକ୍ତ ଆଲୋଚନାଚକ୍ରରେ ଇଂ. କୁମାର କାର୍ତ୍ତିକ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରି ସ୍ୱାଗତ ଅଭିଭାଷଣ ଦେଇଥିଲେ। ସଂଗଠନ ପକ୍ଷରୁ ନାରାୟଣ ବେହେରା ଗ୍ରୀନ୍ ଜ୍ୟାକ୍‌ପଟ୍‌ର ବିଭିନ୍ନ ସାମାଜିକ କାର୍ଯ୍ୟ ସଂପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ସାମାଜିକ କର୍ମୀ ତଥା ଓଡ଼ିଶା ଉଠାଜଳ ସେଚନ କର୍ମଚାରୀ ସଂଘର ରାଜ୍ୟ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ ଓ ସଂଗଠନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ବେଜ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ବିଶିଷ୍ଟ ବ୍ୟକ୍ତି ଓ ମହିଳାମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ହେମନ୍ତ କୁମାର ଦାସ, କିରଣ କୁମାର ସାହୁ, ଜଗଦୀଶ ଦାସ, ଉଷାରାଣୀ ମୁଖାର୍ଜୀ, ଡଃ. ତୁଳସୀ ବେଜ୍, ବନ୍ଦନା ବାନାର୍ଜୀ ଓ ସରସ୍ୱତୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

ଉତ୍କଳକେଶରୀ ଆଗରପଡ଼ା ମହୋତ୍ସବ ତୃତୀୟ ସନ୍ଧ୍ୟା

ଆଗରପଡ଼ା,(ସବ୍ୟୁ):ଉତ୍କଳକେଶରୀ ଆଗରପଡ଼ା ମହୋତ୍ସବ ସ୍ଥାନୀୟ ହେମପଦ୍ମ ଗାଲାକ୍ସି ଠାରେ ଆୟୋଜିତ ତୃତୀୟ ସନ୍ଧ୍ୟାରେ ହାଇକୋର୍ଟ ଆଇନଜୀବୀ ମନୋଜ ରାୟଙ୍କ ସଭାପତିତ୍ୱ ଓ ସାମ୍ବାଦିକ ହେମନ୍ତ ସିଂହଙ୍କ ସଂଯୋଜନାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିପିଏନଓଡିଏଲ ଏସପି ଦିଲ୍ଲୀପ ଦାସ,ଆଶାବରୀ ସାଂସ୍କୃତିକ ଫାଉଣ୍ଡେସନର ଗୁରୁ ଉମେଶ ଦାସ,ଗାୟିକା ସ୍ପନ୍ଦନିକା ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ରବିନ୍ଦ୍ର ପଣ୍ଡା,ସ୍ତମ୍ଭକାର ସୁବୋଧ ସାହୁ,ଶିକ୍ଷାବିତ କୈଳାଶ ଧଳ,ସମାଜସେବୀ ମମତା ମହାନ୍ତି,ଗୋପାଳ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପ୍ରତିଭାବାନ ବ୍ୟକ୍ତିମାନଙ୍କୁ ସମ୍ମାନୀତ କରାଯାଇଥିଲା। ଶେଷରେ ଭୁବନେଶ୍ୱରର ଆଶାବରୀ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା।

ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ଅହମଦିଆ ମୁସଲିମ ସଂଗଠନର ଡଷ୍ଟବିନ୍ ପ୍ରଦାନ

ନୀଳଗିର, (ସବ୍ୟୁ) : ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ମନ୍ଦିର ଓ ଏହାର ଚାରିପାଖକୁ ସ୍ୱଚ୍ଛତା ରଖିବାପାଇଁ ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳରେ ଥିବା ଅହମ୍ମଦିଆ ମୁସଲିମ ମହିଳା ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ୧୫ଟି ଡଷ୍ଟବିନ୍ ପ୍ରଦାନ କରାଯାଇଛି। ଦେଶର କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଓ ସଂଗଠନ ଦ୍ୱାରା ହିନ୍ଦୁ, ମୁସଲିମଙ୍କ ଭିତରେ ବିଭେଦ ସୃଷ୍ଟି କରି ଭାଇଚାରା ନଷ୍ଟ କରୁଥିବା ବେଳେ ବିଶ୍ୱ ଭାତୃତ୍ୱ, ଅନ୍ୟଧର୍ମ ଓ ସମ୍ପ୍ରଦାୟ ପ୍ରତି ନିଜର ଅନୁରକ୍ତ ଜଣାଇ ଏହି ମହିଳାମାନେ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି । ଅହମ୍ମଦିଆ ମୁସଲିମ୍ ମହିଳା ସଂଗଠନର ସଭାନେତ୍ରୀ ରେଜିଆ ମହମ୍ମଦଙ୍କ ନେତୃତ୍ୱରେ ସଦସ୍ୟା ନୁସରତ ଜହାଁ, ଆମାତୁଲ ହୋଇ ଅମ୍ବି, ଫଜଦାନା ଗଜଲାଙ୍କ ସମେତ ଅନେକ ମହିଳା ସ୍ୱେଚ୍ଛାସେବୀ ପଞ୍ଚଲିଙ୍ଗେଶ୍ୱର ପୀଠରେ ପହଞ୍ଚି ଟ୍ରଷ୍ଟ ସଦସ୍ୟ ଅମରେନ୍ଦ୍ର ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ପୁରୁଷୋତ୍ତମ ସେଠୀ, ମେନେଜର ଶିଶିର କୁମାର ମିଶ୍ର ଏବଂ ଅନ୍ୟମାନଙ୍କ ଉପସ୍ଥିତିରେ ୧୫ଟି ଡଷ୍ଟବିନ୍ ହସ୍ତାନ୍ତର କରିଥିଲେ । ଟ୍ରଷ୍ଟ ପକ୍ଷରୁ ଏହି ମୁସଲିମ ମହିଳାମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସମ୍ପାଦନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଖାଲିଦ ହୁସେନଙ୍କ ଭୂମିକାକୁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇଛି ।

ବ୍ୟବସାୟୀ ସଂଘ ନେତା ମନ୍ମଥ ଦାସଙ୍କ ସ୍ମୃତିଚାରଣ ସଭା

ବାଲେଶ୍ୱର,(ସବ୍ୟୁ) :ଫାଣ୍ଡିଛକ ନିକଟସ୍ଥ ନିୟୁ ମାର୍କେଟ ବ୍ୟବସାୟୀ ସଂଘ ନେତା ମନ୍ମଥ ଦାସ (ମନୁଭାଇ)ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ନିୟୁ ମାର୍କେଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବ୍ୟବସାୟୀମାନଙ୍କ ପକ୍ଷରୁ ସ୍ୱର୍ଗତଃ ଦାସଙ୍କ ତୈଳଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇ ତାଙ୍କର ଅମରଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ନିୟୁମାର୍କେଟ ବ୍ୟବସାୟୀ ସଂଘର ସଭାପତି ଅଜୟ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତି ଚାରଣ ସଭାରେ ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ରଂଜନ ବାଗ, ରାଜେନ୍ଦ୍ର ଚାଟାର୍ଜୀ, ଶିବନାରାୟଣ ସାହୁ, ନିତ୍ୟାନନ୍ଦ ସାହୁ, ପର୍ଶୁରାମ ମହାନ୍ତି, ଜୟଦେବ ସାହୁ, ପର୍ଶୁରାମ ନାୟକ, ଚନ୍ଦନ ବେହେରା, ସେକ୍ ସକିର,ସେକ୍ ସନ୍ତୁ, ସେକ୍ ଇମ୍ରାନ, ଉଦୟ ବେଜ, ବିସ୍ମୟ ବେଜ, ସେକ୍ ସଇଦୁଲା ପ୍ରମୁଖ ଏହି ସ୍ମୃତିଚାରଣ ସଭାରେ ଯୋଗଦେଇ ନିୟୁ ମାର୍କେଟର ବ୍ୟବସାୟୀ ମାନଙ୍କୁ ସଂଗଠିତ କରିବାରେ ସ୍ୱର୍ଗତଃ ଦାସଙ୍କର ଭୂମିକା ଅନନ୍ୟ ଥିଲା ବୋଲି ସେମାନେ କହିବା ସଂଗେ ସଂଗେ ନିୟୁମାର୍କେଟ ପକ୍ଷରୁ ପ୍ରତିବର୍ଷ ହେଉଥିବା ଅଡ଼ମ୍ବର ପୂର୍ଣ୍ଣ ବାସନ୍ତୀ ପୂଜାର ସେ ମୁଖ୍ୟ ନାୟକ ଥିଲେ ବୋଲି ବକ୍ତାମାନେ ପ୍ରକାଶ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଶିକ୍ଷାଧିକାର ଆଇନ ଉପରେ ଶିକ୍ଷକ-ଅଭିଭାବକ ସଚେତନତା କାର୍ଯ୍ୟକ୍ରମ

ସୋର, (ସବ୍ୟୁ) : ସୋର ପୌରପରିଷଦ ଅନ୍ତର୍ଗତ କମରପୁର ସ୍ଥିତ ସୋର ପବ୍ଲିକ ସ୍କୁଲର ଅଭିଭାବକ ଅଭିଭାବିକା ଓ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଓଡିଶା ସରକାରଙ୍କ ଗଣଶିକ୍ଷା ବିଭାଗର ନିୟମ ଅନୁଯାଇ ଅନୁସୂଚିତ ଜାତି, ଜନଜାତି, ଅର୍ଥ ନୈତିକ ଅନଗ୍ରସର ଓ ପଛୁଆବର୍ଗର ଛାତ୍ରଛାତ

ସଂରକ୍ଷିତ ବର୍ଗ – ବାଧରେ ମାମଲା ରୁଜୁ କରୁଛନ୍ତି

ଭୁବନେଶ୍ୱର,(ତଥ୍ୟ) ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷିତ ବର୍ଗଙ୍କ ପାଇଁ ଥିବା ସୁବିଧାକୁ ବହୁ କ୍ଷେତ୍ରରେ ଉଲ୍ଲଙ୍ଘନ କରାଯାଉଛି ନିଯୁକ୍ତି ଓ ପଦୋନ୍ନତିରୁ ବଞ୍ଚିତ ଏହି ବର୍ଗର ଆଶାୟୀମାନେ ଆଇନ ଅଦାଲତରେ ସରକାରଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବାକୁ ବାଧ ହେଉଛନ୍ତି । ପୂର୍ବରୁ ସରକାରୀ ଚାକିରିର ବିଭିନ୍ନ କାଡରରେ ୧୦୦ ପଏ ରୋଷ୍ଟର ବ୍ୟବସ୍ଥା ଥିଲା । ପରବର୍ତ୍ତୀ ସମୟରେ ଏହାକୁ ବଦଳାଇ ରାଜ ସରକାର ୮୦ ପଏଣ୍ଟ ମଡେଲ ରୋଷ୍ଟର ପ୍ରଚଳନ କରିଥିଲେ । ଯେଉଁ କାଡରରେ ଯେତେ ପଦବୀ ଖାଲି ହୋଇଥିଲା ତାହା ମଧ୍ୟରୁ ସଂରକ୍ଷିତବର୍ଗଙ୍କୁ ଭାଗ ଦିଆଯାଉଥିଲା । ଏଥିଘେନି ବହୁ ସମସା ଉପୁଜିବାରୁ ସୁପ୍ରିମକୋର୍ଟଙ୍କ ଏକ ରାୟ ଆଧାରରେ ପଦବୀ ଭିକ ସଂରକ୍ଷଣ ବବସ୍ଥା ରୋଷ୍ଟରରେ ରହିଲା । ପଦବୀ ଭିକ ସଂରକ୍ଷଣ ବବସ୍ଥାରେ ଯେଉଁ ରୋଷ୍ଟର ପଏ ଯେଉଁ ବର୍ଗଙ୍କ ପାଇଁ ରହିଛି ସେହି ବର୍ଗର ପ୍ରାର୍ଥୀଙ୍କୁ ଉକ୍ତ ପଦବୀରେ ନିଯୁକ୍ତି ଓ ପଦୋନ୍ନତି ଦେବାପାଇଁ କୁହାଗଲା । ସଂରକ୍ଷିତବର୍ଗର ପ୍ରାର୍ଥୀମାନେ ସେମାନଙ୍କ ପାଇଁ ଥିବା ରୋଷ୍ଟରପଏ ପଦବୀରେ ନିଯୁକ୍ତି ଓ ପଦୋନ୍ନତି ପାଇବାରେ ଅସୁବିଧା ନଥିବାବେଳେ ଅଣସଂରକ୍ଷିତ ପଦବୀଗୁଡିକ ପୂରଣ କ୍ଷେତ୍ରରେ ବାରମ୍ବାର ସମସା ଲାଗି ରହୁଛି ।

ସୁପ୍ରିମକୋର୍ଟ, ହାଇକୋର୍ଟ, ସାଟ ଓ କାଟ ଆଦି ଶହ ଶହ ମାମଲାରେ ଦେଇଥିବା ରାୟରେ ବାରମ୍ବାର ସ୍ପଷ୍ଟ କରିଦେଇଛନ୍ତି ଯେ ଅଣସଂରକ୍ଷିତ ପଦବୀଗୁଡିକ କୌଣସି ବର୍ଗଙ୍କ ପାଇଁ ସଂରକ୍ଷିତ ନୁହେଁ ।

ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀର ଚଳନ୍ତି ଦେବତା ଆମ ବାପା ମାଆ କାର୍ଯ୍ୟକ୍ରମ

କଟକ, (ସବ୍ୟୁ): ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀ ଅଧିନ ମଧୁପୁର ଶାଖା ତତ୍ତ୍ୱାବଧାନରେ ବିଷ୍ଣୁ ଚରଣ ସାହୁ ସ୍ମୃତି ସଂସଦ ଆନୁକୂଲ୍ୟରେ ଆମ ଚଳନ୍ତି ଦେବତା –ବାପା ମାଆ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଯାଇଛି । ଚାରଣ ମାନେ ପ୍ରଥମେ ବିଷ୍ଣୁ ସହସ୍ରନାମ ପାଠ ସହିତ ଶ୍ରୀମଭଗବଦ୍ ଗୀତା , ହନୁମାନ ଚାଳିଶା ପାଠ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥଲେ । ଆଧୁନିକ ଯୁଗରେ ପିତାମାତାଙ୍କୁ ଅବହେଳିତ କରୁଥିବା ସନ୍ତାନ ମାନଙ୍କୁ ସଠିକ ଭାବରେ ଆଧାତ୍ମିକ ଚେତନା ପ୍ରଦାନ କରାଗଲେ ବୃଦ୍ଧାବସ୍ଥାରେ ପିତାମାତା ଅବହେଳିତ ହେବେ ନାହିଁ ବୋଲି ଏହିଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷା ଦିଆଗଲେ ଉତ୍ତମ ହେବ ବୋଲି ଉଦଘାଟନୀ ଅଭିଭାଷଣରେ ଡଃ ପ୍ରଭୁ ଚରଣ ମହାନ୍ତି କହିଥିଲେ । ଗୋବର୍ଦ୍ଧନ ମଠର ଆଦିତ୍ୟ ବାହିନୀର ମହାସଚିବ ଡଃ ଶୁଭେନ୍ଦୁ ସ୍ୱାଇଁ ଆଦର୍ଶ ପିତାମାତାଙ୍କ ଆଦର୍ଶ ପୁତ୍ର କନ୍ୟା ହୋଇପାରିବେ ବୋଲି ଅଭିଭାଷଣରେ କହିଥିଲେ । ଶ୍ରୀଜଗନ୍ନାଥ ପାଟ ସେବା ପରିଷଦର ସଭାପତି ଦୁର୍ଯୋଧନ ସାହୁ,ସମର୍ପଣ ପରିବାରର ସମ୍ପାଦକ ତୀର୍ଥ ବାସୀ ବେହେରା, ଭିଜିଲାନ୍ସ ଡିଏସପି ପୁଷ୍ପଲତା ଜେନା, କବି ଅନ୍ନପୂର୍ଣ୍ଣା ଦାସ,ବୋଲଗଡ଼ ଅଞ୍ଚଳର କୁନି ନୃତ୍ୟଶିଳ୍ପୀ ସାଇ ସୌମ୍ୟ କାନ୍ତ ,ତୃପ୍ତିମୟୀ ଖଟୁଆ , ସମାଜସେବୀ ଅଭିମନ୍ୟୁ ବେହେରା ଓ ଡଃ ପ୍ରଭୁ ଚରଣ ମହାନ୍ତିଙ୍କୁ ବିଷ୍ଣୁ ଚରଣ ସାହୁ ସ୍ମୃତି ସଂସଦ ସମ୍ପାଦିକା ମହାପ୍ରସାଦ , ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ । ବାରଙ୍ଗ ମଧୁପୁର ଶାଖାର ଦଳପତି ଭାସ୍କର ପ୍ରଧାନ ଏବଂ ସଦର ସଂଗଠକ ପ୍ରକାଶ ଚନ୍ଦ୍ର ପାଣିଙ୍କ ସହଯୋଗ କ୍ରମେ ଏହି କାର୍ଯ୍ୟକ୍ରମ ସମ୍ପାଦନା କରୁଥିବା ବେଳେ କଟକ ଜିଲ୍ଲା ସଂଗଠକ ଲିଙ୍ଗରାଜ ପତି ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଗୁରୁ ମନମୋହନ ଶର୍ମାଙ୍କ ନିର୍ଦ୍ଦେଶନାରେ ଇଣ୍ଡିଆନ୍ ଡ୍ୟାନ୍ସ ଏକାଡେମୀର କଳାକାର ମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଆଲୋକ କୁମାର ସାହୁ, ପ୍ରଦୀପ୍ତ କୁମାର ସାହୁ,ଶ୍ରୀମତି ପଦି ପାତ୍ର, ବସନ୍ତ ବେଉରା,ଅଜିତ ମହାନ୍ତି ଆଦି ବିଶେଷ ବ୍ୟକ୍ତି ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲାଛ ବାଲିପଡା ଶାଖା ଦଳପତି ଉମେଶ ବସ୍ତିଆ, ଖାନନଗର ଶାଖା ଦଳପତି ବସନ୍ତ କୁମାର ସାହୁ, ପିଠାପୁର ଶାଖା ଦଳପତି ମନୋଜ ନାୟକ, ସୁଶାନ୍ତ କୁମାର ସାହୁ, ସୁଶାନ୍ତ କୁମାର ଦାସ, ସଂଗଠକ ତରଣୀସେନ ଲେଙ୍କା, ଦିଲ୍ଲୀପ ପାଣି, ଲିଯିକା ଶର୍ମା ସମେତ ସୀତାକାନ୍ତ ରାମଲୀଳା ସମିତିର ସମସ୍ତ ସଦସ୍ୟ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସମସ୍ତଙ୍କ ପାଇଁ ମଧୁପୁର ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ପ୍ରସାଦ ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।

ଖଇରା ସ୍ୱାଭିମାନ ମଞ୍ଚର ସମୀକ୍ଷା ବୈଠକ

ଖଇରା, (ସବ୍ୟୁ) : ଖଇରା ସ୍ୱାଭିମାନ ମଞ୍ଚର ଏକ ସମୀକ୍ଷା ବୈଠକ ଖଇରା ଠାରେ ଅନୁଷ୍ଠିତ ହୋଇ ଯାଇଛି । ସ୍ୱାଭିମାନ ମଞ୍ଚର ସମସ୍ତ ସଦସ୍ୟ ଙ୍କ ପ୍ରଚେଷ୍ଟା ପାଇଁ ଏହା ସଫଳ ହୋଇଥିବାରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା । ଏହାର ପ୍ରମୁଖ ଶ୍ରେୟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ଖଇରା ପାଇଁ ଅତ୍ୟାବଶ୍ୟକ ଥିବା ସବଟ୍ରେଜେରୀ,ଅଦାଲତ,ନିଳଗିରିରୁ ଖଇରା ଦେଇ କେନ୍ଦୁଝର ପର୍ଯ୍ୟନ୍ତ ରେଳପଥ ସମ୍ପ୍ରସାରଣ ଭଳି ଦାବୀ ଗୁଡିକ ସ୍ୱାଭିମାନ ମଞ୍ଚ ମାଧ୍ୟମରେ ଉପସ୍ଥାପନ ପାଇଁ ଆଲୋଚନା କରାଯାଇଥିଲା । ମଞ୍ଚର ଆବାହକ ମୁକ୍ତିକାନ୍ତ ଶତପଥି,ଅନାମ ଚରଣ ପଣ୍ଡା,ଅରୁଣ କୁମାର ସ୍ୱାଇଁ,ସନ୍ତୋଷ କୁମାର ଶତପଥି,ସନ୍ତୋଷ କୁମାର ବିଶ୍ୱାଳ,ରତ୍ନାକର ବିଶ୍ୱାଳ,ଜନ୍ମେଜୟ ଶତପଥି,ରବିନ୍ଦ୍ର ବିଶ୍ୱାଳ,ଗଜେନ୍ଦ୍ର ସେଠୀ,ଅଭିରାମ ମହାପାତ୍ରମାନସ କୁମାର ମହାପାତ୍ର,ବିଷ୍ଣୁପଦ ସାହୁ,ଜଗତାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଓଡ଼ିଶାରେ ପୁନଃ ବ୍ୟବହାରଯୋଗ୍ୟ ପ୍ୟାଡ୍ କାରଖାନା ପ୍ରତିଷ୍ଠା କରିବ ସୌଖ୍ୟମ୍



ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱରରେ ଆୟୋଜିତ ଏକ ବୈଠକରେ ସୌଖ୍ୟମ ରିୟୁଜେବଲ୍ ପ୍ୟାଡ୍‌ସ୍‌ର ପରିଚାଳନା ନିର୍ଦ୍ଦେଶକ ଅଞ୍ଜୁ ବିଷ୍ଟ ଯିଏକି 'ପ୍ୟାଡ୍ ଓମ୍ୟାନ' ରୂପେ ସୁପରିଚିତ, ଓଡ଼ିଶାରେ ଏକ ସ୍ଥାୟୀ ଋତୁସ୍ରାବ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଲୋଚକଗଣ ନିକାଶଯୋଗ୍ୟ ସ୍ୱଚ୍ଛତା ପ୍ୟାଡ୍‌ର ପ୍ରୟୋଗରେ ପରିବେଶ ଉପରେ ପଡୁଥିବା କୁପ୍ରଭାବ ଏବଂ ସୌଖ୍ୟମ ଦ୍ୱାରା କଦଳୀ ଗଛର ତନ୍ତୁରେ ପ୍ରସ୍ତୁତ ପୁନଃ ବ୍ୟବହାରଯୋଗ୍ୟ ପ୍ୟାଡ୍‌ର ବ୍ୟବହାର ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସୌଖ୍ୟମ ମାତା ଅମୃତାନନ୍ଦମୟୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଅଭିଯାନ । ଏହା ନୀତି ଆୟୋଗ ଠାରୁ 'ଓମେନ୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ' ପୁରସ୍କାର ତଥା ଚଳିତ ବର୍ଷର ଆଇଆଇଟି ବିଶ୍ୱ ସମ୍ମିଳନୀରେ 'ଇମ୍ପାକ୍ଟ ଇନୋଭେସନ୍ ଚ୍ୟାଲେଞ୍ଜ' ପୁରସ୍କାର ଭଳି ଅନେକ ବିଶେଷ ପୁରସ୍କାର ପ୍ରାପ୍ତ କରିଅଛି । ଏହି ଅଭିଯାନକୁ ଆରମ୍ଭ କରିବା ପଛରେ ମାତା ଅମୃତାନନ୍ଦମୟୀଙ୍କର ଅବଧାରଣା ଏହିକି ଯେ ଏପରି ଏକ ନିରାପଦ ଉତ୍ପାଦ ବାହାର କରିବା ଯାହାକି ମାତା ଓ ଭଉଣୀମାନଙ୍କର ମାସିକ ଋତୁସ୍ରାବକୁ ସ୍ୱଚ୍ଛ ଓ ସୁସ୍ଥକର କରି ଗଢିତୋଳିବ। ନାରୀମାନଙ୍କ ମଧ୍ୟରେ ସଚେତନତା ଜାଗୃତ କରିବା ତଥା ସ୍ଥାୟୀ ଋତୁସ୍ରାବ ସ୍ୱଚ୍ଛତା ଅଭ୍ୟାସ ଜାଗୃତ କରିବା ପାଇଁ ସୌଖ୍ୟମ ଓଡ଼ିଶା ସରକାରଙ୍କର ଉଚ୍ଚ ଶିକ୍ଷା ବିଭାଗର ଏକ ଅଂଶ ଏନ୍‌ଏସ୍‌ଏସ୍‌ର ସହଭାଗୀତାରେ କଟକ ଓ ଭୁବନେଶ୍ୱରର ବିଭିନ୍ନ କଲେଜରେ ସଚେତନତା ସଭା ଆୟୋଜନ କରିଥିଲା । ଆମେ ଏହିସବୁ କର୍ମଶାଳାରୁ ବହୁତ ଭଲ ପ୍ରତିକ୍ରିୟା ପାଇଥିଲୁ । ଏହି ବର୍ଷ ଆମେ ଆହୁରି ଅଧିକ କଲେଜରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବୁ ବୋଲି ଏନ୍‌ଏସ୍‌ଏସ୍‌ର ରାଜ୍ୟ କୋଅର୍ଡିନେଟର୍ ରମେଶ ଚନ୍ଦ୍ର ବେହେରା କହିଛନ୍ତି । ସୌଖ୍ୟମ୍ ଦଳ ଏହାର ହିତାଧିକାରୀମାନଙ୍କ ସହ ମିଶି ଓଡ଼ିଶାରେ ଏହି ବର୍ଷ ପୁନଃ ବ୍ୟବହାରଯୋଗ୍ୟ ପ୍ୟାଡ୍‌ର କାରଖାନା ବସାଇବା ପାଇଁ ସ୍ଥିର କରିଛି ।

ତାଣ୍ଡବ କଲା ଗୋଠଛଡ଼ା ଦନ୍ତା

ବେତନଟୀ , (ସବ୍ୟୁ) : ହାତୀ ଉପଦ୍ରବରେ ଜୈନିକା ମହିଳାଙ୍କ ଭାଙ୍ଗିଗଲା ଗୋଡ। ଏହିପରି ଏକ ଅଭାବନୀୟ ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଅଧିନ ଗଡଦେଉଳିଆ ପଞ୍ଚାୟତର ଶ୍ରୀବସପୁର (ମହୁଲିଆ)ଗ୍ରାମରୋମିଳିଥିବା ସୂଚନା ମୁତାବକ ବୁଧବାର ଭୋର ୩ଟା ପାଖାପାଖି ସମୟରେ ଏକ ଗୋଠ ଛଡା ଦନ୍ତା ହାତୀଟି ଅଚାନକ ଗ୍ରାମକୁ ପ୍ରବେଶ କରିଥିଲା। ରାତିରେ ବର୍ଷା ହେଉଥିବାରୁ ହାତୀ ଆସିବାର ଖବର ପାଇନଥିଲେ ଗ୍ରାମବସୀ।ଠିକ୍ ଏତିକି ବେଳେ ହାତୀଟି ଗ୍ରାମର ସଲମା ହେମ୍ରମଙ୍କ ଘରକୁ ପ୍ରବେଶ କରି କାନ୍ଥ ଭାଙ୍ଗିଥିଲା।କାନ୍ଥ ଭାଙ୍ଗିଲା ବେଳେ କାନ୍ଥଟି ଭିତର ପଟେ ଶୋଇଥିବା ସଲମାଙ୍କ ପୁଅ ଜଳେନ୍ଦ୍ର ଓ ବହୁ ଜବାଙ୍କ ଉପରେ ପଡିଥିଲା।ତେବେ ପୁଅ ଜଳେନ୍ଦ୍ର ଙ୍କ କିଛି ହେଇନଥିବା ବେଳେ ବହୁ ଜବାଙ୍କ ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡିଛି ।

ଡଲାର ବିଗ୍‌ବସ୍'ର ନୂତନ ଟେଲିଭିଜନ ବିଜ୍ଞାପନ ଅଭିଯାନ

ଭୁବନେଶ୍ୱର,(ସବ୍ୟୁ): ଭାରତୀୟ ହୋସେରୀ ଇଣ୍ଡଷ୍ଟ୍ରିର ଅନ୍ୟତମ ଅଗ୍ରଣୀ କମ୍ପାନୀ ଡଲାର ଇଣ୍ଡଷ୍ଟ୍ରିଜ ଲିମିଟେଡ ଗ୍ରାହକଙ୍କ ପାଇଁ ସୁଲଭ ଫ୍ୟାଶନ ଏବଂ ସ୍ଥାୟୀତ୍ୱକୁ ପ୍ରତିନିଧିତ୍ୱ କରିଥାଏ । ନିଜର ସର୍ବଶେଷ ବିଜ୍ଞାପନ ଅଭିଯାନ ସହିତ, କମ୍ପାନୀ ଏକ ନୂତନ ମାନଦଣ୍ଡ ସ୍ଥିର କରିଛି ଯାହା ପୁନର୍ବାର ଡଲାର ବିଗ୍‌ବସ୍ ଉତ୍ପାଦ ଉପରେ ପର୍ଯ୍ୟବେସିତ ହୋଇଛି । ଏହି ଅବସରରେ ଡଲାର ଇଣ୍ଡଷ୍ଟ୍ରିଜ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର ଗୁପ୍ତା କହିଲେ, ଆମେ କେବଳ ଅନ୍ତବସ୍ତ୍ର ନୁହେଁ ଆଥଲେସିଜର, ଜିମ ପରିଧାନ ଏବଂ ପୁରୁଷମାନଙ୍କ ପାଇଁ କାଜୁଆଲ ସହିତ ଆମର ବିଗ୍‌ବସ୍ ପରିସରକୁ ବୃଦ୍ଧି କରିଛୁ । ଆମର ବ୍ରାଣ୍ଡ ଆମ୍ବାସାଡର, ସୁପରଷ୍ଟାର ଅକ୍ଷୟ କୁମାରଙ୍କ ସହ ଆମର ଦୀର୍ଘ ଦଶନ୍ଧି ଧରି ସହଭାଗୀତା ମାଧ୍ୟମରେ ଆମର ବ୍ରାଣ୍ଡରେ ଯଥେଷ୍ଟ ଅଭିବୃଦ୍ଧି ଘଟିଛି । ଡଲାର ବିଗ୍‌ବସ୍‌ର ଟେଲିଭିଜନ ଅଭିଯାନ ସମସ୍ତ ଅନ୍ତର୍ଭୁକ୍ତ ମୂଲ୍ୟବୋଧକୁ ଦର୍ଶାଇ ବ୍ରାଣ୍ଡର ଏକ ନୂଆ ପଦକ୍ଷେପ । ଏହି ବିଜ୍ଞାପନକୁ ପ୍ରଖ୍ୟାତ ବିଜ୍ଞାପନ ନିର୍ମାତା ଉଜର ଖାନ ନିର୍ଦ୍ଦେଶନା ଦେଇଛନ୍ତି ଏବଂ ଉଭୟ ଇଲେକ୍ଟ୍ରୋନିକ ଏବଂ ଅନଲାଇନ ପ୍ଲାଟଫର୍ମରେ ଏହା ମୁକ୍ତିଲାଭ କରିଛି। ଡିଜିଟାଲ, ସୋସିଆଲ ମିଡିଆ, ଉଜ–ପ୍ରଭାବ ବାହ୍ୟ ସ୍ଥାନ, ପ୍ରିଣ୍ଟ୍ ଏବଂ ଟିଭି ମାଧ୍ୟମରେ ଏହି ଅଭିଯାନ ମିଳିତ ଭାବେ ଜାରି ରହିଛି ।

ପ୍ରଦୀପ ବେହେରା ରାଜ୍ୟ ଓବିସି ସଂଘର ସଭାପତି

କଟକ, (ସ୍ୱପ୍ନ) : ସମାଜସେବା ପ୍ରତି ରୁଚି ରଖିଥିବା ପୂର୍ବତନ କର୍ପୋରେଟର ପ୍ରଦୀପ କୁମାର ବେହେରା ରାଷ୍ଟ୍ରୀୟ ପଛୁଆ ବର୍ଗ ସଂଘର ଓଡିଶା ସଭାପତି ଭାବେ ନିଯୁକ୍ତି ହୋଇଛନ୍ତି । ସଂଘର ରାଷ୍ଟ୍ରୀୟ ସଭାପତି ଦୀନେଶ ଯାଦବ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି । ଏହି ନିଯୁକ୍ତି ମିଳିବା ଶ୍ରୀ ବେହେରା ନିଜର ଖୁସି ବ୍ୟକ୍ତ କରିବା ସହିତ ରାଜ୍ୟରେ ପଛୁଆବର୍ଗଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ସେ ଏହି ଅବସରରେ ଜାତୀୟ ସଭାପତି ଓ ରାଜ୍ୟରେ ଥିବା ସଂଘର ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସୂଚନାଯୋଗ୍ୟ ଶ୍ରୀ ବେହେରା ୧୯୮୭ ମସିହାରୁ ଜଣେ ବାମପନ୍ଥୀ ଛାତ୍ରନେତା ଭାବେ କାର୍ଯ୍ୟ କରିବା ସହିତ ଉତ୍କଳ ମହାସଭାର ରାଜ୍ୟ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଛନ୍ତି ।

ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳ ଦଶମୀ ନଦୀୟା ଦୋଳ ମେଳଣ

କଟକ, (ସବ୍ୟୁ): ଆଜି ପବିତ୍ର ଫଗୁଦଶମୀ ତିଥିରେ କଟକ ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳର ୨୧ତମ ଦଶମୀ ନଦୀୟା ଦୋଳ ମେଳଣ–୨୦୨୪ ମହାସମାରୋହର ସମ୍ପନ୍ନ ହୋଇଛି ଅଲିଶାବଜାର କୈବର୍ତ୍ତସାହିସ୍ଥିତ ଶ୍ରୀ ଶ୍ରୀ ଅନନ୍ତଗୋପାଳଜୀଉ ନଦୀୟା ସଂକୀର୍ତ୍ତନମଣ୍ଡଳୀ ନିମନ୍ତ୍ରଣ କ୍ରମେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏହି ମେଳଣ ଅନୁଷ୍ଠିତ ହୋଇଥିଲା ଏହି ପରିପ୍ରେକ୍ଷୀରେ ଶେଖବଜାରସ୍ଥିତ ଲାଲାମଠଠାରୁ ଏକ ବିଶାଳ ଆକର୍ଷଣୀୟ ଦୋଳ ଶୋଭାଯାତ୍ରା ବିଭିନ୍ନ ଅଞ୍ଚଳ ପରିକ୍ରମା କରି ମେଳଣ ସ୍ଥଳରେ ପହଞ୍ଚି ଥିଲେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଭକ୍ତ–ଜନସାଧାରଣ ଏହି ଶୋଭାଯାତ୍ରାକୁ ଦର୍ଶନ କରିବା ସହ ମା' ଭଉଣୀମାନେ ବିମାନ ମଧ୍ୟରେ ଥିବା ଠାକୁରମାନଙ୍କୁ ବନ୍ଦାପନା କରୁଥିବା ଲକ୍ଷ୍ୟ କରାଯାଉଥିଲା ତୁହାକୁ–ତୁହା ବର୍ଷା ସତ୍ତ୍ୱେ ସାରାରାତି ନାମ–ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମହାମଣ୍ଡଳର ସର୍ବମହନ୍ତ ଶ୍ରୀ ଭିକାରୀ ଦାସ ଅଧ୍ୟକ୍ଷତା କରିଥିଲେ ଏଥିରେ ମହାମଣ୍ଡଳର ମୁଖ୍ୟ ପୃଷ୍ଠପୋଷକ ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ, କଟକ ମହାନଗର ନିଗମ ମେୟର ସୁବାସ ସିଂହ, ବାରବାଟୀ–କଟକ ବିଧାୟକ ଇଂ ମହମ୍ମଦ ମୋକିମ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ପୂର୍ବାଞ୍ଚଳ ଶାନ୍ତି କମିଟି ସମ୍ପାଦକ ପ୍ରଫୁଲ୍ଲକୁମାର ସାହୁ, ବର୍ଷିଆନ ମୁରବୀ ବଟକୃଷ୍ଣ ବେହେରା, ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କଟକ ନଗର ବି.ଜେ.ପି. ସଭାପତି ଲଲାଟେନ୍ଦୁ ବନ୍ଧୁ, ଡାକ୍ତର ରବିରଞ୍ଜନ ସାହୁ, କର୍ପୋରେଟର ଲକ୍ଷ୍ମୀଧର ବେହେରା, ଆରତୀ ସାହୁ, ଦୀପାଞ୍ଜଳି ସିଂହ ଓ ମୋନାଲିସା ଦାସ, ସମାଜସେବୀ ସ୍ମୃତି ପଟ୍ଟନାୟକ, ରୀତା ମହାପାତ୍ର, ହେମନ୍ତ ବେହେରା, ପୂର୍ବତନ କର୍ପୋରେଟର ବିଜୟ ଦଳେଇ ଏବଂ ମହାମଣ୍ଡଳର ସର୍ବାଧିକାରୀ ଜଗଜୀବନ ପ୍ରସାଦ ଏବଂ ସର୍ବକଟୁଆଳ କୃଷ୍ଣଚନ୍ଦ୍ର ସାହୁ, ଅଲିଶାବଜାର ପୂଜା କମିଟି ସଭାପତି ଅଜିତ ଦାସ ଓ ସମ୍ପାଦକ ଲକ୍ଷ୍ମୀଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ ୨୨ତମ ଦଶମୀ ନଦୀୟା ଦୋଳ ମେଳଣ–୨୦୨୫ ଭାଗବତ ନଦୀୟା ସଂକୀର୍ତ୍ତନମଣ୍ଡଳୀ ନିମନ୍ତ୍ରଣକ୍ରମେ ଯୋତ୍ରା ଦାସସାହିଠାରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଥିଲା ଏହି ମେଳଣକୁ ସ୍ଥାନୀୟ ସଂକୀର୍ତ୍ତନ ମଣ୍ଡଳୀର ଅଧିକାରୀ ମଦନମୋହନ ବେହେରା, କଟୁଆଳ ପୂର୍ଣ୍ଣଚନ୍ଦ୍ର ସାହୁ, ଉପ–କଟୁଆଳ ଦେବରାଜ ବେହେରା ଓ ମୁଖ୍ୟ ପରିଚାଳକ ରାକେଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ କଟକ ସହର କୋଣ–ଅନୁକୋଣରୁ ପ୍ରାୟ ୨୫ ଗୋଟି ସଂକୀର୍ତ୍ତନ ସହ ଦୋଳ ବିମାନ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ଡକାୟତି ପ୍ରସ୍ତୁତି, ୫ ଗିରଫ

ଭୁବନେଶ୍ୱର, (ସବ୍ୟୁ):ନୟାପଲ୍ଲୀ ଥାନା ଅନ୍ତର୍ଗତ କଟାଶବଣିଆ ଛକରେ ଡକାୟତି ପାଇଁ ପ୍ରସ୍ତୁତି ହୋଇଥିବା ବେଳେ ଖବର ପାଇ ପୋଲିସ ଚଢ଼ାଉ କରିଥିଲା । । ଚଢ଼ାଉ ବେଳେ ଡକାୟତମାନେ ଖସି ଯିବା ପୂର୍ବରୁ ୫ ଜଣଙ୍କୁ କାବୁ କରିବା ସହ ମାରଣାସ୍ତ୍ର ଓ ଲଙ୍କାଗୁଣ୍ଡ ପ୍ରଭୃତି ଜବତ ହୋଇଛି । ଗିରଫ ଡକାୟତ ହେଲେ ସୁନୀଲ ଗୌଡ (୨୩), ରଞ୍ଜିତ ପ୍ରଧାନ (୨୬), ଜୋନ ପ୍ରଧାନ ୨୫, ରଞ୍ଜନ ପ୍ରଧାନ (୨୦), ବିକାଶ ବେହେରା (୨୦), ଗିରଫ ୫ ଜଣଙ୍କୁ ବୁଧବାର କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଯାଇଛି ।

ତାଳଚୁଆ ଥାନା ପକ୍ଷରୁ ସାଗରକବଚ ମିଳିତ ସମରାଭ୍ୟାସ

ରାଜନଗର , (ସବ୍ୟୁ) :ତଟରକ୍ଷୀ ବାହିନୀ, ମତ୍ସ୍ୟ ବିଭାଗ ଏବଂ ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ମିଳିତ ଭାବେ ଦୁଇ ଦିନିଆ ସମରାଭ୍ୟାସ ଆରମ୍ଭ ହୋଇଛିଛ ବଂଗୋପସାଗର ତଟବର୍ତୀ ଅଂଚଳ ଏବଂ ତାଳଚୁଆ ସାମୁଦ୍ରିକ ଥାନା ପାର୍ଶ୍ୱରେ ଥିବା ବ୍ର

ନିର୍ବାଚନ ଲଢିବା ପାଇଁ ୬୦ ବର୍ଷରେ ବିବାହ

ପାଟନା : ବିହାରର ନୱାଦାସ୍ଥିତ ନାଳନ୍ଦା ଅଞ୍ଚଳରେ ବସବାସ କରୁଥିବା ବାହୁବଳୀ ଅଶୋକ ମହତୋ ୬୦ ବର୍ଷ ବୟସରେ ବିବାହ କରିଛନ୍ତି । ଅଶୋକ ମହତୋ ଚଳିତ ଥର ବିହାରର ମୁଙ୍ଗେର ଲୋକସଭା ନିର୍ବାଚନମଣ୍ଡଳୀରୁ ନିଜ ଭାଗ୍ୟ ପରୀକ୍ଷା କରିବାକୁ ଚାହୁଁଛନ୍ତି । କିନ୍ତୁ ସେ ଭୟ କରୁଛନ୍ତି ଯେ ତାଙ୍କ ନାମାଙ୍କନ ବାତିଲ ନହୋଇଯାଉ । ତେଣୁ ସେ ଗତ ମଙ୍ଗଳବାର ଅନୀତା ଦେବୀଙ୍କୁ ବିବାହ କରିଛନ୍ତି । ତେବେ ବିବାହ ପାଇଁ ଏବେ କୌଣସି ଶୁଭ ମୁହୂର୍ତ୍ତ ନଥିବା ବେଳେ ନିର୍ବାଚନକୁ ଦୃଷ୍ଟିରେ ରଖି ଅଶୋକ ମହତୋ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ବର୍ତ୍ତମାନ ତାଙ୍କ ଧର୍ମପତ୍ନୀ ଅନୀତା ମହାମେଣ୍ଟର ସମ୍ଭାବ୍ୟ ପ୍ରାର୍ଥୀ ହୋଇପାରିବେ । ଦିନ, ବାର, ତିଥି ନଦେଖି ଏତେ ବ୍ୟସ୍ତ ହୋଇ ବିବାହ କରିବା ଘଟଣାକୁ ନେଇ ଅଶୋକ କହିଛନ୍ତି, ମୁଁ ଆରଜେଡ଼ିରୁ ନିର୍ବାଚନ ଲଢିବାକୁ ଚାହୁଁଛି, ସେଥିପାଇଁ ତରବର ହୋଇ ଏହି ବିବାହ କରିଛି ।

ପାକ୍ କୋଇଲା ଖଣିରେ ବିସ୍ଫୋରଣ ଜଳିଗଲେ ୧୨ ଶ୍ରମିକ

କରାଚି: ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଥିବା ଏକ କୋଇଲା ଖଣିରେ ଭୟଙ୍କର ଗ୍ୟାସ୍ ବିସ୍ଫୋରଣ ଘଟିଛି । ଏହି ଦୁର୍ଘଟଣାରେ କୋଇଲା ଖଣିରେ କାମ କରୁଥିବା ୧୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ତେବେ ଦୁର୍ଘଟଣାସ୍ଥଳରୁ ୮ ଜଣ ଖଣି କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି । ହରନାଇ ଜିଲ୍ଲାର ଜର୍ଦାଲୋ ଅଞ୍ଚଳରେ ଏହି ଘଟଣା ଘଟିଛି । ବେଲୁଚିସ୍ତାନର ମୁଖ୍ୟ ଖଣି ନିରୀକ୍ଷକ ଅବଦୁଲ ଗନି ବଲୋଚଙ୍କ କହିବାନୁଯାୟୀ ଜର୍ଦାଲୋ ଅଞ୍ଚଳରେ ଥିବା ଉକ୍ତ ଖଣିରେ ମିଥେନ୍ ଗ୍ୟାସ୍ ବିସ୍ଫୋରଣ ହେବା ସମୟରେ ଖଣି ଭିତରେ ୨୦ ଜଣ ଖଣି କର୍ମଚାରୀ ଥିଲେ । ବୁଧବାର ସକାଳ ସୁଦ୍ଧା ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଶେଷ ହୋଇଥିବା ସେ କହିଛନ୍ତି । ଉଦ୍ଧାରକାରୀମାନେ ୧୨ ଜଣଙ୍କ ମୃତଦେହ ଉଦ୍ଧାର କରିଥିବା ବେଳେ ୮ ଜଣ ଖଣି ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ଡିଏମକେର ନିର୍ବାଚନୀ ଇସ୍ତାହାର ୭୫ ଟଙ୍କାରେ ୧ଲିଟର ପେଟ୍ରୋଲ

ଚେନ୍ନାଇ: ତାମିଲନାଡୁର କ୍ଷମତାସୀନ ଡିଏମକେ ଲୋକସଭା ନିର୍ବାଚନ ୨୦୨୪ ପାଇଁ ଇସ୍ତାହାର ପ୍ରକାଶ କରିଛି । ଲୋକସଭା ନିର୍ବାଚନ ପାଇଁ ଇସ୍ତାହାର ସହିତ ତାମିଲନାଡୁର ୨୧ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ମଧ୍ୟ ଘୋଷଣା କରିଛି । ୬୪ ପୃଷ୍ଠାର ଇସ୍ତାହାରରେ ତାମିଲନାଡୁରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ୟୁନିଫର୍ମ ସିଭିଲ କୋଡ ଲାଗୁ ହେବ ନାହିଁ ବୋଲି ପ୍ରତିଶ୍ରୁତି ଦିଆଯାଇଛି । ଏହା ବ୍ୟତୀତ ଶ୍ରୀଲଙ୍କା ତାମିଲମାନଙ୍କୁ ଭାରତୀୟ ନାଗରିକତା ଦେବା, ପ୍ରତ୍ୟେକ ଝିଅକୁ ମାସିକ ୧୦ହଜାର ଟଙ୍କା ଦେବା ଏବଂ ପେଟ୍ରୋଲ, ଡିଜେଲ ଓ ଏଲପିଜି ମୂଲ୍ୟ ହ୍ରାସ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି । ଇସ୍ତାହାରରେ କୁହାଯାଇଛି ଯେ ତାମିଲନାଡୁରେ ନାଗରିକତ୍ୱ ସଂଶୋଧନ ଅଧିନିୟମ (ସିଏଏ) ଏବଂ ୟୁନିଫର୍ମ ସିଭିଲ୍ କୋଡ୍ (ୟୁସିସି) ଲାଗୁ ହେବ ନାହିଁ । ଏଲପିଜି ସିଲିଣ୍ଡରର ମୂଲ୍ୟ ୫୦୦ ଟଙ୍କାକୁ ହ୍ରାସ ସହ ଲିଟର ପିଛା ୭୫ ଟଙ୍କାରେ ପେଟ୍ରୋଲ ଓ ଲିଟର ପିଛା ୬୫ ଟଙ୍କା ମୂଲ୍ୟରେ ଡିଜେଲ ଯୋଗାଇଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି । ଉଲ୍ଲେଖ ଥାଉ କି ତାମିଲନାଡୁର ସମସ୍ତ ୩୯ଟି ଆସନରେ ପ୍ରଥମ ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯିବ । ଡିଏମକେ ସହିତ କଂଗ୍ରେସ ସମେତ ଅନ୍ୟାନ୍ୟ ଆଞ୍ଚଳିକ ଦଳ ମଧ୍ୟ ମେଣ୍ଟ କରିଛନ୍ତି । ତାମିଲନାଡୁରେ ଡିଏମକେ ୨୧ ଏବଂ କଂଗ୍ରେସ ୯ଟି ଲୋକସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

ଆମେରିକାର ପୂର୍ବତନ ବୈଦେଶିକ ସଚିବଙ୍କ ଖୁଲାସା

ପରମାଣୁ ଯୁଦ୍ଧ ନିକଟବର୍ତ୍ତୀ ହୋଇଥିଲେ ଦୁଇ ପଡ଼ୋଶୀ

ନୂଆଦିଲ୍ଲୀ: ୨୦୧୯ରେ କ୍ୟାପଟେନ ଅଭିନନ୍ଦନ ବର୍ତ୍ତମାନଙ୍କୁ ପାକିସ୍ତାନ ବନ୍ଦୀ କରିବା ପରେ ଭାରତ ଓ ପାକିସ୍ତାନ ପରମାଣୁ ଯୁଦ୍ଧ ଆଡ଼କୁ ଗତି କରୁଥିଲେ । କିନ୍ତୁ ଶେଷ ମୂହୂର୍ତ୍ତରେ ଏହାକୁ ଟାଳିଦିଆଯାଇଥିଲା । ବୋଲି ଆମେରିକାର ପୂର୍ବତନ ବୈଦେଶିକ ସଚିବ ମାଇକ୍ ପୋମ୍ପିଓ କହିଛନ୍ତି । ମାଇକ୍ ପୋମ୍ପିଓ ବୁଧବାର କହିଛନ୍ତି ଯେ ଭାରତୀୟ ବାୟୁସେନାର ଜଣେ ପାଇଲଟଙ୍କୁ ଏକ ପଡ଼ୋଶୀ ଦେଶ ନିଜ ଅକ୍ତିଆରକୁ ନେବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ଆରମ୍ଭ ହୋଇଥିଲା ।

ସେହି ଘଟଣାକୁ ମନେ ପକାଇ ସେ କହିଛନ୍ତି, ଏହି ସଂଘର୍ଷକୁ ନେଇ ବହୁତ ଚିନ୍ତା ଓ ବିପଦ ଥିଲା । ଏହା ବହୁତ ସ୍ପଷ୍ଟ ହୋଇଯାଇଥିଲା ଯେ ଗୋଟିଏ ପକ୍ଷ ପରମାଣୁ ଅସ୍ତ୍ର ବ୍ୟବହାର କରିବା ଦିଗରେ ଅଗ୍ରସର ହେଉଛି ଏବଂ ଉତ୍ତେଜନା ହ୍ରାସ କରିବା ପାଇଁ ଆମ ପାଖରେ ମାତ୍ର କିଛି ଘଣ୍ଟା ଥିଲା । ରାଇଜିଂ ଇଣ୍ଡିଆ ସମ୍ମିଳନୀ ୨୦୨୪ରେ ଯୋଗ ଦେଇ ସେ କହିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସଂଘର୍ଷ ସର୍ବଦା ବିପଦପୂର୍ଣ୍ଣ ରହିଆସିଛି । ଭୁଲ୍ ବୁଝାମଣାର ଆଶଙ୍କା ଅତ୍ୟନ୍ତ ବାସ୍ତବ, ଯାହାର ପରିଣାମ ଓ ଖରାପ ଘଟଣା ଖୁବ୍ ଶୀଘ୍ର ଘଟିବାର ଆଶଙ୍କା ଥାଏ ବୋଲି ସେ କହିଛନ୍ତି । କୌଣସି ଦେଶର ପରସ୍ପର ଉପରେ ଅଧିକ ବିଶ୍ୱାସ ନାହିଁ ବୋଲି ପମ୍ପିଓ କହିଛନ୍ତି ।

ପୁଟିନ୍‌ଙ୍କୁ ଅଭିନନ୍ଦନ ଜଣାଇଲେ ମୋଦୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ବୁଧବାର ଫୋନ୍ କରିଛନ୍ତି । ପୁଣି ଥରେ ପୁଟିନ୍ ରୁଷିଆର ରାଷ୍ଟ୍ରପତି ହୋଇଥିବାରୁ ମୋଦୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ରୁଷିଆର ଜନସାଧାରଣଙ୍କ ଶାନ୍ତି, ସମୃଦ୍ଧି ପାଇଁ ଶୁଭକାମନା ମଧ୍ୟ ଜଣାଇଛନ୍ତି । ଏସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀ ନିଜର ଅଧିକାରିକ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏକ୍ସରେ ସୂଚନା ପ୍ରଦାନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଏକ୍ସରେ କହିଛନ୍ତି, ଫୋନରେ ପୁଟିନ୍‌ଙ୍କ ସହିତ କଥାବାର୍ତ୍ତା ହୋଇଛନ୍ତି । ଭାରତ ଏବଂ ରୁଷିଆ ମଧ୍ୟରେ ବିଶେଷ ଏବଂ ବିଶେଷଅଧିକାର ପ୍ରାପ୍ତ ଦ୍ୱିପାକ୍ଷିକ ରଣନୀତିକ ସହଯୋଗ ଅଧିକ ସୁଦୃଢ ହେବା ସହିତ ବିଭିନ୍ନ କ୍ଷେତ୍ରରେ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ କରିବାକୁ ଆଲୋଚନାରେ ସହମତି ପ୍ରକାଶ ପାଇଛି । ଦ୍ୱିପାକ୍ଷିକ ସହଯୋଗର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବା ସହ ସହଯୋଗ ହୋଇଥିବା ପ୍ରଗତିର ସମୀକ୍ଷା ମଧ୍ୟ ହୋଇଥିବା ମୋଦୀ କହିଛନ୍ତ । ଏହା ସହିତ ଆଞ୍ଚଳିକ ତଥା ବିଭିନ୍ନ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମତାମତ ଆଦାନ ପ୍ରଦାନ ହୋଇଥିବା ମୋଦୀ ଏକ୍ସରେ ସୂଚନା ପ୍ରଦାନ କରିଛନ୍ତ । ଏହା ସହିତ ୟୁକେନ୍ ରୁଷିଆ ବିବାଦ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି ପ୍ରସଙ୍ଗରେ ରୁଷିଆ ସରକାର ଆଗକୁ ବଢିବା ନେଇ ଭାରତର କୂଟନେତିକ ସ୍ଥିତି ସମ୍ପର୍କରେ ମୋଦୀ ଦୋହରାଇଥିବା ପ୍ରକାଶ କରିଛନ୍ତି । ଉଭୟ ନେତା ବିଭିନ୍ନ ପ୍ରସଙ୍ଗରେ ପରସ୍ପର ଯୋଗାଯୋଗରେ ରହିବାକୁ ସହମତ ହୋଇଥିବା ଏକ୍ସରେ ପ୍ରଧାନମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି ।

ମୋଦୀଙ୍କ ଗ୍ୟାରେଣ୍ଟିକୁ ଖଡ଼ଗେଙ୍କ କଟାକ୍ଷ

ନୂଆଦିଲ୍ଲୀ: କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ କରି ଲଦାଖର ଲୋକଙ୍କ ପ୍ରତି ବିଶ୍ୱାସଘାତକତା କରିଥିବା ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ ସମ୍ବିଧାନର ଷଷ୍ଠ ଅନୁସୂଚୀ ଅନୁଯାୟୀ ଲଦାଖର

ଲୋକମାନଙ୍କ ସୁରକ୍ଷା ଦାବି କରିଛନ୍ତି । କିନ୍ତୁ ଅନ୍ୟାନ୍ୟ ଗ୍ୟାରେଣ୍ଟି ପରି ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବାରେ 'ମୋଦୀଙ୍କ ଗ୍ୟାରେଣ୍ଟି' ନକଲି ଏବଂ ଚାଇନା ଦ୍ରବ୍ୟ ଭଳି କହିଛନ୍ତି ଖଡ଼ଗେ । ସେ ଦାବି କରିଛନ୍ତି ଯେ ଚୀନ୍ ସେନା ଏବେ ମଧ୍ୟ ଆମ ଅଂଚଳକୁ ଦଖଲ କରିଛି । ବାସ୍ତବରେ, ଷଷ୍ଠ ସୂଚୀ ଅନୁଯାୟୀ ରାଜ୍ୟ ତଥା ସାମ୍ବିଧାନିକ ସୁରକ୍ଷା ଦାବିରେ ଲଦାଖ କେନ୍ଦ୍ରଶାସିତ ପ୍ରଦେଶରେ ବିରୋଧ ପ୍ରଦର୍ଶନ କରାଯାଉଛ । ୨୦୧୯ରେ ଜମ୍ମୁକଶ୍ମୀରରୁ ଧାରା ୩୭୦ ହଟାଯିବା ପରେ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିଲା, ସେଥିମଧ୍ୟରୁ ଗୋଟିଏ ଜମ୍ମୁ କଶ୍ମୀର ଏବଂ ଅନ୍ୟଟି ଲଦାଖ । ତେବେ ବର୍ତ୍ତମାନ ଏହାକୁ ରାଜ୍ୟରେ ପରିଣତ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଏହାକୁ ନେଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ମୋଦୀ ସରକାରଙ୍କୁ ଟାର୍ଗେଟ କରିଛନ୍ତିଛ ସେ କହିଛନ୍ତି, ଲଦାଖରେ, ସମ୍ବିଧାନର ଷଷ୍ଠ ସୂଚୀ ଅନୁଯାୟୀ ଆଦିବାସୀ ସମ୍ପ୍ରଦାୟର ସୁରକ୍ଷା ପାଇଁ ଦାବି ରହିଛି । ଏହା ଜନସାଧାରଣ ସମର୍ଥନ କରୁଛନ୍ତି । କିନ୍ତୁ ଅନ୍ୟ ସମସ୍ତ ଗ୍ୟାରେଣ୍ଟି ପରି ଲଦାଖର ଲୋକଙ୍କ ପାଇଁ ସାମ୍ବିଧାନିକ ଅଧିକାର ସୁନିଶ୍ଚିତ କରିବାର ଆବଶ୍ୟକତା ମୋଦୀ ଗ୍ୟାରେଣ୍ଟି ଦେଇଥିଲେ ଯାହାକି ବଡ ବିଶ୍ୱାସଘାତକତା ସଦୃଶ ହୋଇଛି ।

ଫିନଲାଣ୍ଡ ବିଶ୍ୱର ସବୁଠୁ ଖୁସି ଦେଶ

ତାଲିକାର ୧୨୬ତମ ସ୍ଥାନରେ ଭାରତ

ଜାତିସଂଘ: ଖୁସିରେ ରହିଲେ ଜଣେ ବ୍ୟକ୍ତିଙ୍କୁ ଔଷଧ ଲୋଡା ନାହିଁ । ସ୍ୱାସ୍ଥ୍ୟ ପାଇଁ ଖାଦ୍ୟ ଯେତିକି ଆବଶ୍ୟକ ସେତିକି ଦରକାର ଖୁସି । ତେଣୁ ଜୀବନରେ ହର୍ଷ-ଉଲ୍ଲାସକୁ ପ୍ରାଧାନ୍ୟ ଦେବାକୁ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ୨୦ ମାର୍ଚ୍ଚକୁ ସମଗ୍ର ବିଶ୍ୱରେ ହାପିନେସ୍ ବା ଖୁସି ଦିବସ ପାଳନ କରାଯାଏ । ୨୦୧୩ରେ ହାପିନେସ୍ ଦିବସ ପାଳନ ଆରମ୍ଭ ହୋଇଥିଲା । ୨୦୧୧ରେ ଜାତିସଂଘର ପରାମର୍ଶଦାତା ଜେମ୍ ଇଲିଆନ୍ ମିଳିତ ଜାତିସଂଘ ସାଧାରଣ ସଭାରେ ପ୍ରଥମେ ହାପିନେସ୍ ଦିବସ ପାଳନ କରିବାକୁ ପ୍ରସ୍ତାବ

ଦେଇଥିଲେ । ଏହା ପରେ, ୨୦୧୨ରେ ଜାତିସଂଘରେ ଖୁସି ରହିବା ଉପରେ ପ୍ରଥମ ସାଧାରଣ ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ସମ୍ମିଳନୀରେ ୨୦ ମାର୍ଚ୍ଚରେ ଅନ୍ତର୍ଜାତୀୟ ଖୁସି ଦିବସ ପାଳନ କରିବାକୁ ଏକ ପ୍ରସ୍ତାବ ପାରିତ ହୋଇଥିଲା ଏବଂ ଏହାର ପର ବର୍ଷଠାରୁ ସମଗ୍ର ବିଶ୍ୱରେ ଖୁସି ଦିବସ ପାଳନ କରାଯାଉଛି । ପ୍ରତିବର୍ଷ ଏହି ଦିନ ଜାତିସଂଘ ଏହାର ହାପିନେସ୍ ଇଣ୍ଡେକ୍ସ ତାଲିକା ପ୍ରକାଶ କରିଥାଏ । ଏହି ଦିନ ମାଧ୍ୟମରେ ଲୋକଙ୍କ ମାନସିକ ସ୍ୱାସ୍ଥ୍ୟ ଏବଂ ସୁଖକୁ ପ୍ରାଧାନ୍ୟ ଦେବା ଉପରେ ଗୁରୁତ୍ୱ ଦିଆଯାଏ । ପ୍ରତିବର୍ଷ ମାର୍ଚ୍ଚ ୨୦ରେ ଜାତିସଂଘ ଖୁସି ଦିବସରେ ଏହାର ସଦସ୍ୟ ଦେଶମାନଙ୍କ ହାପିନେସ୍ ରିପୋର୍ଟ ପ୍ରକାଶ କରିଥାଏ । ଏହି ତାଲିକାରେ ୧୪୬ଟି ଦେଶ ଅନ୍ତର୍ଭୁକ୍ତ । ରିପୋର୍ଟ ଅନୁସାରେ, ବିଶ୍ୱର ସବୁଠୁ ଖୁସି ଦେଶ ତାଲିକାର ପ୍ରଥମରେ ଫିନଲାଣ୍ଡ ଥିବାବେଳେ ଭାରତ ୧୨୬ତମ ସ୍ଥାନରେ ରହିଛି । ଫିନଲାଣ୍ଡ ଲଗାତାର ସପ୍ତମ ସ୍ଥାନରେ ରହି ରେକର୍ଡ ସୃଷ୍ଟି କରିଛି ।

ପୁଣି ବଦଳିଲା ନିଟ୍-ପିଜି ପରୀକ୍ଷା ତାରିଖ

ନୂଆଦିଲ୍ଲୀ : ନିଟ୍ ପିଜି ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଖବର ଆସିଛି । ନ୍ୟାସନାଲ ମେଡିକାଲ କମିଶନ (ଏନଏମସି) ପୁଣି ଥରେ ନ୍ୟାସନାଲ ଏଲିଜିବିଲିଟି-ଏଣ୍ଟ୍ରାନ୍ସ ଟେଷ୍ଟ- ପୋଷ୍ଟ ଗ୍ରାଜୁଏଟ୍ (ନିଟ୍ ପିଜି)ରେ ପରିବର୍ତ୍ତନ କରିଛି । ଏନେଇ ଅଫିସିଆଲ୍ ୱେବସାଇଟରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଜାରି ବିଜ୍ଞପ୍ତି ଅନୁଯାୟୀ, ନିଟ୍ ପିଜି ପରୀକ୍ଷାକୁ ଜୁନ୍ ୨୩ ରେ ହେବ ଛ ତେବେ ଇଣ୍ଟର୍ନସିପ୍ କଟ୍ ଅଫ୍ ତାରିଖ ବିଷୟରେ କହିବାକୁ ଗଲେ ଏହା ସମାନ, ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ । ଏନଏମସି ପକ୍ଷରୁ ଜାରି କରାଯାଇଥିବା ପବ୍ଲିକ ବିଜ୍ଞପ୍ତି ଅନୁଯାୟୀ, ନିଟ୍ ପିଜି ୨୦୨୪ ର ଫଳ ଜୁଲାଇ ୧୫ରେ ପ୍ରକାଶ ପାଇବ ।

ସେହିପରି କାଉନସେଲିଂ ପ୍ରକ୍ରିୟା ଅଗଷ୍ଟ ୫ରୁ ଆରମ୍ଭ ହୋଇ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଚାଲିବ । ସେପ୍ଟେମ୍ବର ୧୬ରୁ ଶିକ୍ଷାବର୍ଷ ଆରମ୍ଭ ହେବଛ ପୋଷ୍ଟ ଗ୍ରାଜୁଏଟ୍ ମେଡିକାଲ ଏଜୁକେସନ ବୋର୍ଡ (ପିଜିଏମବି), ନ୍ୟାସନାଲ ମେଡିକାଲ କମିଶନ, ମେଡିକାଲ ଆଡଭାଇଜରୀ କମିଟି, ସ୍ୱାସ୍ଥ୍ୟ ବିଜ୍ଞାନ ନିର୍ଦ୍ଦେଶାଳୟ ଏବଂ ନ୍ୟାସନାଲ ବୋର୍ଡ ଅଫ ଏକ୍‌ଜାମିନେସନ ଫର ମେଡିକାଲ ସାଇନ୍ସ ମଧ୍ୟରେ ହୋଇଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ନିଟ୍ ପିଜି ୨୦୨୪ ପରୀକ୍ଷା ମାର୍ଚ୍ଚ ୩ତାରିଖରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଥିଲା । ପରେ ଏହାକୁ ଜୁଲାଇ ୭ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା । ଏବେ ଦ୍ୱିତୀୟ ଥର ପାଇଁ ନିଟ୍ ପିଜି ପରୀକ୍ଷା ତାରିଖ ସଂଶୋଧନ କରାଯାଇଛି ।

ପିଲିଭିଟ୍‌ରୁ ଲଢ଼ିବେ ବରୁଣ ?

ନୂଆଦିଲ୍ଲୀ: ଭାରତୀୟ ଜନତା ପାର୍ଟି ଏବଂ ସମାଜବାଦୀ ପାର୍ଟି ଏପର୍ଯ୍ୟନ୍ତ ଉତ୍ତରପ୍ରଦେଶର ପିଲିଭିଟ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନାହାଁନ୍ତି । ବିଜେପି ବରୁଣ ଗାନ୍ଧୀଙ୍କୁ ପ୍ରାର୍ଥୀ କରିବ ନା ନାହିଁ ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ସେପଟେ ସେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ନାମାଙ୍କନପତ୍ର କିଣିଛନ୍ତି । ଆଉ ଏଭଳି ପରିସ୍ଥିତିରେ ଏହି କଥା ସ୍ପଷ୍ଟ ହୋଇଯାଇଛି ଯେ ବିଜେପି ଟିକେଟ୍ ଦେଉ କି ନଦେଉ ବରୁଣ ଗାନ୍ଧୀ ପିଲିଭିଟରୁ ନିର୍ବାଚନ ଲଢ଼ିବେ ।

ବୁଧବାର ନାମାଙ୍କନପତ୍ରର ପ୍ରଥମ ଦିନରେ ବରୁଣ ଗାନ୍ଧୀଙ୍କ ବ୍ୟକ୍ତିଗତ ସଚିବ ପିଲିଭିଟ ଲୋକସଭା ଆସନ ପାଇଁ ଚାରି ସେଟରେ ନାମାଙ୍କନପତ୍ର କ୍ରୟ କରିଛନ୍ତି । ବରୁଣ ଗାନ୍ଧୀଙ୍କ ପ୍ରତିନିଧୀ କମଲକାନ୍ତ, ଦୀପକ ପାଣ୍ଡେ ଏବଂ ଆଡଭୋକେଟ ଏମ.ଆର ମଲିକ ନାମାଙ୍କନପତ୍ର କିଣିବାବେଳେ ବରୁଣ ଗାନ୍ଧୀଙ୍କ ନାମରେ ଫର୍ମ କିଣାଯାଇଛି । ଏହା ପରେ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି ଯେ ବରୁଣ ପିଲିଭିଟ ଲୋକସଭା ଆସନରୁ ନିର୍ବାଚନ ଲଢ଼ିବେ । ଏବେ ପ୍ରଶ୍ନ ଉଠିଛି ଯେ ଯଦି ବିଜେପି ବରୁଣ ଗାନ୍ଧୀଙ୍କୁ ଟିକେଟ୍ ନ ଦେବ, ତେବେ ସେ ସ୍ୱାଧୀନ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନା ସମାଜବାଦୀ ପାର୍ଟି ଆଡକୁ ଯିବେ ତାହା ସ୍ପଷ୍ଟ ହୋଇନାହିଁ । ଉଲ୍ଲେଖ ଥାଉ କି ଚର୍ଚ୍ଚା ମୁତାବକ ଅନେକ ସମୟରେ ବିବାଦୀୟ ବୟାନ ସହ ବିଜେପିକୁ ସମାଲୋଚନା କରୁଥିବାରୁ ବରୁଣଙ୍କ ଉପରେ କେନ୍ଦ୍ରୀୟ ନେତୃତ୍ୱ ଖପ୍ପା ଅଛନ୍ତି ଆଉ ବରୁଣଙ୍କୁ ଟିକେଟ ନ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଚର୍ଚ୍ଚା ଜୋର ଧରିଛି ।

ବାରମ୍ବାର ଚାର୍ଜସିଟ ଦାଖଲ ବିରୋଧରେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ବାରମ୍ବାର ଚାର୍ଜସିଟ ଦାଖଲ କରି ଜଣେ ଅଭିଯୁକ୍ତଙ୍କୁ ଜାମିନ ଅଧିକାରରୁ ବଞ୍ଚିତ କରିପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ବାରମ୍ବାର ସପ୍ଲିମେଣ୍ଟାରୀ ଚାର୍ଜସିଟ ଦାଖଲ କରି ଜଣେ ଅଭିଯୁକ୍ତଙ୍କୁ ଅନିର୍ଦ୍ଦିଷ୍ଟ ସମୟ ଯାଏ ଜେଲରେ ରଖାଯାଇ ପାରିବ ନାହିଁ । କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିର ଆଭିମୁଖ୍ୟ ସୁପ୍ରିମକୋର୍ଟଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି ବୋଲି ଜଷ୍ଟିସ ସଞ୍ଜୀବନ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କହିଛନ୍ତି । ଜଷ୍ଟିସ ଖାନ୍ନା ଇଡି ପାଇଁ ଓକିଲାତି କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍‌ଭି ରାଜୁଙ୍କୁ କହିଛନ୍ତି, ଜାମିନ ପାଇବାର ପୂରା ପ୍ରସଙ୍ଗ ହେଲା ଆପଣ ତଦନ୍ତ ନ ସରିବା ଯାଏ ଜଣେ ଅଭିଯୁକ୍ତଙ୍କୁ ଗିରଫ କରନ୍ତୁ ନାହିଁ । ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଆପଣ କହିପାରିବେ ନାହିଁ ଯେ ତଦନ୍ତ ଶେଷ ନ ହେବା ଯାଏ ଶୁଣାଣି ଆରମ୍ଭ ହେବନି । ଆପଣ ବାରମ୍ବାର ଏମିତି ଅତିରିକ୍ତ ଚାର୍ଜ

ରନରେ କୋହଲି, ବିଜୟରେ ଧୋନୀ

ନୂଆଦିଲ୍ଲୀ, ୨୦।୩ (ଏଜେନ୍ସି) : ଆଉ ଗୋଟିଏ ଦିନର ପ୍ରତୀକ୍ଷା ପରେ ଆଇପିଏଲ୍ ୧୭ତମ ସଂସ୍କରଣର ବିଗୁଲ ବାଜିବ । ଅଧିନାୟକ ଭାବେ ବିରାଟ କୋହଲି ଓ ମହେନ୍ଦ୍ର ସିଂହଙ୍କ ଧୋନୀଙ୍କ ପ୍ରଦର୍ଶନ ପ୍ରଶଂସନୀୟ ରହିଛି । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଅଧିନାୟକ ଭାବେ କୋହଲି ସର୍ବାଧିକ ରନ ସଂଗ୍ରହ କରିଥିବାବେଳେ ଧୋନୀଙ୍କ ନେତୃତ୍ୱରେ ଚେନ୍ନାଇ ସୁପର କିଙ୍ଗ୍ସ ଅଧିକ ମ୍ୟାଚ୍ ଜିତିବାର ଗୌରବ ଅର୍ଜନ କରିଛି । କୋହଲି ୧୪୩ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେଇଥିବାବେଳେ ୪୧.୯୭ ହାରରେ ୪୯୯୪ ରନ ସଂଗ୍ରହ କରିଛନ୍ତି । ସେ ୫ଟି ଶତକ ଓ ୩୭ଟି ଅର୍ଦ୍ଧଶତକ ମାରିଛନ୍ତି । ଧୋନୀ ଅଛନ୍ତି ଦ୍ୱିତୀୟରେ । ସେ ୨୨୬ ମ୍ୟାଚ୍ ଖେଳି ୪୬୬୦ ରନ କରିଛନ୍ତି । ଏଥିରେ ୨୨ଟି ଅର୍ଦ୍ଧଶତକ ରହିଛି । ରୋହିତ ଶର୍ମା ୧୫୮ଟି ମ୍ୟାଚ୍‌ରେ ମୁମ୍ବାଇର ନେତୃତ୍ୱ ନେଇ ୩୯୮୬ ରନ ସଂଗ୍ରହ କରିଛନ୍ତି । ଏଥିରେ ୨୬ଟି ଅର୍ଦ୍ଧଶତକ ରହିଛି ।

ଅଧିନାୟକ ଭାବେ ସର୍ବାଧିକ ମ୍ୟାଚରେ ବିଜୟ ହାସଲ କରିବାର ରେକର୍ଡ଼ ଧୋନୀ କରିଛନ୍ତି । ଚେନ୍ନାଇ ଓ ରାଇଜିଂ ପୁନେ ସୁପର ଜ୍ୟାଣ୍ଟସ୍ ପକ୍ଷରୁ ଧୋନୀ ୨୨୬ଟି ମ୍ୟାଚ୍‌ରେ ଅଧିନାୟକ ହୋଇଥିବାବେଳେ ୧୩୩ଟିରେ ଦଳ ବିଜୟୀ ହୋଇଛି । ରୋହିତ ୧୫୮ ମ୍ୟାଚ୍‌ରେ ଅଧିନାୟକ ଦାୟିତ୍ୱ ତୁଲାଇ ୮୯ଟିରେ ବିଜୟ ହାସଲ କରି ଧୋନୀଙ୍କ ପଛକୁ ଦ୍ୱିତୀୟରେ ରହିଛନ୍ତି । କୋହଲି ୧୪୩ ମ୍ୟାଚ୍‌ରୁ ୬୬ଟିରେ ଆର୍‌ସିବିକୁ ବିଜୟୀ କରିବାକୁ ସକ୍ଷମ ହୋଇଛନ୍ତି । ତେବେ ୨୦୧୩ ପରଠାରୁ ରୋହିତ ୮୯ ମ୍ୟାଚ୍ ଓ ଧୋନୀ ୮୭ ମ୍ୟାଚରେ ଦଳକୁ ଜିତାଇଛନ୍ତି ।

ପନ୍ତ ରହିବେ କ୍ୟାପିଟାଲ୍ସ ଅଧିନାୟକ

ନୂଆଦିଲ୍ଲୀ, ୨୦।୩ (ଏଜେନ୍ସି) : ଋଷଭ ପନ୍ତ ଚଳିତ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ରହିବେ । ଏନେଇ ଫ୍ରାଞ୍ଚାଇଜ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା ହୋଇଛି । ୧୪ ମାସ ପରେ କ୍ରିକେଟକୁ ଫେରିବାକୁ ଯାଉଛନ୍ତି ପନ୍ତ । ଅଧୁନା ବିଶାଖାପଟନମରେ ଚାଲିଥିବା ଦଳର ଅଭ୍ୟାସ ଶିବିରରେ ସାଥୀ ଖେଳାଳିଙ୍କ ସହ ପନ୍ତ ପ୍ରସ୍ତୁତ ହେଉଛନ୍ତି । ଦିଲ୍ଲୀ କ୍ୟାପିଟାଲ୍ସ ଚେୟାରମ୍ୟାନ୍ ପାର୍ଥ ଜିନ୍ଦଲ କହିଛନ୍ତି, ଆମେ ପନ୍ତଙ୍କୁ ସ୍ୱାଗତ କରୁଛୁ । ସେ ଆମ ଦଳର ଅଧିନାୟକ । ତାଙ୍କ ଉପସ୍ଥିତି ନିଶ୍ଚିତଭାବେ ଦଳ ପାଇଁ ଶୁଭଙ୍କର ହେବ । ଗତବର୍ଷ ଡିସେମ୍ବରରେ ପନ୍ତଙ୍କ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଗୋଡ଼ରେ ଅସ୍ତ୍ରୋପଚାର ହୋଇଥିଲା । ଏନ୍‌ସିଏରେ ନିଜକୁ ଫିଟ୍ କରି ପୁଣି କ୍ରିକେଟ ମଇଦାନକୁ ସେ ଫେରିବାକୁ ଯାଉଛନ୍ତି । ଆଗାମୀ ୨୩ ତାରିଖରେ ପଞ୍ଜାବ କିଙ୍ଗସ୍ ଓ ଦିଲ୍ଲୀ ମଧ୍ୟରେ ମ୍ୟାଚ୍ ଖେଳାଯିବ । ସେ ଦଳର ନେତୃତ୍ୱ ନେବେ ।

ରାଷ୍ଟ୍ରପତିଙ୍କୁ ଭେଟିଲେ ଅଶୋକ କୁମାର : ଧ୍ୟାନଚାନ୍ଦଙ୍କୁ ମିଳୁ ଭାରତରତ୍ନ

ଭୁବନେଶ୍ୱର, ୨୦।୩ (ସବ୍ୟୁ) : ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କୁ ମିଳୁ ଭାରତରତ୍ନ । ଏଭଳି ବହୁବାର ଦାବି ହୋଇଆସିଛି । କିନ୍ତୁ କେନ୍ଦ୍ରରେ ଶାସନ କରୁଥିବା କୌଣସି ସରକାର ଧ୍ୟାନଚାନ୍ଦଙ୍କୁ ଭାରତରତ୍ନ ପ୍ରଦାନ କରିବା ଦିଗରେ ଆନ୍ତରିକତା ଦେଖାଇ ନାହାନ୍ତି । ଅଲିମ୍ପିକ୍ସରେ ଭାରତକୁ ତିନିଥର ସ୍ୱର୍ଣ୍ଣମ ସଫଳତା ଆଣିଦେଇଥିବା ମେଜର ଧ୍ୟାନଚାନ୍ଦଙ୍କ ସୁପୁତ୍ର ଅଶୋକ କୁମାର ବୁଧବାର ନୂଆଦିଲ୍ଲୀରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଧ୍ୟାନଚାନ୍ଦଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ କରିବାକୁ ନିବେଦନ (ଦାବି) କରିଛନ୍ତି । ଅଶୋକ କୁମାରଙ୍କ ସହ ଡ. ପ୍ରଦୀପ ରଘୁବଂଶୀ ରାଷ୍ଟ୍ରପତି ଭବନରେ ମହାମହିମଙ୍କୁ ସାକ୍ଷାତ କରି ଧ୍ୟାନଚାନ୍ଦଙ୍କୁ ଭାରତରତ୍ନ ପ୍ରଦାନ କରାଯିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।

ତିନିଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ମେଜର ଧ୍ୟାନଚାନ୍ଦଙ୍କୁ ଭାରତରତ୍ନ ଦିଆଯିବା ସପକ୍ଷରେ ବହୁବାର ଦାବି ହୋଇଛି । ପୁଅ ଅଶୋକ କୁମାରଙ୍କ ସହ ବହୁ କ୍ରୀଡ଼ା ଅନୁଷ୍ଠାନ ତଥା ହକି ପ୍ରେମୀ ବାରମ୍ବାର ସ୍ୱର ଉତ୍ତୋଳନ କରିଛନ୍ତି । କିନ୍ତୁ ଧ୍ୟାନଚାନ୍ଦଙ୍କୁ ଏହି ସମ୍ମାନ ଏଯାଏ ମିଳିପାରି ନାହିଁ । ୨୦୧୧-୧୨ରେ ଦାବି ଚରମସୀମାରେ ଥିଲା । ଏପରିକି ଓଡ଼ିଶାରୁ ଦିଲୀପ ତିର୍କୀଙ୍କ ନେତୃତ୍ୱରେ ଏକ ଦଳ ଧ୍ୟାନଚାନ୍ଦଙ୍କୁ ଭାରତରତ୍ନ ଦିଆଯାଉ ବୋଲି ଏକ ପତ୍ର ଭାରତ ସରକାର ତଥା ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ । କିନ୍ତୁ ଏହାର କୌଣସି ସୁଫଳ ମିଳି ନଥିଲା । ସେସମୟରେ କେନ୍ଦ୍ରରେ କଂଗ୍ରେସ ସରକାର ଥିଲା । କ୍ରିକେଟରୁ ଅବସର ନେବାକୁ ଘୋଷଣା କରିସାରିଥିବା ସଚିନ ତେନ୍ଦୁଲକରଙ୍କୁ ଶେଷରେ ଭାରତରତ୍ନ ଦେବାପାଇଁ ଉପା ସରକାର ନିଷ୍ପତ୍ତି ନେଇଥିଲା । ତେଣୁ ଓ୍ୱାଙ୍ଖଡେରେ ଶେଷ ମ୍ୟାଚ୍ ଖେଳିଥିବା ସଚିନଙ୍କୁ ମ୍ୟାଚର ଶେଷ ଦିନ ହିଁ ଭାରତରତ୍ନ ପ୍ରଦାନ କରାଯିବା ନେଇ ବଡ଼ ଘୋଷଣା ହୋଇଥିଲା । ଏହାପରେ ମଧ୍ୟ ଧ୍ୟାନଚାନ୍ଦଙ୍କୁ ଭାରତରତ୍ନ ଦିଆଯିବ ବୋଲି ଦାବି ହୋଇଆସୁଛି । ଅନେକ ରାଜନେତା, ବିଶିଷ୍ଟ ବ୍ୟକ୍ତି ଭାରତରତ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି । କିନ୍ତୁ ଧ୍ୟାନଚାନ୍ଦ ଏବେବି ଅବହେଳିତ ଅଛନ୍ତି । ସ୍ୱାଧୀନତା ପୂର୍ବବର୍ତ୍ତୀ ଭାରତୀୟ ହକି ଦଳରେ ଧ୍ୟାନଚାନ୍ଦଙ୍କ ସ୍ଥାନ ଥିଲା ସ୍ୱତନ୍ତ୍ର । ୧୯୨୮, ୧୯୩୨ ଓ ୧୯୩୬ କ୍ରମାଗତ ତିନିଟି ଅଲିମ୍ପିକ୍ସରେ ଧ୍ୟାନଚାନ୍ଦଙ୍କ ଉଚ୍ଚକୋଟିର ପ୍ରଦର୍ଶନ ଭାରତ ପାଇଁ ସ୍ୱର୍ଣ୍ଣମ ସଫଳତା ଆଣିଦେଇଥିଲା ।

ଏପରିକି ୧୯୩୬ ବର୍ଲିନ୍ ଅଲିମ୍ପିକ୍ସ ବେଳେ ଧ୍ୟାନଚାନ୍ଦଙ୍କ ପ୍ରଦର୍ଶନ ଏତେ ଶାଣିତ ଥିଲା ଯେ, ଜର୍ମାନୀର ଏକଛତ୍ରବାଦୀ ଶାସକ ଆଡ୍‌ଲଫ୍ ହିଟଲର ତାଙ୍କ ପ୍ରଦର୍ଶନରେ ପ୍ରଭାବିତ ଓ ଭୟଭୀତ ହୋଇଥିଲେ । ଥରେ ତାଙ୍କ ନିକଟକୁ ବଲ ଆସିଲେ, ତାଙ୍କଠାରୁ ବଲ ଛଡ଼ାଇ ଆଣିବା ପ୍ରତିପକ୍ଷ ଦଳର ଖେଳାଳିଙ୍କ ପାଇଁ ଅସମ୍ଭବ ଭଳି ଥିଲା । ଏପରିକି ତାଙ୍କ ହକି ଷ୍ଟିକ୍‌ରେ ଅଠା ଲାଗିଥିବା ସନ୍ଦେହ କରି ଏକାଧିକବାର ମ୍ୟାଚ୍ ସମୟରେ ଷ୍ଟିକ୍ ପରିବର୍ତ୍ତନ କରାଯାଇଥିଲା । ତଥାପି ଧ୍ୟାନଚାନ୍ଦଙ୍କ ଯାଦୁ ଥମି ନଥିଲା । ଏହି ସଂସ୍କରଣରେ ଭାରତ ସ୍ୱର୍ଣ୍ଣମ ସଫଳତା ହାସଲ କରିଥିଲା । ତେଣୁ ହିଟ୍‌ଲର ଧ୍ୟାନଚାନ୍ଦଙ୍କୁ ଜର୍ମାନୀ ସେନାରେ ଯୋଗଦେବା ପାଇଁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ଏଭଳି ଅଫରକୁ ଗ୍ରହଣ କରି ନଥିଲେ ଧ୍ୟାନଚାନ୍ଦ । ହକିର ଯାଦୁକର ଭାବେ ଜଣାଶୁଣା ଧ୍ୟାନଚାନ୍ଦ ଭାରତୀୟ ହକିର ମାର୍ଗ ଦର୍ଶକ । ସେ ପକାଇ ଆସିଥିବା ମୂଳଦୁଆ ଦୀର୍ଘ ସମୟ ଧରି ଭାରତୀୟ ହକିର ସ୍ୱର୍ଣ୍ଣମ ଅଧ୍ୟାୟକୁ ଆଗକୁ ବଢ଼ାଇ ଆଣିଥିଲା । ଏଭଳି ଜଣେ ମହାମାନବଙ୍କୁ କାହିଁକି ଭାରତରତ୍ନ ଦେବାକୁ ସରକାର କୁଣ୍ଠାବୋଧ କରୁଛନ୍ତି, ସେନେଇ କ୍ରୀଡ଼ାପ୍ରେମୀଙ୍କ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ପୁଅ ଅଶୋକ କୁମାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବା ପରେ ଭାରତରତ୍ନ ମିଳିବା ସମ୍ଭାବନା ପୁଣି ଜାଗ୍ରତ ହୋଇଛି ।

୨୩ରୁ ନଟ୍ ୟେଟ୍ ପ୍ରିମିୟର ଲିଗ୍

ଭୁବନେଶ୍ୱର, ୨୦।୩ (ସବ୍ୟୁ) : ନଟ୍ ୟେଟ୍ ଫୁଟବଲ କ୍ଲବ ଆନୁକୂଲ୍ୟରେ ନଟ୍ ୟେଟ୍ ପ୍ରିମିୟର ଲିଗ୍ ପ୍ରଥମ ସଂସ୍କରଣ ଆଗାମୀ ୨୩ ତାରିଖରୁ ରସୁଲଗଡ଼ସ୍ଥିତ ମନୋରମା ଇଷ୍ଟେଟ୍ ଜେଏଲ୍‌ବି ଆରେନାରେ ଆରମ୍ଭ ହେବାକୁ ଯାଉଛି । ୨୩ ଓ ୨୪ ତାରିଖ ଦୁଇଦିନ ଧରି ଖେଳାଯିବାକୁ ଥିବା ପ୍ରିମିୟର ଲିଗ୍ ଫୁଟବଲରେ ମୋଟ ୧୦ଟି ଦଳ ଅଂଶ ଗ୍ରହଣ କରିବେ । ୧୨୦ ଜଣ ଖେଳାଳିଙ୍କୁ ୧୦ଟି ଫ୍ରାଞ୍ଚାଇଜ ନିଜ ନିଜ ଦଳରେ ସାମିଲ କରିଛନ୍ତି ।

ନଟ୍ ୟେଟ୍ ପ୍ରିମିୟର ଲିଗ୍‌କୁ ସଫଳ ତଥା ଲୋକପ୍ରିୟ କରିବା ପାଇଁ ଆୟୋଜକ ୬ଫୁଟ୍ ଉଚ୍ଚର ଚାମ୍ପିଅନ୍ସ ଟ୍ରଫି, ୫ ଫୁଟ ଉଚ୍ଚର ରନର୍ସଅପ୍ ଟ୍ରଫି ପ୍ରଦାନ କରିବେ । ପ୍ରତିଯୋଗିତାରେ ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ, ମ୍ୟାନ୍ ଅଫ୍ ଦି ମ୍ୟାଚ୍, ଶ୍ରେଷ୍ଠ ଷ୍ଟ୍ରାଇକର, ଶ୍ରେଷ୍ଠ ମିଡ୍ ଫିଲଡର, ଶ୍ରେଷ୍ଠ ଡିଫେଣ୍ଡର, ଶ୍ରେଷ୍ଠ ଗୋଲକିପର, ପ୍ରତିଯୋଗିତାର ଶ୍ରେଷ୍ଠ ଉଦୀୟମାନ ଖେଳାଳି ସାର୍ଟିଫିକେଟ ଓ ମେଡାଲ ଆଦି ପ୍ରଦାନ କରାଯିବ । ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଦଳଗୁଡ଼ିକ ହେଲେ ସୁପର ସୋନିକ୍ସ, ନାଇଟହକ୍ସ, ଓରିଏଣ୍ଟାଲ୍ସ, ଥ୍ରୋନ୍ସ, ୟଙ୍ଗ ଗନ୍ସ, ଏମ୍ପରର୍ସ, ଟସ୍କର୍ସ, ଫାଲକନ୍ସ, କସମିକ୍ସ ଓ ପ୍ରେଡିୟେଟର । ୨୦୧୭ରେ ନଟ୍ ୟେଟ୍ ଫୁଟବଲ କ୍ଲବ ଆରମ୍ଭ ହୋଇଥିଲା । ପ୍ରଥମ ଥର ପାଇଁ ଦଳ କିଟ୍ ଫୁଟ୍‌ସାଲ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଚାମ୍ପିଅନ ହୋଇଥିଲା । ଏହାପରଠୁ କ୍ଲବ୍‌ର ପ୍ରଦର୍ଶନ ଉଚ୍ଚସ୍ତରୀୟ ରହିଛି ।

ଆଇପିଏଲ୍ ଉଦ୍‌ଘାଟନୀରେ ଅକ୍ଷୟ, ଟାଇଗର

ମୁମ୍ବାଇ, ୨୦।୩ (ଏଜେନ୍ସି) : ବଢ଼ିବାରେ ଲାଗିଛି ଆଇପିଏଲ୍ ଫିଭର । ମାର୍ଚ୍ଚ ୨୨ରୁ ଲୋକପ୍ରିୟ ଆଇପିଏଲ ୧୭ତମ ସଂସ୍କରଣ ବିଗୁଲ ବାଜିବ । ଏହାର ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବରେ ବଲିଉଡ୍ ତାରକାଙ୍କ ଜଲ୍‌ୱା ଦେଖିବାକୁ ମିଳିବ । ବଲିଉଡ୍‌ର ନାମୀଦାମୀ କଳାକାର ଉଦ୍‌ଘାଟନୀ ଉତ୍ସବର ଶୋଭା ବର୍ଦ୍ଧନ କରିବେ । ଏଆର ରେହେମାନଙ୍କ ଗୀତରେ ଦର୍ଶକ ଝୁଲିବେ । ବଲିଉଡ୍‌ର ମହାନ ଗାୟକ ତଥା ମେଲୋଡ଼ି କିଙ୍ଗ୍ ସୋନୁ ନିଗମ ମଧ୍ୟ ସୁମଧୁର ସଂଗୀତରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବେ । ଏହାପରେ ଅକ୍ଷୟ କୁମାର ଓ ଟାଇଗର ସ୍ରଫଙ୍କ ଡ୍ୟାନ୍ସ ଦେଖିବାକୁ ମିଳିବ । ମହିଳା ପ୍ରିମିୟର ଲିଗ୍‌ରେ ମଧ୍ୟ ଟାଇଗରଙ୍କ ନାଚ ବେଶ ଚର୍ଚ୍ଚା ସାଉଁଟିଥିଲା । ଆଇପିଏଲ୍‌ର ଉଦଘାଟନୀ ଉତ୍ସବ ସର୍ବଦା ମନମତାଣିଆ ହୋଇଥାଏ । ଏଥର ମଧ୍ୟ ଦର୍ଶକ ତଥା ପ୍ରଶଂସକ ଉଦ୍‌ଘାଟନୀ ଉତ୍ସବକୁ ପ୍ରତୀକ୍ଷା କରିରହିଛନ୍ତି ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଜାତୀୟ ର୍ୟାଙ୍କିଙ୍ଗ୍

କିଟ୍ ଛାତ୍ରୀ ମାଗନ୍ତୀଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୦।୩ (ସବ୍ୟୁ) : ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଜାତୀୟ ର୍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ ହିମାଚଳପ୍ରଦେଶର ରେନବୋ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଖେଳାଯାଉଛି । ଏହି ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ମାଗନ୍ତୀ କୀର୍ତ୍ତି ମହିଳା ୭୬ କିଗ୍ରା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । କୀର୍ତ୍ତି ପଦକ ପର୍ଯ୍ୟାୟରେ ୧୭୧ କିଗ୍ରା ଭାର ଉଠାଇଥିଲେ । ସ୍ନାଚ୍‌ରେ ୭୬ କିଗ୍ରା ତଥା କ୍ଲିନ୍ ଓ ଜର୍କରେ ୯୫ କିଗ୍ରା ଉଠାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ମାଗନ୍ତୀ କୀର୍ତ୍ତି କିଟ୍ ବିଶ୍ୱବିଦ୍ୟାଳୟରେ କ୍ରୀଡ଼ା କୋଟାରେ ଅଧ୍ୟୟନ କରୁଛନ୍ତି । ସେ ଏବେ ବାଣିଜ୍ୟ ଦ୍ୱିତୀୟ ବର୍ଷ ଛାତ୍ରୀ । ଏହି ସଫଳତା ପରେ କୀର୍ତ୍ତି ପ୍ରଫେସର ଅଚ୍ୟୁତ ସାମନ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି ।

କାଇପଦର ପ୍ରିମିୟର ଲିଗ୍ : ମା' ମଙ୍ଗଳା, ପାଇକ ଫାଇଟର୍ସ ବିଜୟୀ

ଖୋର୍ଦ୍ଧା, ୨୦।୩ (ସବ୍ୟୁ) : ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ସାଆନ୍ତା ମା ବଘେଇ କ୍ରିକେଟ ଖେଳ ପଡିଆରେ ସ୍ୱସ୍ତିକ କ୍ଲବ ଆନୁକୂଲ୍ୟରେ ସ୍ୱନସର୍ ପାଇକରାୟ ଷ୍ଟୋନ ଓ ସର୍ବେଶ୍ୱର ଟେର୍ଡସ ଦ୍ୱାରା ଆୟୋଜିତ ହୋଇଥିବା ବୁଧବାରର ମ୍ୟାଚରେ ମା ମଙ୍ଗଳା ଏକାଦଶ ଓ ବାବା ୱାରିୟିସ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା ପ୍ରଥମେ ମା' ମଙ୍ଗଳା ଏକାଦଶ ଦଳ ବ୍ୟାଟିଂ କରି ୧୦ ଓଭର ଖେଳି ୯ ୱିକେଟ୍ ବିନିମୟରେ ୮୪ ରନ୍ କରିଥିଲା । ଦଳ ତରଫରୁ ସରୋଜ ପରିଡା ୧୭ ବଲରୁ୧୮ ରନ କରିଥିଲେ । ଜବାବରେ ବାବା ୱାରିୟିସ୍ ୧୦ ଓଭର ଖେଳି ୩ ୱିକେଟ୍ ହରାଇ ୭୮ ରନ୍ କରିଥିଲା । ଦଳ ତରଫରୁ ସଞ୍ଜୟ ହରିଚନ୍ଦନ ୧୭ ବଲରୁ ୨୫ ରନ କରିଥିଲେ । ଫଳରେ ମା' ମଙ୍ଗଳା ଏକାଦଶ ୬ ରନରେ ବିଜୟୀ ହୋଇଥିଲେ । ମା' ମଙ୍ଗଳା ଏକାଦଶ ଦଳର ସୁବ୍ରତ ମଲ୍ଲ ୧୯ ବଲରୁ ୧୯ କରି ୨ ଓଭର ବୋଲିଂ କରି ୧ ୱିକେଟ ନେଇ ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ ଏବଂ ଦ୍ୱିତୀୟ ମ୍ୟାଚଟି ପାଇକ ଫାଇର୍ଟସ ଓ ମହାକାଳ ମାଇନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମହାକାଳ ମାଇନ୍ସ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ସମସ୍ତ ୱିକେଟ୍ ହରାଇ ୨୯ ରନ୍ କରିଥିଲେ । ଦଳ ତରଫରୁ ଆଶିଷ ଚମ୍ପତିରାୟ ୭ ବଲରୁ ୮ ରନ କରିଥିଲେ । ଜବାବରେ ପାଇକ ଫାଇର୍ଟସ ଦଳ ୩ ଓଭରରେ ୩୦ କରିଥିଲା । ଫଳରେ ପାଇକ ଫାଇର୍ଟସ ୯ ୱିକେଟ୍ ରେ ବିଜୟୀ ହୋଇଥିଲେ ।

ଫଟୋ : ଅତୁଲ୍ୟ

ଦଳର ସ୍ୱାଧୀନ ମଙ୍ଗରାଜ ୬ ବଲରୁ ୧୪ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ଖେଳ ପରିଚାଳନା ଦାୟିତ୍ୱରେ ଥିଲେ ସୁଶାନ୍ତ ପରିଡ଼ା, ହେମନ୍ତ ରାଉତ । ସ୍କୋରର ଦାୟିତ୍ୱରେ ଥିଲେ ଦିନେଶ ମହାରଥି । ମୁଖ୍ୟଅତିଥି ସମିତି ସଭ୍ୟ ପ୍ରତିନିଧି ବିଭୁପ୍ରସାଦ ବଳିୟାରସିଂହ, ନାଏବ ସରପଞ୍ଚ ସମ୍ୟରଞ୍ଜନ ସ୍ୱାଇଁ, ସୁଶାନ୍ତ ସୁନ୍ଦରାୟ, ଭରତ ସିଂ, ମଦନମୋହନ ସ୍ୱାଇଁ, ରାଜ କିଶୋର ମଙ୍ଗରାଜ, ଶୁଭପ୍ରସାଦ ରଣସିଂହ, ବିପ୍ଳନ୍ ଜ୍ୟୋତି ରାଉତରାୟ, ଦେବଜିତ ରଣସିଂହ, ଆକାଶ ମହାପାତ୍ର, ସୁଶାନ୍ତ ଝୁଜାରସିଂହ, ଇଶ୍ୱର ପାଇକରାୟ, ଦିପୁ ଅରିସଲ, ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଲୋକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541